ନବ ଭୂଗୋଳ

ଦ୍ୱିତୀୟ ଭାଗ

Digitized by PPRACHIN, SOA

ଓଡ଼ିଶା ଶିକ୍ଷାବିଭାଗର ୬।୧୨।୧୯୫୨ ତାରିଖର (G. O. No. 8311)
ପ୍ରାଥମିକ ସ୍କୁଲମାନଙ୍କ ପାଇଁ ଉଦ୍ଦିଷ୍ଟ ପରିବର୍ତ୍ତିତ ସିଲାବସ୍
ଅନୁଯାୟୀ ଲିଖିତ Teachers'Hand Book.

ମଧ୍ୟ-ଭୂଗୋଳ

ଦ୍ୱିତୀୟ ଭାଗ

(ପଞ୍ଚମଶ୍ରେଣୀ ନିମନ୍ତେ)

ଲେଖକ ଗଣ—

ଶ୍ରୀ ଲୋକନାଥ ନନ୍ଦ

ଶ୍ରୀ କାଶୀନାଥ ନାୟକ

ଶ୍ରୀ ବିଶ୍ୱନାଥ ନାୟକ

ଅଧ୍ୟାପକ ଶ୍ରୀଧର ଦାସ, ଏମ୍. ଏ, ଡି. ଇଡ୍.

ନୂତନ ସଂସ୍କରଣ

ପ୍ରକାଶକ

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବ୍ରହ୍ମପୁର: କଟକ: ସମ୍ବଲପୁର

ମୂଲ୍ୟ ବାର ଅଣା   ଅତିରିକ୍ତ ଛଅ ଅଣା

Digitized by PPRACHIN, SOA

ଶିକ୍ଷାକ୍ଷେତ୍ରରେ ପୂର୍ଣ୍ଣ ବିପ୍ଳବ ସୃଷ୍ଟି କରି
ପ୍ରକାଶ ପାଇଲା

୧୯୫୨ ମସିହାର ପରିବର୍ତ୍ତିତ ସିଲବସ୍ ଅନୁଯାୟୀ ଲିଖିତ

ନବ ଇତିହାସ

ପ୍ରଥମ ଭାଗ — ଚତୁର୍ଥ ଶ୍ରେଣୀ ପାଇଁ ଠ୦୳୵
ଦ୍ୱିତୀୟ ଭାଗ — ପଞ୍ଚମ ଶ୍ରେଣୀ ପାଇଁ ଠ୦୳୵

ଲେଖକଗଣ—

ଶ୍ରୀ ଲୋକନାଥ ନନ୍ଦ   ଶ୍ରୀ କାଶୀନାଥ ନାୟକ
ଅଧ୍ୟାପକ ଶ୍ରୀଧର ଦାସ ଏମ୍. ଏ., ବି. ଇଡ୍.

ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ବାସ୍ତବ ଅନୁଭୂତି ହାସଲ କରିଥିବା ଦୁଇ ଜଣ ପ୍ରବୀଣ ଶିକ୍ଷକ ଓ ଜଣେ ଭୂତପୂର୍ବ ହାଇସ୍କୁଲ୍ ହେଡ୍‌ମାଷ୍ଟର ଏବଂ ଭାଷାବିତ୍ ଅଧ୍ୟାପକଙ୍କ ସମୂହ ଚେଷ୍ଟାରେ ଏ ବହି ଦୁଇଟି ଠିକ୍ ସିଲବସ୍ ଅନୁଯାୟୀ ଲିଖିତ । ଇତିହାସ ଶିକ୍ଷାପ୍ରଣାଳୀରେ ଏଥିଦ୍ୱାରା ସମ୍ପୂର୍ଣ୍ଣ ନୂତନ ପନ୍ଥା ଦେଖାଇ ଦିଆଯାଇଛି ଏବଂ ବୃତ୍ତି ପରୀକ୍ଷାର ପ୍ରଶ୍ନଗୁଡ଼ିକ ବିସ୍ତୃତ ଭାବେ ଦିଆଯାଇ ସେହି ଅନୁଯାୟୀ ପଠିତ ବିଷୟକୁ ଚର୍ଚ୍ଚିତ କରାଯାଇଛି ।

Digitized by PPRACHIN, SOA

ସୂଚୀ

ବିଷୟ	ପୃଷ୍ଠା
୧ । ପୃଥିବୀର ଅବସ୍ଥିତି, ଆକାର ଓ ଗତି	୧
୨ । ଗ୍ଲୋବ ଓ ମାନଚିତ୍ର	୮
୩ । ପୃଥିବୀରେ ଭାରତର ସ୍ଥାନ	୧୨
୪ । ଭାରତର ନଦୀ ସମୂହ	୨୦
୫ । ଭାରତର ଜଳସେଚନ	୨୮
୬ । ଭାରତର ଶିଳ୍ପ	୩୬
୭ । ଭାରତର ଖଣିଜ ପଦାର୍ଥ	୪୦
୮ । ଭାରତର ଗମନାଗମନ ପଥ	୪୩
୯ । ରାଷ୍ଟ୍ରୀୟ ବିଭାଗ	୪୯
୧୦ । ଭାରତର ଆମଦାନୀ ଓ ରପ୍ତାନୀ ଦ୍ରବ୍ୟ	୫୯
୧୧ । ଓଡ଼ିଶାର ଅବସ୍ଥିତି ଓ ପ୍ରାକୃତିକ ବିଭାଗ	୬୧
୧୨ । ଓଡ଼ିଶାର ଜଳବାୟୁ, ଅଧିବାସୀ, ଜଳସେଚନ ପ୍ରଣାଳୀ, ଜଙ୍ଗଲ ଓ ଖଣିଜ ଦ୍ରବ୍ୟ	୭୪
୧୩ । ଓଡ଼ିଶାର ରେଲରାସ୍ତା, ସଡ଼କ, ଜଳପଥ ଓ ଆକାଶ ପଥ	୮୬
୧୪ । ଓଡ଼ିଶାର ଶିଳ୍ପ-ସମ୍ପଦ	୯୦
୧୫ । ଓଡ଼ିଶାର ରାଜନୈତିକ ବିଭାଗ (୧) — କଟକ ଜିଲ୍ଲା, ପୁରୀ ଜିଲ୍ଲା	୯୬
୧୬ । ଓଡ଼ିଶାର ରାଜନୈତିକ ବିଭାଗ (୨) — ବାଲେଶ୍ୱର ଜିଲ୍ଲା, ସମ୍ବଲପୁର ଜିଲ୍ଲା, ଗଞ୍ଜାମ ଜିଲ୍ଲା, କୋରାପୁଟ ଜିଲ୍ଲା, ଢେଙ୍କାନାଳ ଜିଲ୍ଲା	୧୧୨

Digitized by PPRACHIN, SOA

ବିଷୟ		ପୃଷ୍ଠା
୧୭ ।	ଓଡ଼ିଶାର ରାଜନୈତିକ ବିଭାଗ (୩) ସୁନ୍ଦରଗଡ଼ ଜିଲ୍ଲା, ଫୁଲବାଣି ଜିଲ୍ଲା, ବଲାଙ୍ଗୀର ପାଟଣା ଜିଲ୍ଲା କଲାହାଣ୍ଡି ଜିଲ୍ଲା, କେନ୍ଦୁଝର ଜିଲ୍ଲା, ମୟୂରଭଞ୍ଜ ଜିଲ୍ଲା	୧୩୫

Digitized by PPRACHIN, SOA

ନବ ଭୂଗୋଳ

ପ୍ରଥମ ଅଧ୍ୟାୟ

ପୃଥିବୀର ଅବସ୍ଥିତି, ଆକାର ଓ ଗତି

ସୌର ଜଗତ ମଧ୍ୟରେ ପୃଥିବୀ ଗୋଟିଏ ଗ୍ରହ । ପ୍ରତ୍ୟେକ ଗ୍ରହ ନିଜର ଯେଉଁ ନିର୍ଦ୍ଦିଷ୍ଟ ପଥରେ ସୂର୍ଯ୍ୟର ଚାରିପାଖେ ବୁଲେ, ସେହି ପଥକୁ ସେହି ଗ୍ରହର କକ୍ଷ କହନ୍ତି । ପୃଥିବୀ ନିଜର କକ୍ଷ ଉପରେ ସୂର୍ଯ୍ୟ ଚାରିପାଖେ ବୁଲୁଅଛି ।



[ସୌର ଜଗତରେ ପୃଥିବୀ]

ଆକାର—ଆଗେ ଲୋକେ ଭାବୁଥିଲେ ଯେ ପୃଥିବୀର ଆକାର ଥାଳୀପରି ସମତଳ ଓ ଚେପା । ପରେ ଜଣା ପଡ଼ଅଛି ଯେ ଏହାର

Digitized by PPRACHIN, SOA

ଆକାର କମଳାଲେମ୍ବୁପରି ଗୋଲ ଅଟେ । ବୈଜ୍ଞାନିକମାନେ ସ୍ଥିର କରିଛନ୍ତି ଯେ ପ୍ରଥମେ ଏହି ପୃଥିବୀ ସୂର୍ଯ୍ୟର ଏକ ଅଂଶ ଥିଲା । ସୂର୍ଯ୍ୟରୁ ଖଣ୍ଡେ ଛିଡ଼ିପଡ଼ି ତାହାର ଚାରିପାଖେ ବୁଲିବାକୁ ଲାଗିଲା । ସେତେବେଳେ ଏହା ସୂର୍ଯ୍ୟପରି ଜ୍ୱଳନ୍ତ ଅଗ୍ନିମୟ ପିଣ୍ଡ ଥିଲା । କାଳକ୍ରମେ ଏହାର ଉପରିଭାଗ ଶୀତଳ ହୋଇ ମନୁଷ୍ୟ ଓ ଜୀବଜନ୍ତୁର ବାସୋପଯୋଗୀ ହୋଇଅଛି । କମଳା ଲେମ୍ବୁର ଉପର ଓ ତଳଅଂଶ ସାମାନ୍ୟ ଚେପ୍ଟା ହେଲାପରି ପୃଥିବୀର ଉତ୍ତର ଓ ଦକ୍ଷିଣ ଅଂଶ ସାମାନ୍ୟ ଚେପ୍ଟା ଅଟେ । ପୃଥିବୀର ଆକାର ଗୋଲ । ଏହାର କେତେକ ପ୍ରମାଣ ତଳେ ଦିଆଗଲା ।

(୧) ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼ିଲେ ଚନ୍ଦ୍ର ଗ୍ରହଣ ହୁଏ । ପୃଥିବୀର ଯେଉଁ ଛାୟା ଚନ୍ଦ୍ର ଉପରେ ପଡ଼େ ତାହା ଗୋଲ ଅଟେ । ଗୋଲ ଜିନିଷର ଛାଇ ଗୋଲ ହେବ । ଚନ୍ଦ୍ର ଉପରେ ପଡ଼ୁଥିବା ଛାୟା ଗୋଲ ହୋଇଥିବାରୁ ପୃଥିବୀ ନିଶ୍ଚୟ ଗୋଲ ବୋଲି ସହଜରେ ଜଣାଯାଏ ।

(୨) ଯଦି କୌଣସି ନାବିକ ଗୋଟିଏ ନିର୍ଦ୍ଦିଷ୍ଟ ବନ୍ଦରରୁ ଦିଗ ପରିବର୍ତ୍ତନ ନ କରି ପୂର୍ବ ବା ପଶ୍ଚିମ ମୁହାଁ ହୋଇ ସିଧାଭାବରେ ଗତି କରେ, ତେବେ କିଛି ଦିନ ପରେ ସେ ଯେଉଁ ସ୍ଥାନରୁ ବାହାରିଥିବ ସେହି ସ୍ଥାନରେ ଆସି ପହଞ୍ଚିବ । ଯଦି ପୃଥିବୀ ଗୋଲ ହୋଇ ନ ଥାନ୍ତା, ନାବିକ କଦାପି ତାର ପୂର୍ବ ସ୍ଥାନରେ ଆସି ପହଞ୍ଚି ପାରନ୍ତା ନାହିଁ । ପୃଥିବୀ ଗୋଲ ହୋଇଥିବାରୁ ଏହା ସମ୍ଭବ ହୋଇପାରୁଛି ।

(୩) ସମାନ ଲମ୍ବ ବିଶିଷ୍ଟ ତିନି ଖଣ୍ଡ ବାଉଁଶ ନେଇ ଗୋଟିଏ ଖୋଲା ବିସ୍ତୃତ ସମତଳ ପଡ଼ିଆରେ ଅଧମାଇଲ ଅନ୍ତରରେ ଏକ ସରଳ-

Digitized by PPRACHIN, SOA

ରେଖାରେ ଯୋଡ଼ ଦୂରରେ ଠିଆ ହୋଇ ଲକ୍ଷ୍ୟ କଲେ ଦେଖାଯିବ ଯେ ପ୍ରଥମ ଓ ତୃତୀୟ ବାଉଁଶଠାରୁ ମଝି ବାଉଁଶଟି ଟିକିଏ ଉଚ୍ଚ ଦେଖାଯାଉଛି । ପୃଥିବୀ ଠିକ୍ ସମତଳ ହୋଇଥିଲେ ସବୁଗୁଡ଼ିକ ସମାନ ଉଚ୍ଚ ଦେଖାଯାନ୍ତେ । ପୃଥିବୀ ଗୋଲ ହୋଇ ନ ଥିଲେ ମଝିଟି ଉଚ୍ଚ ଦେଖାଯାନ୍ତା ନାହିଁ ।

(୪) ପୃଥିବୀ ଗୋଟିଏ ଗ୍ରହ । ବୁଧ, ମଙ୍ଗଳ ପ୍ରଭୃତି ସବୁ ଗ୍ରହ ଗୋଲ ଦେଖାଯାନ୍ତି । ଏଣୁ ପୃଥିବୀ ମଧ୍ୟ ଗୋଲ ଅଟେ ।

[ମଙ୍ଗଳ ଗ୍ରହ]

(୫) ଯେତେବେଳେ ସମୁଦ୍ର କୂଳଆଡ଼କୁ କୌଣସି ଜାହାଜ ଆସୁଥାଏ ସେତେବେଳେ ପ୍ରଥମେ ତାର ମାସ୍ତୁଲ ଦେଖାଯାଏ । ପରେ ତାର ମଧ୍ୟାଂଶ ଓ ଶେଷରେ ନିମ୍ନାଂଶ ଦୃଷ୍ଟିଗୋଚର ହୁଏ । ସେହିପରି କୂଳରୁ କୌଣସି ଜାହାଜ ସମୁଦ୍ର ମଧ୍ୟକୁ ଯାଉଥିବାବେଳେ ପ୍ରଥମେ ତାହାର ନିମ୍ନାଂଶ ଅଦୃଶ୍ୟ ହୋଇ କ୍ରମେ କ୍ରମେ ସମୁଦାୟ ଜାହାଜଟି

Digitized by PPRACHIN, SOA

ଅଦୃଶ୍ୟ ହୋଇଯାଏ । ଏହା ପୃଥିବୀ ଗୋଲ ହୋଇଥିବାର ଅନ୍ୟ ଏକ ପ୍ରମାଣ ।

ପୃଥିବୀର ଗତି—ଆମ୍ଭେମାନେ ପ୍ରତିଦିନ ଦେଖୁ ଯେ ସୂର୍ଯ୍ୟ ପୂର୍ବରେ ଉଦିତ ହୋଇ ପଶ୍ଚିମରେ ଅସ୍ତ ହୁଏ । ଏଥିରୁ ଲୋକଙ୍କର ଧାରଣା ହୋଇଥିଲା ଯେ ସୂର୍ଯ୍ୟ ବୁଲୁଅଛି ଓ ପୃଥିବୀ ସ୍ଥିର ଅଛି । ରେଲଗାଡ଼ି ବା ନୌକାରେ ଯିବାବେଳେ ତୁମ୍ଭେ ଦେଖିଥିବ ଯେ ଗାଡ଼ି ବା ନୌକା ଯେଉଁ ଦିଗକୁ ଗତି କରୁଥାଏ, ତାର ବିପରୀତ ଦିଗକୁ ଉଭୟ ପାଖର ବୃକ୍ଷ, ଗୃହ, ବିଲ, ପ୍ରାନ୍ତର ପ୍ରଭୃତି ଗତି କଲାପରି ଜଣାଯାଏ । ସେହିପରି ପ୍ରକୃତରେ ପୃଥିବୀ ଗତି କରୁଛି ଓ ସୂର୍ଯ୍ୟ ନିଜ ସ୍ଥାନରେ ସ୍ଥିର ଅଛି । ପୃଥିବୀ ତାର ମେରୁଦଣ୍ଡର ଚାରି-ପାଖରେ ପଶ୍ଚିମରୁ ପୂର୍ବକୁ ବୁଲୁଥିବାରୁ ସୂର୍ଯ୍ୟ ପୂର୍ବ ଦିଗରେ ଉଦିତ ହୋଇ ପଶ୍ଚିମ ଦିଗରେ ଅସ୍ତ ହେଲାପରି ଜଣାଯାଏ । ପୃଥିବୀର ଏହିପରି ଦୁଇ ପ୍ରକାର ଗତି ଅଛି । (୧) ଆହ୍ନିକ ବା ଦୈନିକ ଗତି (୨) ବାର୍ଷିକ ଗତି ।

ଆହ୍ନିକ ଗତି—ପୃଥିବୀ ମେରୁଦଣ୍ଡ ଉପରେ ନିଜ ଚାରିପାଖରେ ଥରେ ବୁଲି ଆସିବାକୁ ୨୪ ଘଣ୍ଟା ଲାଗେ । ଏହି ଗତିକୁ ପୃଥିବୀର ଆହ୍ନିକ ବା ଦୈନିକ ଗତି କହନ୍ତି । ଏହା ଫଳରେ ଦିନ ଓ ରାତି ହୁଏ । ପୃଥିବୀର ଉତ୍ତର ଓ ଦକ୍ଷିଣ ପ୍ରାନ୍ତକୁ ଯୋଗ କରୁଥିବା ଯେଉଁ କଳ୍ପିତ ରେଖାର ଚାରିପାଖେ ପୃଥିବୀ ଘୂରୁଅଛି, ତାହାକୁ ପୃଥିବୀର ଅକ୍ଷ ବା ମେରୁଦଣ୍ଡ କହନ୍ତି ।

ଗୋଟିଏ ଆଲୋକ ଆଗରେ ଗୋଟିଏ ଭେଣ୍ଟା ବା ଅନ୍ୟ କୌଣସି ଗୋଲାକାର ପଦାର୍ଥ ରଖିଲେ ଦେଖିବ ଯେ ଆଲୋକ

Digitized by PPRACHIN, SOA

ଆଡ଼କୁ ଥିବା ଅର୍ଦ୍ଧାଂଶ ଆଲୋକିତ ହୋଇଛି ଓ ଅନ୍ୟ ଅର୍ଦ୍ଧାଂଶ ଅନ୍ଧକାରରେ ଅଛି । ଠିକ୍ ସେହିପରି ପୃଥିବୀ ସୂର୍ଯ୍ୟଙ୍କୁ ଆଗରେ ରଖି ବୁଲୁଛି । ପୃଥିବୀ ତ ଗୋଲ । ତେଣୁ ବୁଲିଲାବେଳେ ପୃଥିବୀର ଯେଉଁ ଅର୍ଦ୍ଧାଂଶ ସୂର୍ଯ୍ୟ ସମ୍ମୁଖରେ ରହେ ତାହା ଆଲୋକିତ ହୁଏ । ସେହି ଅଂଶରେ ଦିନ ହୁଏ ଓ ଅନ୍ୟ ଅର୍ଦ୍ଧାଂଶ ସୂର୍ଯ୍ୟାଲୋକ ନ ପାଇବାରୁ ସେଠାରେ ରାତି ହୁଏ । ଏହାହିଁ ପୃଥିବୀର ଦୈନିକ ଗତିର ଫଳ । ପୃଥିବୀ ସ୍ଥିର ନ ରହି ସବୁବେଳେ ବୁଲୁଥିବାରୁ ପୃଥିବୀର ଯେ କୌଣସି ସ୍ଥାନରେ ଦିନପରେ ରାତି ଓ ରାତିପରେ ଦିନ ହୁଏ ।



[ଦିନରାତି କେଉଁ ପ୍ରଣାଳୀରେ ହୁଏ]

ବାର୍ଷିକ ଗତି— ପୃଥିବୀ ନିଜ ମେରୁଦଣ୍ଡ ଚାରିପାଖରେ ବୁଲି ବୁଲି ୩୬୫ ଦିନ ୬ ଘଣ୍ଟାରେ ଥରେ ସୂର୍ଯ୍ୟଙ୍କର ଚାରିପଟେ ବୁଲି-ଆସେ । ପୃଥିବୀ ଯେଉଁ ବାଟେ ଦେଇ ସୂର୍ଯ୍ୟ ଚାରିପଟରେ ବୁଲେ ତାହା ଗୋଲାକାର ନ ହୋଇ ଲମ୍ବାକାର ଅଟେ । ତେଣୁ ପୃଥିବୀ ସର୍ବଦା ସୂର୍ଯ୍ୟଙ୍କଠାରୁ ସମାନ ଦୂରରେ ନ ରହି କେତେବେଳେ ନିକଟରେ

Digitized by PPRACHIN, SOA

ବା କେତେବେଳେ ଦୂରରେ ରହେ । ଫଳରେ କେତେବେଳେ ବେଶୀ ଆଲୋକ ଓ ଉତ୍ତାପ ମିଳେ, କେତେବେଳେ ବା କମ୍ ପରିମାଣରେ ମିଳେ । ପୃଥିବୀର ଏପ୍ରକାର ଗତିକୁ ବାର୍ଷିକ ଗତି କହନ୍ତି ।



[ଋତୁ ପରିବର୍ତ୍ତନ]

ପୃଥିବୀର ମେରୁଦଣ୍ଡଟି ସିଧାଭାବରେ ରହି ନାହିଁ । ସେ ସୂର୍ଯ୍ୟଙ୍କ ଚାରିଆଡ଼େ ବୁଲିବା ସମୟରେ ମେରୁଦଣ୍ଡଟି ଅଳ୍ପ ପରିମାଣରେ ଅଣେଇ ହୋଇଥାଏ । ଏଣୁ କେତେକ ସମୟରେ ଉତ୍ତର ମେରୁ ସୂର୍ଯ୍ୟ ଆଡ଼କୁ ଢଳିରହେ । ଅନ୍ୟ କେତେକ ସମୟରେ ଦକ୍ଷିଣ ମେରୁଟି ସୂର୍ଯ୍ୟ ଆଡ଼କୁ ଢଳି ରହେ । ଯେତେବେଳେ ଉତ୍ତର ମେରୁଟି ସୂର୍ଯ୍ୟଙ୍କ ଆଡ଼କୁ ଢଳି ରହିଥାଏ, ସେତେବେଳେ ଉତ୍ତର ଗୋଲାର୍ଦ୍ଧରେ ପ୍ରାୟ ସବୁ ଅଂଶ ଆଲୋକିତ ହୁଏ (ମାର୍ଚ୍ଚ ୨୧ ତାରିଖରୁ ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ) ଦିନ ବଡ଼, ରାତି ସାନ ହୁଏ । ଏତେବେଳେ ଦକ୍ଷିଣ ଗୋଲାର୍ଦ୍ଧରେ ଏହାର ଠିକ୍ ଓଲଟା ଅବସ୍ଥା ହୁଏ । ଦକ୍ଷିଣ ଗୋଲାର୍ଦ୍ଧର ଅନେକ ସ୍ଥାନ ସୂର୍ଯ୍ୟାଲୋକ ପାଏ ନାହିଁ । ତାହାର ଫଳରେ ସେଠାରେ ଦିନ ସାନ ଏବଂ ରାତି ବଡ଼ ହୁଏ ।

Digitized by PPRACHIN, SOA

ଅଳ ମଧ୍ୟ ସେପ୍ଟେମ୍ବର ୨୩ ତାରିଖ ଠାରୁ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଉତ୍ତରମେରୁ ସୂର୍ଯ୍ୟଠାରୁ ଦୂରକୁ ଢଳି ରହିବା ଫଳରେ ଦକ୍ଷିଣ ଗୋଲାର୍ଦ୍ଧ ବେଶୀ ଆଲୋକିତ ହୁଏ । ତେଣୁ ଏଠାରେ ଦିନ ବଡ଼ ହୁଏ ଓ ରାତି ସାନ ହୁଏ । ଏ ସମୟରେ ଦକ୍ଷିଣ ଗୋଲାର୍ଦ୍ଧରେ ଗ୍ରୀଷ୍ମ କାଳ ହୁଏ ଓ ଉତ୍ତର ଗୋଲାର୍ଦ୍ଧରେ ଶୀତ କାଳ ହୁଏ ।



[ପୃଥିବୀର କକ୍ଷ]

ମାର୍ଚ୍ଚ ୨୧ ତାରିଖ ଓ ସେପ୍ଟେମ୍ବର ୨୩ ତାରିଖରେ ପୃଥିବୀର ସର୍ବତ୍ର ଦିନ ରାତି ସମାନ ହୁଏ ।

ଏଣୁ ପୃଥିବୀ ସୂର୍ଯ୍ୟ ଚାରିପାଖରେ ବୁଲିବା ଦ୍ୱାରା ଋତୁ ପରିବର୍ତ୍ତନ ଘଟେ ।

ଅନୁଶୀଳନୀ

୧ । 'ପୃଥିବୀ ଗୋଲ' ଏହାର ୩ ଗୋଟି ପ୍ରମାଣ ଦିଅ ।

୨ । ପୃଥିବୀର କେତୋଟି ଗତି ଅଛି ? କେଉଁ ଗତିଦ୍ୱାରା କି କି ପରିବର୍ତ୍ତନ ଘଟେ ?

Digitized by PPRACHIN, SOA

୩ । ଶୂନ୍ୟସ୍ଥାନଗୁଡ଼ିକ ପୂର୍ଣ୍ଣ କର :—

(କ) ମାର୍ଚ୍ଚ—ଓ ସେପ୍ଟେମ୍ବର—ତାରିଖରେ ପୃଥିବୀର ସବୁଠି ଦିନ ରାତି ସମାନ । (ଖ) ପୃଥିବୀ ସୂର୍ଯ୍ୟର—ବୁଲିବା ଦ୍ୱାରା ଋତୁ—ଘଟେ । (ଗ) ପୃଥିବୀ ନିଜ ମେରୁଦଣ୍ଡ ଚାରିପାଖରେ ଥରେ ବୁଲି ଆସିବାକୁ—ଲାଗେ ।

୪ । କଅଣ ହୁଅନ୍ତା ?

(କ) ଯଦି ପୃଥିବୀ ଅକ୍ଷ ବା ମେରୁଦଣ୍ଡ ଚାରିପାଖେ ଘୂରୁ ନ ଥାନ୍ତା ।

(ଖ) ଯଦି ପୃଥିବୀ ମେରୁଦଣ୍ଡ ଚାରିପାଖେ ଘୂରୁଥାନ୍ତା, କିନ୍ତୁ ସୂର୍ଯ୍ୟର ଚାରିପାଖେ ବୁଲୁ ନ ଥାନ୍ତା ।

(ଗ) ଯଦି ପୃଥିବୀ ନିଜ ଚାରିପାଖେ ଘୂରୁ ନ ଥାନ୍ତା କିମ୍ବା ସୂର୍ଯ୍ୟ ଚାରିପାଖେ ବୁଲୁ ନ ଥାନ୍ତା ।

ଦ୍ୱିତୀୟ ଅଧ୍ୟାୟ

ଗ୍ଲୋବ୍ ଓ ମାନଚିତ୍ର

ପୃଥିବୀର ଆକୃତି ଏବଂ ଏହା ଉପରେ ଥିବା ଜଳ ଓ ସ୍ଥଳଭାଗ ବିଷୟ ଶିକ୍ଷା କରିବା ପାଇଁ ଆମ୍ଭେମାନେ ପୃଥିବୀର ଯେଉଁ ଗୋଲାକାର ପ୍ରତିକୃତି ବ୍ୟବହାର କରୁଁ, ତାହାକୁ ଗ୍ଲୋବ୍ କୁହାଯାଏ । ଏହା ଉପରେ ଜଳଭାଗ ଓ ସ୍ଥଳଭାଗ ଚିହ୍ନାଇ ଦିଆଯାଇଥାଏ । କେତେକ ଗ୍ଲୋବ୍ ଉପରେ ବିଭିନ୍ନ ଦେଶ, ପାହାଡ଼, ନଦୀ ପ୍ରଭୃତି ମଧ୍ୟ ଦେଖାଇ ଦିଆ ହୋଇଥାଏ ।

Digitized by PPRACHIN, SOA

କାଗଜ ଉପରେ ପୃଥିବୀର ବା ତାର କୌଣସି ଅଂଶର ଚିତ୍ରକୁ ମାନଚିତ୍ର କହନ୍ତି । ପ୍ରତି ମାନଚିତ୍ରରେ ମାନ ବା ପରିମାଣ ଦିଆ ଯାଇଥାଏ । ସେଥିରୁ ଆମ୍ଭେମାନେ ଗୋଟିଏ ସ୍ଥାନଠାରୁ ଅନ୍ୟ ସ୍ଥାନର ପ୍ରକୃତ ଦୂରତା କେତେ ବା ଗୋଟିଏ ଦେଶର ବିସ୍ତାର କେଉଁ ଦିଗରେ କେତେ, ତାହା ହିସାବ କରି ଜାଣିପାରୁଁ ।



[ଗ୍ଲୋବ]

ବିଷୁବ ବୃତ୍ତ—ଉତ୍ତର ଓ ଦକ୍ଷିଣ ମେରୁଠାରୁ ସମାନ ସମାନ ଦୂରରେ ପୃଥିବୀର ଠିକ୍ ମଧ୍ୟ ଭାଗରେ ଯେଉଁ କଳ୍ପିତ ବୃତ୍ତଟି ଟଣା ଯାଇଛି, ତାକୁ ନିରକ୍ଷ ବୃତ୍ତ ବା ବିଷୁବ ବୃତ୍ତ କହନ୍ତି । ଏହି ରେଖା ଯେଉଁ ଯେଉଁ ସ୍ଥାନ ଉପର ଦେଇ ଯାଇଛି ସେଠାରେ ବର୍ଷସାରା ଦିନ ରାତି ସମାନ ହୁଏ ।

ସୁମେରୁ ଓ କୁମେରୁ—ମେରୁଦଣ୍ଡର ଉତ୍ତରସ୍ଥ ଶୀର୍ଷ ବିନ୍ଦୁର ନାମ ସୁମେରୁ ବା ଉତ୍ତର ମେରୁ ଓ ତାହାର ଦକ୍ଷିଣସ୍ଥ ସର୍ବନିମ୍ନ ବିନ୍ଦୁର ନାମ କୁମେରୁ ବା ଦକ୍ଷିଣ ମେରୁ ଅଟେ ।

Digitized by PPRACHIN, SOA

ଅକ୍ଷାଂଶ—ବିଷୁବ ରେଖା ସହିତ ସମାନ୍ତର ଭାବରେ ପୃଥିବୀକୁ ପୂର୍ବ ପଶ୍ଚିମ ଭାବରେ ଘେରିଥିବା କଳ୍ପିତ ବୃତ୍ତଗୁଡ଼ିକୁ

ପୃଥିବୀର ତାପ ବଳୟ



[ପୃଥିବୀର ମେରୁଦ୍ୱୟ]

ଅକ୍ଷରେଖା କହନ୍ତି। ବିଷୁବ ବୃତ୍ତଠାରୁ ସମାନ ସମାନ ଦୂରରେ ଉତ୍ତର ମେରୁ ପର୍ଯ୍ୟନ୍ତ ୯୦ଟି ଓ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ୯୦ଟି ବୃତ୍ତର କଳ୍ପନା କରାଯାଏ। ପ୍ରତ୍ୟେକ ବୃତ୍ତ ଅନ୍ୟଟି ଠାରୁ ଏକ ଡିଗ୍ରୀ ଦୂର ବୋଲି ଧରାଯାଏ।

ଦ୍ରାଘିମା—ଯେଉଁ କଳ୍ପିତ ରେଖା ପୃଥିବୀ ପୃଷ୍ଠରେ ବିଷୁବ-ରେଖାକୁ ଲମ୍ବ ଭାବରେ ଛେଦ କରି ଉତ୍ତର ମେରୁଠାରୁ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଟଣା ଯାଇଛି, ତାକୁ ଦ୍ରାଘିମା ରେଖା କହନ୍ତି। ବିଷୁବ ବୃତ୍ତକୁ ୩୬୦ ସମାନ ଅଂଶରେ ବିଭାଗ କରାଯାଇଥାଏ। ଏହି ପ୍ରତ୍ୟେକ ଅଂଶର ପରିମାଣ ଏକ ଡିଗ୍ରୀ। ଲଣ୍ଡନ ନିକଟସ୍ଥ ଗ୍ରୀନ୍‌ଉଇଚ ସହର ଉପରେ ଯେଉଁ ଦ୍ରାଘିମା ଯାଇଛି, ସେହିଠାରୁ ଦ୍ରାଘିମାର ଗଣନା ଆରମ୍ଭ ହୁଏ।

Digitized by PPRACHIN, SOA

ପୃଥିବୀକୁ ପୂର୍ବ ଗୋଲାର୍ଦ୍ଧ ଓ ପଶ୍ଚିମ ଗୋଲାର୍ଦ୍ଧ ଏପରି ଦୁଇ ଭାଗରେ ମଧ୍ୟ ବିଭକ୍ତ କରାଯାଇପାରେ । ଯେଉଁ ଅଧକରେ ଅଫ୍ରିକା, ଉତ୍ତର ଓ ଦକ୍ଷିଣ ଅମେରିକା ମହାଦେଶମାନ ଅଛି, ତାହାକୁ ପଶ୍ଚିମ ଗୋଲାର୍ଦ୍ଧ ଓ ଅନ୍ୟ ଅଧକୁ ପୂର୍ବ ଗୋଲାର୍ଦ୍ଧ କୁହାଯାଏ ।

ଅନୁଶୀଳନୀ

୧ । (କ) 'ଗ୍ଲୋବ୍' କହିଲେ ତୁମେ କଣ ବୁଝ ?

(ଖ) ମାନଚିତ୍ରରେ ପର୍ବତ, ରେଲ ରାସ୍ତା ଚିହ୍ନ କିପରି ଦିଆଯାଇଥାଏ ଦେଖାଅ ।

(ଗ) ଗ୍ଲୋବ୍ ଓ ମାନଚିତ୍ର ମଧ୍ୟରେ ପ୍ରଭେଦ କଅଣ ?

୨ । ଶୂନ୍ୟସ୍ଥାନ ପୂରଣ କର —

(କ)—ର ଉତ୍ତରସ୍ଥ ଶୀର୍ଷ ବିନ୍ଦୁର ନାମ—ଓ—ର ସର୍ବନିମ୍ନ ବିନ୍ଦୁର ନାମ କୁମେରୁ ଅଟେ ।

(ଖ)—ସହର ଉପରେ ଯେଉଁ ଦ୍ରାଘିମା ଯାଇଅଛି ସେହିଠାରୁ ଦ୍ରାଘିମାର ଗଣନା—ହୁଏ ।

୩ । ଅକ୍ଷାଂଶ, ଦ୍ରାଘିମା ଓ ମେରୁଦଣ୍ଡ କହିଲେ କଣ ବୁଝ ?

୪ । ଦକ୍ଷିଣ ଗୋଲାର୍ଦ୍ଧରେ ଶୀତଋତୁ ବେଳେ ଉତ୍ତର ଗୋଲାର୍ଦ୍ଧରେ କେଉଁ ଋତୁ ହେଉଥାଏ ? ଏପରି ହେବାର କାରଣ କଣ ?

୫ । ଗ୍ଲୋବ୍ ଦେଖି ଆଟଲାଣ୍ଟିକ ମହାସାଗରର ପାର୍ଶ୍ୱବର୍ତ୍ତୀ ଦେଶମାନଙ୍କର ନାମ ଲେଖ ।

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ପୃଥିବୀରେ ଭାରତର ସ୍ଥାନ

ଭାରତ ଏସିଆ ମହାଦେଶର ଦକ୍ଷିଣ ଭାଗରେ ଅବସ୍ଥିତ । ଏହା ୯ ଠାରୁ ୩୭ ଡିଗ୍ରୀ ଉତ୍ତର ଅକ୍ଷାଂଶ ମଧ୍ୟରେ ଅବସ୍ଥିତ । ଏହାର ପ୍ରାୟ ମଧ୍ୟସ୍ଥଳରେ କର୍କଟକ୍ରାନ୍ତି ଯାଇଅଛି । ଏହାର ଅର୍ଦ୍ଧାଂଶ ଗ୍ରୀଷ୍ମମଣ୍ଡଳ ମଧ୍ୟରେ ଓ ଅବଶିଷ୍ଟାଂଶ ଉତ୍ତର ସମକଟିବନ୍ଧ ମଧ୍ୟରେ ଅବସ୍ଥିତ । ତଥାପି ଏହା ଗ୍ରୀଷ୍ମକଟିବନ୍ଧରେ ଅବସ୍ଥିତ ବୋଲି ଧରାଯାଏ ।



[ପୃଥିବୀରେ ଭାରତ]

ଏହାର ଉତ୍ତରରେ ହିମାଳୟ ପର୍ବତଶ୍ରେଣୀ ଦୀର୍ଘ ପ୍ରାଚୀର ପରି ଦଣ୍ଡାୟମାନ ରହି ଏହାକୁ ଏସିଆ ମହାଦେଶରୁ ବିଚ୍ଛିନ୍ନ କରୁଅଛି । ଏହାର ଦକ୍ଷିଣରେ ଭାରତ ମହାସାଗର ଓ ସିଂହଳ ଦ୍ୱୀପ । ପଶ୍ଚିମରେ ଆରବସାଗର ଓ ପଶ୍ଚିମ ପାକିସ୍ଥାନ, ପୂର୍ବରେ ବ୍ରହ୍ମଦେଶ ଓ ବଙ୍ଗୋପସାଗର ଅବସ୍ଥିତ । ଉତ୍ତରରେ ଦୁର୍ଗମ ହିମାଳୟ ପର୍ବତ ସ୍ଥଳପଥରେ ବାହାର ଶତ୍ରୁମାନଙ୍କୁ ବାଧା ଦେଉଅଛି । ଦକ୍ଷିଣ, ପଶ୍ଚିମ ଓ ପୂର୍ବପାଖରେ ସମୁଦ୍ର ରହିଅଛି ।

Digitized by PPRACHIN, SOA

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରୁ ଭାରତବର୍ଷ ସ୍ୱାଧୀନତା ପାଇ ୧୯୫୮ ଜାନୁଆରୀ ୨୬ ଦିନଠାରୁ ଏକ ପୂର୍ଣ୍ଣ ସ୍ୱାଧୀନ ରାଷ୍ଟ୍ରରୂପେ ପରିଚିତ ହୋଇ ଆସୁଅଛି । ବର୍ତ୍ତମାନ ଏହା ଭାରତ ଓ ପାକିସ୍ଥାନ ନାମକ ଦୁଇଟି ରାଷ୍ଟ୍ରରେ ବିଭକ୍ତ ହୋଇଅଛି ।

ଭାରତରେ ଅସଂଖ୍ୟ କ୍ଷୁଦ୍ର ବୃହତ୍ ପର୍ବତଶ୍ରେଣୀ, ଉପତ୍ୟକା, ଅଧିତ୍ୟକା, ଅରଣ୍ୟ, ନଦୀ, ହ୍ରଦ, ଜଳପ୍ରପାତ, ବରଫମୟ ଉଚ୍ଚ ପର୍ବତମାନ ରହିଅଛି । ଭାରତକୁ ଗୋଟିଏ କ୍ଷୁଦ୍ର ପୃଥିବୀ କହିବାର ଏହା ମଧ୍ୟ ଏକ କାରଣ ଅଟେ ।

ଏହି ପ୍ରକାଣ୍ଡ ଦେଶର କ୍ଷେତ୍ରଫଳ ୧୨ ଲକ୍ଷ ୧୭ ହଜାର ବର୍ଗମାଇଲ ଓ ଲୋକସଂଖ୍ୟା ୩୫ କୋଟି ୬୮ ଲକ୍ଷ ୯୧ ହଜାର ୬୨୪ ଅଟେ ।

ଭାରତର ପ୍ରାକୃତିକ ବିଭାଗ—ଭାରତକୁ ଚାରିଟି ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇପାରେ । ୧—ହିମାଳୟ ପାର୍ବତ୍ୟ ପ୍ରଦେଶ, ୨—ଗାଙ୍ଗେୟ ସମତଳ ଭୂମି, ୩—ଦାକ୍ଷିଣାତ୍ୟର ମାଳଭୂମି, ୪—ଉପକୂଳସ୍ଥ ସମତଳ ଭୂମି ।

ଦକ୍ଷିଣ ଭାରତର ମାଳଭୂମି ଓ ଉପକୂଳସ୍ଥ ସମତଳ ଭୂମିରୁ କିଛି କିଛି ଅଂଶ ନେଇ ଆମ ଓଡ଼ିଶା ପ୍ରଦେଶ ଗଠିତ ହୋଇଅଛି ।

ହିମାଳୟ ପାର୍ବତ୍ୟ ପ୍ରଦେଶ—ଏହା ପ୍ରାକୃତିକ ଭାରତର ଉତ୍ତରାଂଶରେ ଅବସ୍ଥିତ । ଏହାର ଲମ୍ବ ପ୍ରାୟ ୧୫୦୦ ମାଇଲ ହେବ । ହିମାଳୟ ପର୍ବତଶ୍ରେଣୀ ପ୍ରାକୃତିକ ଭାରତର ପଶ୍ଚିମ, ଉତ୍ତର ଓ ପୂର୍ବ ଦିଗକୁ ବିସ୍ତୃତ ହୋଇ ରହିଅଛି । ଏହା ମଧ୍ୟରେ ଖାଇବର, ବୋଲାନ, ଗୋମାଲ ପ୍ରଭୃତି ଅନେକ ଗିରିପଥ ଅଛି । ଏହି ପଥସବୁ ଖୁବ୍ ସଂକୀର୍ଣ୍ଣ ଅଟେ । ଏହି ପାର୍ବତ୍ୟ ପଥ ଦେଇ

Digitized by PPRACHIN, SOA

ଅଫଗାନିସ୍ଥାନ ଓ ତିବ୍ବତ ସହିତ ସାମାନ୍ୟ ବାଣିଜ୍ୟ କାରବାର ହୁଏ । ଏହି ପ୍ରାକୃତିକ ବିଭାଗରେ ଅନେକ ଗିରିଶୃଙ୍ଗ ମଧ୍ୟ ରହିଅଛି । ଏମାନଙ୍କ ମଧ୍ୟରେ ଏଭରେଷ୍ଟ ଶୃଙ୍ଗ ଉଚ୍ଚ ଓ ପ୍ରଧାନ ଅଟେ । ଏହା ବ୍ୟତୀତ କାଞ୍ଚନଜଙ୍ଘା, ନନ୍ଦାଦେବୀ, ଧବଳଗିରି ପ୍ରଭୃତି ଉଚ୍ଚ



[ଦାର୍ଜିଲିଂଠାରୁ ଏଭରେଷ୍ଟର ଦୃଶ୍ୟ]

ଶୃଙ୍ଗମାନ ଅଛି । ଏଭରେଷ୍ଟର ଉଚ୍ଚତା ୨୯୧୪୧ ଫୁଟ ଅଟେ । ହିମାଳୟରେ ନୂଆ ନୂଆ ଶୃଙ୍ଗ ମଧ୍ୟ ସୃଷ୍ଟି ହେଉଅଛି । ଅତି ପ୍ରାଚୀନ କାଳରେ ହିମାଳୟ ନ ଥିଲା । ସେହି ସ୍ଥାନ ଗୋଟିଏ ଜଳଭାଗ ଥିଲା ବୋଲି ପଣ୍ଡିତମାନେ ପ୍ରମାଣ କରିଛନ୍ତି । ସେହି ଜଳଭାଗ ମଧ୍ୟରୁ ହିମାଳୟ ଜନ୍ମ ହୋଇ ଏତେ ବଡ଼ ହୋଇଛି । ହିମାଳୟ ପର୍ବତର ଏକ ଶାଖାରେ କୈଳାସ ପର୍ବତ ଅବସ୍ଥିତ ।

Digitized by PPRACHIN, SOA

ଏହାର ଉଚ୍ଚତା ୨୨୦୨୮ ଫୁଟ ଅଟେ । ଏହା ମଧ୍ୟରେ ଅନେକ ମଧୁର ଜଳବିଶିଷ୍ଟ ହ୍ରଦ ଦୃଷ୍ଟିଗୋଚର ହୁଏ । କୈଳାସ ନିକଟରେ ମନୋହର ମାନସରୋବର ଓ ରାକାସ ହ୍ରଦ ଦେଖାଯାଏ । କାଶ୍ମୀର ରାଜ୍ୟରେ ଅବସ୍ଥିତ ଉଲାର ଏବଂ ଡାଲ ହ୍ରଦ ଦ୍ୱୟର ଦୃଶ୍ୟ ଅତୀବ ରମଣୀୟ ଅଟେ ।

ଏହି ଅଞ୍ଚଳରେ ଅନେକ ସ୍ୱାସ୍ଥ୍ୟକର ଶୈଳନିବାସ ଅଛି । ସିମଲାରେ ଭାରତ ଓ ପୂର୍ବପଞ୍ଜାବ ସରକାରଙ୍କର ଗ୍ରୀଷ୍ମନିବାସ, ଦାର୍ଜିଲିଙ୍ଗରେ ପଶ୍ଚିମବଙ୍ଗ ସରକାରଙ୍କ ଗ୍ରୀଷ୍ମନିବାସ ଓ ନୈନିତାଲରେ ଉତ୍ତରପ୍ରଦେଶ ଲାଟଙ୍କର ଗ୍ରୀଷ୍ମନିବାସ ଅଛି । କସୌଲିରେ ପାଗଳା କୁକୁର ଓ ବିଲୁଆ କାମୁଡ଼ାର ଚିକିତ୍ସା ପାଇଁ ପ୍ରସିଦ୍ଧ ଡାକ୍ତରଖାନା ଅଛି ।

ହିମାଳୟ ପାଦଦେଶରେ ନିବିଡ଼ ଜଙ୍ଗଲମାନ ଦେଖାଯାଏ । ଏଥିରେ ଅସଂଖ୍ୟ ହିଂସ୍ରଜନ୍ତୁ ବାସ କରନ୍ତି । ଏହି ଜଙ୍ଗଲରୁ ବହୁ ପରିମାଣରେ କାଠ ଓ ଔଷଧ ସଂଗ୍ରହ କରାଯାଏ । ଚାହା ଏବଂ ସିନ୍‌କୋନା ଏହାର ନିମ୍ନାଂଶରେ ଚାଷ କରାଯାଏ । ଆସାମ ପ୍ରଭୃତି ପାହାଡ଼ିଆ ପ୍ରଦେଶରେ ପ୍ରଚୁର ଚାହା ବଗିଚା ଦେଖାଯାଏ । ଏଠାରୁ ପୃଥିବୀର ବଭିନ୍ନ ସ୍ଥାନକୁ ଚାହା ରପ୍ତାନୀ କରାଯାଏ ।

ଗାଙ୍ଗେୟ ସମତଳ ଭୂମି—ଏହି ଅଞ୍ଚଳଟି ଭାରତର ଉତ୍କୃଷ୍ଟ ଅଂଶ । ହିମାଳୟ ପର୍ବତ ଉପରେ ଜମା ହୋଇଥିବା ବରଫ ତରଳି ଏଥିରେ ଥିବା ନଦୀମାନଙ୍କୁ ଜଳ ଯୋଗାଏ । ବର୍ଷର କୌଣସି ଋତୁରେ ଏହି ବରଫପୁଷ୍ଟ ନଈଗୁଡ଼ିକ ଆଦୌ ଶୁଖନ୍ତି ନାହିଁ । ଏହି ନଦୀମାନଙ୍କ ମଧ୍ୟରେ ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ପ୍ରଧାନ । ଏମାନଙ୍କର ଅନେକ ଉପନଦୀ ଅଛନ୍ତି । ଏମାନେ

Digitized by PPRACHIN, SOA

ପାର୍ବତ୍ୟ ଅଞ୍ଚଳରୁ ପଙ୍କମାଟି ଆଣି ଜଳରେ ପକାଇବା ଦ୍ୱାରା ଏହି ସମତଳ ଭୂମି ଗଠିତ ହୋଇଅଛି । ଏହା ଅତ୍ୟନ୍ତ ଉର୍ବର ଅଟେ । ମୌସୁମୀ ବାୟୁଦ୍ୱାରା ଏହି ଅଂଶରେ ଆବଶ୍ୟକ ପରିମାଣରେ ବୃଷ୍ଟିପାତ ହୁଏ । ଏଣୁ ଧାନ, ଗହମ, ମକ୍କା, ଆଖୁ, ଝୋଟ ପ୍ରଭୃତି ନାନା ପ୍ରକାର ଫସଲ ଏଠାରେ କୃଷ କରାଯାଏ । ରାସ୍ତା ଘାଟର ସୁବିଧା ଏ ଅଂଶରେ ଥିବାରୁ ବ୍ୟବସାୟ ବାଣିଜ୍ୟ କରିବାକୁ ଏହା ବେଶ୍ ଉପଯୁକ୍ତ । ତେଣୁ ଏ ଅଞ୍ଚଳରେ ଭାରତ ଓ ପାକିସ୍ଥାନର ତିନି ଭାଗରୁ ଦୁଇ ଭାଗ ଲୋକ ବାସ କରନ୍ତି । ଏହାର ପଶ୍ଚିମାଞ୍ଚଳ ଅପେକ୍ଷା ପୂର୍ବାଞ୍ଚଳରେ ଜନବସତି ଅପେକ୍ଷାକୃତ ବେଶୀ । ହିନ୍ଦୁମାନଙ୍କର ଅନେକ ତୀର୍ଥସ୍ଥାନ ଓ ବଡ଼ ବଡ଼ ସହର ଏହି ସମତଳ ଭୂମିରେ ଦୃଷ୍ଟିଗୋଚର ହୁଏ । ଏହା ଛଡ଼ା ବହୁ ଖଣିଜ ଦ୍ରବ୍ୟ ଓ ଆସାମରୁ ଖଣିଜ ତୈଳ ମଧ୍ୟ ଉତ୍ପାଦନ କରାଯାଏ ।

ଦକ୍ଷିଣ ଭାରତ ମାଳଭୂମି—ଏହି ମାଳଭୂମି ଗାଙ୍ଗେୟ ସମତଳ ଅଞ୍ଚଳଠାରୁ ଦକ୍ଷିଣରେ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ବିସ୍ତୃତ । ଏହି ମାଳଭୂମିର ପଶ୍ଚିମ ପାଖରେ ପଶ୍ଚିମଘାଟ ଓ ପୂର୍ବ ପ୍ରାନ୍ତରେ ପୂର୍ବଘାଟ ଏବଂ ଉତ୍ତରରେ ବିନ୍ଧ୍ୟ ଓ ଆରାବଲୀ ପର୍ବତ ରହିଅଛି । ଗ୍ରୀଷ୍ମ କାଳରେ ଏଠାରେ ଅଧିକ ଗ୍ରୀଷ୍ମ ଓ ଶୀତକାଳରେ ଅଧିକ ଶୀତ ଜଣାଯାଏ । ଏହାର ମାଟି ଉତ୍ତର ଭାରତର ମାଟି ପରି ଉର୍ବର ଓ ସମତଳ ନୁହେଁ । ଏଠାରେ ବୃଷ୍ଟିପାତ ମଧ୍ୟ କମ୍ ହୁଏ । କେବଳ ନଦୀ ଉପତ୍ୟକାର ମାଟି କିଛିଅ ଉର୍ବର ଅଟେ । ଏଥିରେ ନର୍ମଦା, ତାପ୍ତୀ, ଗୋଦାବରୀ, ମହାନଦୀ ପ୍ରଭୃତି ବଡ଼ ବଡ଼ ନଦୀମାନେ ପ୍ରବାହିତ ହେଉଅଛନ୍ତି । ଏଠାରେ ମାଣ୍ଡିଆ, ମକା, ବାଜରା, ଚିନା ପ୍ରଭୃତି ଫସଲ କରାଯାଏ । ନଦୀ ଉପତ୍ୟକାମାନଙ୍କରେ ଧୂଆଁପତ୍ର ଚାଷ କରାଯାଏ । ଏହା ଛଡ଼ା ଏହି ମାଳଭୂମିରେ

Digitized by PPRACHIN, SOA

କୃଷ୍ଣକାର୍ପାସ ମୃତ୍ତିକା ଥିବାରୁ ପ୍ରଚୁର ପରିମାଣରେ କପା ଚାଷ କରାଯାଏ ।



ଏହି ଅଞ୍ଚଳରୁ ବହୁତ ଖଣିଜ ଦ୍ରବ୍ୟ ମଧ୍ୟ ମିଳେ । ଭାରତ ମଧ୍ୟରେ ଏହା ଗୋଟିଏ ଜନବହୁଳ ଅଞ୍ଚଳ ଅଟେ । ମହାବଳେଶ୍ୱର, ଉତ୍କାମଣ୍ଡ ପ୍ରଭୃତି କେତେକ ସ୍ୱାସ୍ଥ୍ୟକର ସ୍ଥାନ ଏଠାରେ ଅଛି । ଉତ୍କାମଣ୍ଡ ମାନ୍ଦ୍ରାଜ ଲାଟଙ୍କର ଗ୍ରୀଷ୍ମନିବାସ ଅଟେ । ପୁନା ସହରରେ ଭାରତର ପ୍ରଧାନ ପାଣିପାଗ ଅଫିସ ଅଛି ।

Digitized by PPRACHIN, SOA

ଉପକୂଳସ୍ଥ ସମତଳ ଭୂମି—ଦକ୍ଷିଣ ଭାରତ ମାଳ-ଭୂମିର ପୂର୍ବ ଓ ପଶ୍ଚିମ ଉଭୟ ପାର୍ଶ୍ୱରେ ଏହି ସମତଳ ଅଞ୍ଚଳ ଅବସ୍ଥିତ । ପଶ୍ଚିମ ଉପକୂଳକୁ ତିନି ଭାଗରେ ବିଭକ୍ତ କରି ଯାଇଅଛି ଯଥା—(କ) ଗୁଜରାଟ ମାଳ ଅଞ୍ଚଳ, (ଖ) କଙ୍କଣ ଉପକୂଳ, (ଗ) ମାଲବାର ଉପକୂଳ । ସେହିପରି ପୂର୍ବ ଉପକୂଳକୁ ମଧ୍ୟ (କ) ଓଡ଼ିଶାର ସମତଳ ଅଞ୍ଚଳ, (ଖ) ଉତ୍ତର ସରକାର ଅଞ୍ଚଳ, (ଗ) କରମଣ୍ଡଳ ଉପକୂଳ ଏହି ତିନି ଭାଗରେ ବିଭକ୍ତ କରି ଯାଇଅଛି ।

ଉଭୟ ଉପକୂଳର ମାଟି ଉର୍ବର ଓ କୃଷୋପଯୋଗୀ । ଗ୍ରୀଷ୍ମ ଋତୁରେ ଉଭୟ ଉପକୂଳ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁଦ୍ୱାରା ବୃଷ୍ଟି

[କଳଅ ବଟିଗ୍]

ପାଏ । ପୂର୍ବ ଉପକୂଳ ଅପେକ୍ଷା ପଶ୍ଚିମ ଉପକୂଳରେ ବୃଷ୍ଟିପାତ ଅଧିକ ହୋଇଥାଏ । କିନ୍ତୁ ଶୀତ ଋତୁରେ ପଶ୍ଚିମ ଉପକୂଳ ଅପେ

Digitized by PPRACHIN, SOA

ବୃଷ୍ଟି ପାଏ ନାହିଁ । କରମଣ୍ଡଳ ଉପକୂଳ ଉତ୍ତର-ପୂର୍ବ ମୌସୁମୀ ବାୟୁ-ଦ୍ୱାରା ଅଧିକ ବୃଷ୍ଟି ପାଏ । ସେତେବେଳେ ଭାରତର ଅନ୍ୟ କୌଣସି ଅଞ୍ଚଳରେ ପ୍ରାୟ ବୃଷ୍ଟି ହୁଏ ନାହିଁ । ପଶ୍ଚିମ ଉପକୂଳରେ ବୃଷ୍ଟିପାତ ଅଧିକ ହେଉଥିବାରୁ ଏଠାରେ ଘନ ଜଙ୍ଗଲ ଦେଖାଯାଏ । ଏହି ଉପକୂଳ ବେଶୀ ଦନ୍ତୁରିତ ନୁହେ । କେବଳ ବମ୍ବେଇ ପଶ୍ଚିମ ଉପକୂଳର ଗୋଟିଏ ପ୍ରାକୃତିକ ବନ୍ଦର । ପୂର୍ବ-ଉପକୂଳରେ, ବିଶାଖାପାଟଣା, ମାନ୍ଦ୍ରାଜ ପ୍ରଭୃତି କେତୋଟି କୃତ୍ରିମ ବନ୍ଦର ଦୃଷ୍ଟିଗୋଚର ହୁଏ । ଉପକୂଳ ଅଞ୍ଚଳର ମାଟି ଉର୍ବର ହୋଇଥିବାରୁ ଏଠାରେ ଧାନ, ଆଖୁ, କପା, ଧୂଆଁପତ୍ର, ଚିନାବାଦାମ ଓ ଅନ୍ୟାନ୍ୟ ତୈଳବୀଜ ଚାଷ କରାଯାଏ । ଏଥିରେ ଅନେକ ଲୁଣ କାରଖାନା ଅଛି । ସମୁଦ୍ରରୁ ପ୍ରଚୁର ମାଛ ମଧ୍ୟ ଧରାଯାଇ ବିଭିନ୍ନ ସ୍ଥାନକୁ ପଠାଯାଏ । ଉପକୂଳ ଅଞ୍ଚଳରେ ମାନ୍ଦ୍ରାଜ, ମଦୁରା, ତ୍ରିଚିନାପଲ୍ଲି ଓ ପୁରୀ ପ୍ରଧାନ ସହର ।

ପ୍ରଶ୍ନ

୧ । ଭାରତ କେଉଁ କଟିବନ୍ଧର ଅନ୍ତର୍ଗତ ଓ ଏହା କେଉଁ କେଉଁ ଅକ୍ଷାଂଶମଧ୍ୟରେ ଅବସ୍ଥିତ ?

୨ । ଭାରତର ଚତୁଃସୀମା ବର୍ଣ୍ଣନ କର ।

୩ । ଭାରତକୁ ଗୋଟିଏ କ୍ଷୁଦ୍ର ପୃଥିବୀ କହିବାର କାରଣ କଣ ?

୪ । ବନ୍ଧନୀମଧ୍ୟସ୍ଥ ଉପଯୁକ୍ତ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂର୍ଣ୍ଣ କର ।

—ମାନ୍ଦ୍ରାଜ ଲାଟଙ୍କର ଗ୍ରୀଷ୍ମନିବାସ ଅଟେ । (ସିମଳା, ପାଞ୍ଚମାରି, ଉଟକାମଣ୍ଡ) ।

(ଉ. ପ୍ର. ବୃ: ୧୯୪୧)

୫ । ଶୂନ୍ୟସ୍ଥାନ ପୂରଣ କର ।

(କ) ଭାରତର — — ଓ — ଦେଶ ଧର୍ମଦ୍ଧ ଚଳେ ।

Digitized by PPRACHIN, SOA

(ଖ)— ରେ ପାଗଳ କୁକୁର କାମୁଡ଼ାର ଡାକ୍ତରଖାନା ଅଛି ।

(ଗ)— ରୁ ପ୍ରଚୁର ଗୁହା ଦେଶବିଦେଶକୁ ପଠାଯାଏ ।

(ଘ)— ରେ ଭାରତର ପ୍ରଧାନ ପାଣିପାଗ ଅଫିସ ଅଛି ।

(ଙ)— ଉପକୂଳରେ ବମ୍ବେଇ ଗୋଟିଏ — ବନ୍ଦର ।

୬ । ହିମାଳୟ ପର୍ବତ ଭାରତର କି ଉପକାର କରେ ? ତନ୍ମଧ୍ୟରେ ଥିବା ଗିରିପଥଗୁଡ଼ିକ କି ପ୍ରକାର କାର୍ଯ୍ୟରେ ଲାଗେ ?

୭ । ହିନ୍ଦୁସ୍ଥାନ ସମତଳ ଭୂମିରେ ବହୁସଂଖ୍ୟକ ଲୋକ ବାସକରନ୍ତି । ଏହାର କାରଣ କଣ ?

୮ । କାରଣ ଦିଅ :—

(କ)ପଶ୍ଚିମ ଉପକୂଳରେ ଘନ ଜଙ୍ଗଲ ଦେଖାଯାଏ ।

(ଖ)ଭାରତ ଉପକୂଳରେ ଅଧିକ ଉତ୍ତମ ପୋତାଶ୍ରୟ ନାହିଁ ।

୯ । ସିମଲା, ଦାର୍ଜିଲିଂ, ନୈନିତାଲ, ରାଞ୍ଚି ଓ ଉଟକାମଣ୍ଡ କେଉଁ କେଉଁ ଲାଟଙ୍କ ଗ୍ରୀଷ୍ମନିବାସ ଅଟନ୍ତି ?

୧୦ । ଭାରତରେ କେତୋଟି ଋତୁ ଅଛି ? କେଉଁ ଋତୁ କେଉଁ କେଉଁ ମାସରେ ? (୧୯୫୩ ବୃତ୍ତିପରୀକ୍ଷା)

୧୧ । ଭାରତର ପଶ୍ଚିମ ଉପକୂଳରେ ପ୍ରଚୁର ବର୍ଷା ହୁଏ । ଭୌଗୋଳିକ କାରଣ ଲେଖ । (୧୯୫୨ ବୃତ୍ତିପରୀକ୍ଷା)

ଚତୁର୍ଥ ଅଧ୍ୟାୟ

ଭାରତର ନଦୀସମୂହ

ଉତ୍ତର ଭାରତର ନଦୀସମୂହ ହିମାଳୟ ପର୍ବତରୁ ବାହାରି ଅଛନ୍ତି । ସେମାନେ ପ୍ରଚୁର ପଙ୍କ ବହି ଆଣି ସେମାନଙ୍କର

Digitized by PPRACHIN, SOA

[ଉତ୍ତର ଭାରତର ନଦୀ ସମୂହ]

Digitized by PPRACHIN, SOA

ଅବବାହିକାରେ ପ୍ରକାଶ ଥିବାରୁ ସେହି ଅଞ୍ଚଳମାନ ଅତ୍ୟନ୍ତ ଉର୍ବର ଓ ଶସ୍ୟଶାଳୀ ଅଟେ ।

ସିନ୍ଧୁ—ହିମାଳୟର ଉତ୍ତରରେ ଥିବା ମାନସରୋବର ହ୍ରଦରୁ ବାହାରି ପାକିସ୍ଥାନ ମଧ୍ୟଦେଇ ଗତି କରି ଆରବ ସାଗରରେ ପଡ଼ିଅଛି । ଏହାର ଲମ୍ବ ୧୮୦୦ ମାଇଲ ଅଟେ । ଝିଲମ୍, ଚନ୍ଦ୍ରଭାଗା, ଇରାବତୀ, ବିପାଶା ଓ ଶତଦ୍ରୁ ନାମରେ ଏହାର ପାଞ୍ଚଟି ପ୍ରଧାନ ଉପନଦୀ ଅଛନ୍ତି ।

ଗଙ୍ଗା—ଏହା ଗଙ୍ଗୋତ୍ରୀ ନାମକ ତୁଷାର ସ୍ରୋତରୁ ବାହାରି ହରିଦ୍ୱାରଠାରୁ ସମତଳ ପ୍ରଦେଶରେ ପ୍ରବାହିତ ହେଉଅଛି । ବାଟରେ ଏହା ଭାଗୀରଥୀ ଓ ପଦ୍ମା ନାମରେ ଦୁଇ ଧାରରେ ବିଭକ୍ତ ହୋଇଅଛି । ଶେଷରେ ଏହା ବ୍ରହ୍ମପୁତ୍ର ନଦୀ ସହିତ ମିଶି ମେଘନା ମୁହାଣଠାରେ ସମୁଦ୍ରରେ ପଡ଼ିଅଛି । ଯମୁନା, ଶୋଣ, ଗଣ୍ଡକୀ, କୁଶୀ, ଗୋମତୀ, ଘର୍ଘରା ନାମରେ ଏହାର ଅନେକ ଉପନଦୀ ଅଛନ୍ତି । ଗଙ୍ଗା-ନଦୀ ମୁହାଣଠାରୁ ଅନେକ ଦୂର ପର୍ଯ୍ୟନ୍ତ ନୌକାବ୍ୟ ଅଟେ । ଏହାର ମୁହାଣରେ ଥିବା ଅରଣ୍ୟକୁ ସୁନ୍ଦରବନ କହନ୍ତି । ଏଠାରୁ ଅନେକ ଅରଣ୍ୟଜାତ ଦ୍ରବ୍ୟ ସଂଗୃହୀତ ହୁଏ ଓ ଏଠାରେ ତୈଳଖଣି ଥିବାର ବୈଜ୍ଞାନିକମାନେ ଜାଣି ପାରିଛନ୍ତି । ଗଙ୍ଗାର ଦୈର୍ଘ୍ୟ ୧୫୫୦ ମାଇଲ ଅଟେ ।

ବ୍ରହ୍ମପୁତ୍ର—ଏହା ଉତ୍ତର ଭାରତର ଦୀର୍ଘତମ ନଦୀ । ଏହାର ଲମ୍ବ ୧୮୦୦ ମାଇଲ ଅଟେ । ଏହା ତିବ୍ବତ ରାଜ୍ୟର ନିକଟ-ବର୍ତ୍ତୀ କୈଳାସ ପର୍ବତର ପାଦଦେଶରୁ ବାହାରି ପୂର୍ବ ଆଡ଼କୁ ଗତି କରି ଶେଷରେ ଗୋଆଲନ୍ଦଠାରେ ପଦ୍ମା ସହିତ ମିଳିତ ହୋଇ ବଙ୍ଗୋପସାଗରରେ ପଡ଼ିଅଛି । ଡିବ୍ରୁଗଡ଼, ସଦିୟା, ଧୁବ୍ରି ଗୌହାଟୀ ଏହାର କୂଳରେ ଥିବା ପ୍ରଧାନ ସହରମାନ ।

Digitized by PPRACHIN, SOA

ଦକ୍ଷିଣ ଭାରତର ନଦୀସମୂହ

ନର୍ମଦା—ଏହା ଅମରକଣ୍ଟକ ପର୍ବତରୁ ବାହାରି ବିନ୍ଧ୍ୟ, ସାତପୁରା ମଧ୍ୟରେ ଥିବା ଉପତ୍ୟକା ଅଞ୍ଚଳରେ ପଶ୍ଚିମ ଆଡ଼କୁ ଗତି କରି ଆରବ ସାଗରରେ ପଡ଼ିଅଛି । ଏହାର ଲମ୍ବ ୮୦୦ ମାଇଲ । ଏହା ଭାରତର ଗୋଟିଏ ପଶ୍ଚିମବାହିନୀ ନଦୀ ଅଟେ । ଧୂଆଁଧାର ନାମରେ ଏହି ନଦୀରେ ଗୋଟିଏ ଜଳପ୍ରପାତ ଅଛି ।

ତାପ୍ତୀ—ଏହା ସାତପୁରା ପର୍ବତର ଦକ୍ଷିଣରେ ଥିବା ପାହାଡ଼ିଆ ପ୍ରଦେଶରୁ ବାହାରି ଆରବ ସାଗରରେ ପଡ଼ିଅଛି । ଏହା ମଧ୍ୟ ଭାରତର ଏକ ପଶ୍ଚିମବାହିନୀ ନଦୀ । ଏହାର ଲମ୍ବ ୪୫୦ ମାଇଲ ।

ମହାନଦୀ—ମଧ୍ୟ ପ୍ରଦେଶର ବସ୍ତର ଓ ରାୟପୁର ଜିଲାରୁ ପାହାଡ଼ିଆ ଭୂମିରୁ ମହାନଦୀ ବାହାରି ମଧ୍ୟପ୍ରଦେଶରେ କିଛି ଦୂର ପ୍ରବାହିତ ହୋଇ ସମ୍ବଲପୁରଠାରେ ଓଡ଼ିଶାରେ ପ୍ରବେଶ କରିଅଛି । ଏହାର ଦୈର୍ଘ୍ୟ ୫୫୦ ମାଇଲ । ଏହା ବଙ୍ଗାଘରଠାରେ ବଙ୍ଗୋପ ସାଗରରେ ପଡ଼ିଅଛି । ଏହାର ତେଲ, ଅଙ୍ଗ, ଇବ,



Digitized by PPRACHIN, SOA

ବାଘ, ଭଟମେଇ ନାମରେ ଅନେକ ଉପନଦୀ ଅଛନ୍ତି । କାଠଯୋଡ଼ି, କୁରୁଆ, ଚନ୍ଦ୍ରୋପୂଲା, ପାଇକା ପ୍ରଭୃତି ଏହାର ଶାଖା ଅଟନ୍ତି । କଟକ ସହର ଏହାର ତ୍ରିକୋଣଭୂମିର ଶେଷଭାଗରେ ଅବସ୍ଥିତ ।

ଗୋଦାବରୀ—ଏହା ପଶ୍ଚିମଘାଟ ପର୍ବତରୁ ବାହାରି ପୂର୍ବ-ଦିଗକୁ ଗତି କରି ବଙ୍ଗୋପସାଗରରେ ପଡ଼ିଅଛି । ଏହାର ଲମ୍ବ ୯୦୦ ମାଇଲ୍ ଓ ଏହା ଦକ୍ଷିଣ ଭାରତର ନଦୀମାନଙ୍କ ମଧ୍ୟରେ ଦୀର୍ଘତମ ଅଟେ । ରାଜମହେନ୍ଦ୍ରୀ ସହର ଏହାର ତ୍ରିକୋଣଭୂମିର ଶୀର୍ଷ ସ୍ଥାନରେ ଅବସ୍ଥିତ ।

କୃଷ୍ଣା—ଏହା ପଶ୍ଚିମଘାଟ ପର୍ବତରୁ ବାହାରି ପୂର୍ବଅଡ଼କୁ ଗତି କରି ବଙ୍ଗୋପସାଗରରେ ପଡ଼ିଅଛି । ଏହାର ଲମ୍ବ ୮୦୦ ମାଇଲ୍ ଅଟେ ।

କାବେରୀ—କାବେରୀ କୁର୍ଗ ରାଜ୍ୟର ପାହାଡ଼ିଆ ଅଞ୍ଚଳରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି । ଏହି ନଦୀରେ ଶିବ ସମୁଦ୍ରମ୍ ଠାରେ ଥିବା ଜଳପ୍ରପାତର ଦୃଶ୍ୟ ଅତୀବ ରମଣୀୟ । ଏହି ପ୍ରପାତରୁ ବିଦ୍ୟୁତ୍ ଶକ୍ତି ସଂଗୃହୀତ ହୋଇ ମହୀଶୂର, ବାଙ୍ଗାଲୋର ପ୍ରଭୃତି ସହରକୁ ଆଲୋକିତ କରାଯାଏ । ଏହା ବ୍ୟତୀତ ଏହି ନଦୀରେ ମେଟୁର୍ ଠାରେ ଗୋଟିଏ ଅଣିକଟ୍ କରାଯାଇଅଛି । ଏହି ନଦୀର ଲମ୍ବ ୪୭୫ ମାଇଲ । ଏହାକୁ ଦକ୍ଷିଣ ଭାରତର ଗଙ୍ଗା ବୋଲି କହନ୍ତି ।

ଭାରତର ପ୍ରଧାନ ପ୍ରଧାନ ହ୍ରଦ ଓ ବନ୍ଦର

ହ୍ରଦ—ଭାରତର ହ୍ରଦମାନଙ୍କ ମଧ୍ୟରେ ସମ୍ବର ହ୍ରଦ ରାଜପୁତାନାର ଜୟପୁର ନିକଟରେ ଅବସ୍ଥିତ । କୋଲେର ହ୍ରଦ ଗୋଦାବରୀ ନଦୀର ତ୍ରିକୋଣଭୂମି ନିକଟରେ ଅବସ୍ଥିତ । ଚିଲିକା, ସର ହ୍ରଦଦ୍ୱୟ

Digitized by PPRACHIN, SOA

ଓଡ଼ିଶାପ୍ରଦେଶର ପୁରୀଜିଲ୍ଲାରେ ଓ ଅଂଶତଃ କଟକ ଜିଲ୍ଲାରେ ଅବସ୍ଥିତ। ହିମାଳୟମଧ୍ୟରେ ଅନେକ ମଧୁର ଜଳବିଶିଷ୍ଟ ହ୍ରଦ ଦେଖାଯାଏ ।



କୈଳାସ ପର୍ବତ ନିକଟରେ ମାନସସରୋବର ଓ ରାକାସ ହ୍ରଦ ଏବଂ କାଶ୍ମୀରରେ ଉଲର ଓ ଡାଲ୍ ହ୍ରଦ ଅବସ୍ଥିତ ।

ବନ୍ଦର—ଭାରତର ଉପକୂଳ ଅଧିକ ଦନ୍ତୁରିତ ନୁହେଁ । ତେଣୁ ଅଧିକ ବନ୍ଦର ଦୃଷ୍ଟିଗୋଚର ହୁଏ ନାହିଁ ।

ପୂର୍ବ ଉପକୂଳ—କଲିକତା, ମାନ୍ଦ୍ରାଜ, ଭିଶାଖାପାଟଣା, ଗୋପାଳପୁର, ପଣ୍ଡିଚେରୀ ପ୍ରଭୃତି ଏହି ଉପକୂଳର ପ୍ରଧାନ ବନ୍ଦର ଅଟନ୍ତି ।

ପଶ୍ଚିମ ଉପକୂଳ—ବମ୍ବେ, କାଲିକଟ୍, ମାହୀ, କୋଚିନ୍, ରତ୍ନଗିରି, ମାଙ୍ଗାଲୋର ଓ କରାଚୀ ଏହି ଉପକୂଳସ୍ଥ ବନ୍ଦର ଅଟନ୍ତି ।

Digitized by PPRACHIN, SOA

ଏଥି ମଧ୍ୟରୁ ବମ୍ବେ ଓ କରାଚୀ ପ୍ରଧାନ । କରାଚୀ ବର୍ତ୍ତମାନ ପାକସ୍ଥାନର ଅନ୍ତର୍ଭୁକ୍ତ ।

ଭାରତର ଜଳବାୟୁ

ଯେ କୌଣସି ଦେଶର ଜଳବାୟୁ ବିଷୟ ଜାଣିବାକୁ ହେଲେ ପ୍ରଥମେ ତାହାର ପ୍ରାକୃତିକ ଗଠନ ଓ ଅବସ୍ଥିତି ବିଷୟ ଜାଣିବା ନିତାନ୍ତ ଆବଶ୍ୟକ । ଯେଉଁ ସ୍ଥାନ ସମୁଦ୍ରର ଯେତେ ନିକଟରେ ଅବସ୍ଥିତ ସେ ସ୍ଥାନରେ ଶୀତ ବା ଗ୍ରୀଷ୍ମ ସେତେ କମ୍ ଅନୁଭୂତ ହୁଏ । ନିମ୍ନଲିଖିତ କେତୋଟି ପ୍ରଧାନ କଥା ଜଳବାୟୁ ବିଷୟରେ ନିତାନ୍ତ ଜାଣିବା ପ୍ରୟୋଜନ ।



(କ) ପ୍ରାକୃତିକ ଗଠନ (ଉଚ୍ଚ କିମ୍ବା ନୀଚ)

(ଖ) ସମୁଦ୍ରଠାରୁ ଦୂରତା

Digitized by PPRACHIN, SOA

(ଗ) ବିଷୁବ ବୃତ୍ତଠାରୁ କେତେ ଦୂର ଉତ୍ତର ବା ଦକ୍ଷିଣରେ ଅବସ୍ଥିତ (ଅର୍ଥାତ୍ ସ୍ଥାନଟି କେଉଁ କଟିବନ୍ଧର ଅନ୍ତର୍ଗତ) ।

ଏହିସବୁ କାରଣ ଯୋଗୁ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଜଳବାୟୁ ଦେଖାଯାଏ ।

ଭାରତରେ ପ୍ରଧାନତଃ ଗ୍ରୀଷ୍ମ, ବର୍ଷା, ଶୀତ ଏହି ତିନୋଟି ଋତୁ ଅନୁଭୂତ ହୁଏ । ମାର୍ଚ୍ଚ ୧୫ରୁ ଜୁନ୍‌ମାସ ୧୫ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ, ଜୁନ୍‌ଠାରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ଓ ଅକ୍ଟୋବରରୁ ଫେବୃୟାରୀ ପର୍ଯ୍ୟନ୍ତ ଶୀତଋତୁ ଅନୁଭୂତ ହୁଏ ।

ହିମାଳୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ବାଧା ପାଇ ଆର ପଟକୁ ଯାଇ ନ ପାରି ଭାରତରେ ପ୍ରଚୁର ବୃଷ୍ଟି କରାଏ । ତା ନ ହୋଇ ଥିଲେ ଭାରତ ଗୋଟିଏ ମରୁଭୂମି ହୋଇଥାନ୍ତା । ପଶ୍ଚିମଘାଟ ଓ ବିନ୍ଧ୍ୟ ପର୍ବତ ମଧ୍ୟ ବର୍ଷା ହେବାରେ ସାହାଯ୍ୟ କରନ୍ତି ।

ପ୍ରଶ୍ନ

୧ । ନିମ୍ନଲିଖିତ ବାକ୍ୟମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଠିକ୍ ଚିହ୍ନାଇ ଦିଅ ।

(କ) ଉତ୍ତର ଭାରତର ଭୂମି ଅତ୍ୟନ୍ତ ଉର୍ବର ।

(ଖ) ତାପ୍ତୀ ସାତପୁରା ପର୍ବତରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି ।

(ଗ) ଗୋଦାବରୀକୁ ଦକ୍ଷିଣ ଭାରତର ଗଙ୍ଗାନଦୀ ବୋଲି କହନ୍ତି ।

(ଘ) ଭାରତର ଉପକୂଳରେ ବେଶୀ ବନ୍ଦର ନାହିଁ ।

(ଙ) ରାଜପୁତାନା ଏକ ମରୁଅଞ୍ଚଳ ଅଟେ ।

୨ । ଶୂନ୍ୟସ୍ଥାନ ପୂର୍ଣ୍ଣ କର:—

(କ) ମୌସୁମୀ ବାୟୁ ବର୍ଷର ଗୋଟିଏ—ସମୟମଧ୍ୟରେ – ହୋଇଥାଏ ।

Digitized by PPRACHIN, SOA

(ଖ) ଆସାମର—ଗ୍ରାମରେ ବାର୍ଷିକ ବୃଷ୍ଟିପାତ—ଇଞ୍ଚ ଅଟେ ।
(ଗ) ଭାରତର ପଶ୍ଚିମ ଉପକୂଳରେ — ଓ — ପ୍ରଧାନ ବନ୍ଦର ।
(ଘ) —ହ୍ରଦ—ନଦୀର ନିମ୍ନଭୂମି ନିକଟରେ ଅବସ୍ଥିତ ।
(ଙ) —ଓ —ଭାରତର ପଶ୍ଚିମବାହିନୀ ନଦୀ ଅଟନ୍ତି ।
(ଚ) କାବେରୀର—ଜଳପ୍ରପାତର ଦୃଶ୍ୟ ଅତୀବ ରମଣୀୟ ।
(ଛ) —ନଦୀର ୫ଟି ପ୍ରଧାନ ଉପନଦୀ ଅଛନ୍ତି ।

୩ । କାରଣ ସହ ଉତ୍ତର ଦିଅ ।

(କ) ହିମାଳୟ ଅଞ୍ଚଳର ମାଟି ହିନ୍ଦୁସ୍ଥାନ ସମତଳ ଭୂମିକୁ ଉର୍ବର କରୁଅଛି ।
(ଖ) ଭାରତ ଉପକୂଳରେ ଅଧିକ ପୋତାଶ୍ରୟ ନାହିଁ ।
(ଗ) ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ତାମିଲନାଡୁରେ ବର୍ଷା କରେ ନାହିଁ ।
(ଘ) କଲିକତା ଅପେକ୍ଷା ପଞ୍ଜାବରେ ବୃଷ୍ଟିପାତର ପରିମାଣ କମ ।
(ଙ) ଉତ୍ତର-ପୂର୍ବ ମୌସୁମୀ ବାୟୁ ମାନ୍ଦ୍ରାଜ ଅଞ୍ଚଳରେ ବର୍ଷା କରେ ।

୪ । ଦକ୍ଷିଣ ଭାରତର ୨ଟି ପୂର୍ବବାହିନୀ ନଦୀର ନାମକର ତନ୍ମଧ୍ୟରୁ ଯେ କୌଣସି ଗୋଟିକର ଗତିପଥ ବର୍ଣ୍ଣନ କର ।

୫ । ଭାରତର ମଧୁର ଜଳବିଶିଷ୍ଟ ହ୍ରଦମାନଙ୍କର ନାମ ଲେଖ ।

ପଞ୍ଚମ ଅଧ୍ୟାୟ

ଭାରତର ଜଳସେଚନ

ଭାରତର ବିଭିନ୍ନ ସ୍ଥାନରେ କୃଷିକ୍ଷେତ୍ରମାନଙ୍କରେ ବିଭିନ୍ନ ଉପାୟରେ ଜଳସେଚନ କାର୍ଯ୍ୟ କରାଯାଏ । ବର୍ଷା ଜଳ କେତେକ ନିର୍ଦ୍ଦିଷ୍ଟ ସମୟରେ ମିଳେ । ତେଣୁ ତାପରେ ଗ୍ରୀଷ୍ମପାଇଁ ବୃଷ୍ଟିପାତ

Digitized by PPRACHIN, SOA

ଉପରେ ନିର୍ଭର କରି ନ ଯାଇ ଅନ୍ୟ ଉପାୟରେ ଜଳସେଚନ କରାଯାଏ ।



କେନାଲଦ୍ୱାରା—ଭାରତର ପଶ୍ଚିମାଞ୍ଚଳରେ (ପଞ୍ଜାବ ଓ ଉତ୍ତର ପ୍ରଦେଶ) କେନାଲଦ୍ୱାରା ଜଳସେଚନ କରାଯାଏ । ସିନ୍ଧୁ ନଦୀର ସୁକ୍କୁର ଅଣ୍ଡକଟ୍‌ଦ୍ୱାରା ଜଳ ଅଟକାଇ କେନାଲଦ୍ୱାରା ଜଳସେଚନ କରାଯାଏ । ଏହା ବର୍ତ୍ତମାନ ପାକିସ୍ଥାନରେ । ଗଙ୍ଗା, ମହାନଦୀ, ଗୋଦାବରୀ, କାବେରୀ ପ୍ରଭୃତି ନଦୀମାନଙ୍କ ତ୍ରିକୋଣଭୂମିରେ ମଧ୍ୟ କେନାଲଦ୍ୱାରା ଜଳସେଚନ କାର୍ଯ୍ୟ ହୁଏ ।

କୂଅଦ୍ୱାରା—ଉତ୍ତର ପ୍ରଦେଶ ଓ ବିହାର ପ୍ରଦେଶରେ କୂଅ, ନଳକୂଅ ଓ ପମ୍ପ ସାହାଯ୍ୟରେ ଜଳସେଚନ କାର୍ଯ୍ୟ କରାଯାଏ ।

Digitized by PPRACHIN, SOA

ପୁଷ୍କରଣୀଦ୍ୱାରା—ଦକ୍ଷିଣ ଭାରତ ମାଳଭୂମିରେ କୂପ ବା ନାଳ ଖୋଳିବା ଅତି କଷ୍ଟକର ଓ ବ୍ୟୟସାପେକ୍ଷ। ଏ ଅଞ୍ଚଳ ପ୍ରସ୍ତରମୟ। ତେଣୁ ଏ ସ୍ଥାନର ଲୋକମାନେ ବଡ଼ ବଡ଼ ବନ୍ଧ ପକାଇ ବର୍ଷାଜଳକୁ ଅଟକାଇ ପୁଷ୍କରଣୀ ଆକାରରେ ରଖିଥାନ୍ତି। ଆବଶ୍ୟକ ସମୟରେ ଏଥିରୁ ଜଳ ନେଇ କୃଷି କାର୍ଯ୍ୟରେ ଲଗାନ୍ତି।

ବାୟୁ ପ୍ରବାହ

ଦକ୍ଷିଣ-ପଶ୍ଚିମ ପ୍ରବାହ—ଭାରତ ବର୍ଷରେ ଜୁନ୍‌ମାସ ୧୫ ତାରିଖରୁ ମୌସୁମୀବାୟୁ ପ୍ରବାହ ଆରମ୍ଭ ହୋଇଥାଏ। ମୌସୁମୀର ଅର୍ଥ ସାମୟିକ ବାୟୁ। ଏହା ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପ୍ରବାହିତ ହୋଇଥାଏ। ଏହି ବାୟୁ ଭାରତ ମହାସାଗର ଉପର ଦେଇ ପ୍ରବାହିତ ହୁଏ। ଦକ୍ଷିଣ-ପଶ୍ଚିମ ଅଞ୍ଚଳରୁ ଆସୁଥିବାରୁ ଏହାକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ କହନ୍ତି। ପ୍ରଥମେ ଏହା ପଶ୍ଚିମଘାଟ ପର୍ବତରେ ବାଧା ପାଇ ସେଠାରେ ଖୁବ୍ ବର୍ଷା କରେ। ମାତ୍ର ଦକ୍ଷିଣ ଭାରତ ମାଳ-ଭୂମିରେ କମ୍ ବର୍ଷା ହୋଇଥାଏ। ଏହି ପ୍ରବାହର ଅନ୍ୟ ଗୋଟିଏ ଶାଖା ବଙ୍ଗୋପସାଗର ଉପର ଦେଇ ପ୍ରବାହିତ ହୋଇ ଆସାମସ୍ଥ ପାହାଡ଼ମାନଙ୍କରେ ବାଧା ପାଇ ପ୍ରଚୁର ବୃଷ୍ଟି କରାଏ। ଆସାମର ଚେରାପୁଞ୍ଜି ଗ୍ରାମରେ ବର୍ଷମଧ୍ୟରେ ପ୍ରାୟ ୫୦୦ ଇଞ୍ଚ ବୃଷ୍ଟିପାତ ହୋଇ ଥାଏ। ଉତ୍ତରରେ ହିମାଳୟ ପର୍ବତ ପ୍ରାଚୀର ପରି ରହିଥିବାରୁ ଏହି ପ୍ରବାହ ତାକୁ ଅତିକ୍ରମ କରି ନ ପାରି ତାର ପାଖେ ପାଖେ ବର୍ଷା କରି ପଶ୍ଚିମ ଅଞ୍ଚଳକୁ ଗତି କରେ। ଗତି କଲାବେଳେ ବାଟରେ ବର୍ଷା କରି ଯାଉଥାଏ। କ୍ରମେ ପଶ୍ଚିମ ଅଞ୍ଚଳକୁ ବୃଷ୍ଟିପାତର ପରିମାଣ କମ୍ ହେଉଥାଏ; କାରଣ ଜଳୀୟବାଷ୍ପ ଶେଷ ହୋଇ ଯାଉଥାଏ। ଏହି କାରଣରୁ ଭାରତର ପୂର୍ବାଞ୍ଚଳ ଅପେକ୍ଷା ପଶ୍ଚିମାଞ୍ଚଳରେ ବୃଷ୍ଟି-ପାତର ପରିମାଣ ଊଣା ଅଟେ। ପଶ୍ଚିମସ୍ଥ ରାଜପୁତାନା ଅଞ୍ଚଳକୁ ମୌସୁମୀ

Digitized by PPRACHIN, SOA

ପ୍ରବାହ ଗଲବେଳକୁ ବାୟୁରେ ଜଳୀୟବାଷ୍ପ ଏକାନ୍ତ ଅଭାବ ହୋଇଯାଇଥାଏ । ତେଣୁ ସେଠାରେ ଅଦୌ ବୃଷ୍ଟି ହୁଏ ନାହିଁ କହିଲେ ଚଳେ । ରାଜପୁତାନାର ଏହି ଅଞ୍ଚଳକୁ ଥର୍ ମରୁଭୂମି କହନ୍ତି ।

ଉତ୍ତର-ପୂର୍ବ ପ୍ରବାହ—ବର୍ଷା ଋତୁରେ ପୂର୍ବ ଉପକୂଳ ଅପେକ୍ଷା ପଶ୍ଚିମ ଉପକୂଳ ବେଶୀ ବୃଷ୍ଟି ପାଏ, ମାତ୍ର ଶୀତଋତୁରେ ଏହାର ବିପରୀତ ଘଟେ । ଶୀତ ଋତୁରେ ଏସିଆ ମହାଦେଶର ଉତ୍ତରାଞ୍ଚଳରୁ ଥଣ୍ଡା ପବନ ବହେ । ଏହାକୁ ଉତ୍ତର-ପୂର୍ବ ମୌସୁମୀ ପ୍ରବାହ କହନ୍ତି । ଏହା ସ୍ଥଳଭାଗ ଉପର ଦେଇ ଆସୁଥିବାରୁ



ଏଥିରେ ଜଳୀୟବାଷ୍ପ ନ ଥାଏ । ଏହି ପବନ ଯୋଗେ ଖୁବ୍ ଶୀତ ହୁଏ । ଏହି ବାୟୁସ୍ରୋତକୁ ହିମାଳୟ ଅନେକ ପରିମାଣରେ ବାଧା ନ ଦେଉଥିଲେ ଭାରତରେ ଖୁବ୍ ଶୀତ ହେଉଥାନ୍ତା । ଏହି ଶୁଷ୍କ ବାୟୁ

Digitized by PPRACHIN, SOA

ପ୍ରାୟ ଭାରତ ଉପର ଦେଇ ପ୍ରବାହିତ ହେଲବେଳେ ବର୍ଷା ହୁଏ ନାହିଁ । କେବଳ କରମଣ୍ଡଳ ଉପକୂଳରେ ପହଞ୍ଚିବା ସମୟରେ ସମୁଦ୍ରର ଜଳୀୟ ବାଷ୍ପ ସଂଗ୍ରହ କରି ସେହି ଉପକୂଳରେ ଅଧିକ ବର୍ଷା କରେ । ଏହି ସମୟରେ ମାନ୍ଦ୍ରାଜ ସହରରେ ବେଶୀ ବର୍ଷା ହୁଏ । ଆମ ଓଡ଼ିଶାରେ ମଧ୍ୟ ସମୟ ସମୟରେ ବୃଷ୍ଟି ହେବାର ଦେଖାଯାଏ ।

ଭାରତର ଉତ୍ପନ୍ନ ଦ୍ରବ୍ୟ



ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଜଳବାୟୁ ଦେଖାଯାଏ । ତେଣୁ ବିଭିନ୍ନ ସ୍ଥାନରେ ବିଭିନ୍ନ ଫସଲ ଉତ୍ପାଦନ କରାଯାଇଥାଏ ।

Digitized by PPRACHIN, SOA

ଧାନ—ଏହା ପ୍ରଚୁର ବୃଷ୍ଟି ଆବଶ୍ୟକ କରୁଥିବାରୁ ବଙ୍ଗ, ଆସାମ ଓ ଓଡ଼ିଶା ପ୍ରଦେଶରେ ବହୁଳ ପରିମାଣରେ ଚାଷ କରାଯାଏ । ଏହା ଭାରତର ପୂର୍ବାଞ୍ଚଳ ଲୋକମାନଙ୍କର ପ୍ରଧାନ ଖାଦ୍ୟ ।

ଗହମ—ଏହା ବେଶୀ ଜଳ ଆବଶ୍ୟକ କରେ ନାହିଁ ଓ ଶୀତ ଦିନରେ ଚାଷ କରାଯାଏ । ତେଣୁ ପଞ୍ଜାବ, ବିହାର, ଉତ୍ତର ପ୍ରଦେଶରେ ଏହାର ଚାଷ ହୁଏ । ବିଶେଷତଃ ପଞ୍ଜାବ ପ୍ରଦେଶରେ ଏହାର ଚାଷ ବହୁଳ ପରିମାଣରେ ଦେଖାଯାଏ ।

ଆଖୁ—ଆଖୁ ଚାଷରେ ଭାରତ ପୃଥିବୀମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଅଛି । ଏହା ଦୋରସା ବା ମଟାଳ ମାଟିରେ ଭଲ ହୁଏ ।

[ଅଖୁକିଆରି, ଅଖୁପେଡ଼ା]

ଭାରତର ଉତ୍ତର ପ୍ରଦେଶରେ ସବୁଠାରୁ ବେଶୀ ଆଖୁଚାଷ କରାଯାଏ । ଏହା ଛଡ଼ା ବିହାର, ବଙ୍ଗ, ଓଡ଼ିଶାରେ ମଧ୍ୟ ଏହାର ଚାଷ ହୁଏ । ଆଖୁ-ରସରୁ ଗୁଡ଼, ଚିନି, ମିଶ୍ରି ପ୍ରଭୃତି ପ୍ରସ୍ତୁତ କରାଯାଏ ।

Digitized by PPRACHIN, SOA

ଝୋଟ—ଏହା ବର୍ଷାକାଳୀନ ଫସଲ । ବଙ୍ଗ ପ୍ରଦେଶ ଝୋଟ ଚାଷପାଇଁ ଭାରତପ୍ରସିଦ୍ଧ । ଏହାଛଡ଼ା ଆସାମ, ଓଡ଼ିଶା ଓ ବିହାରରେ ମଧ୍ୟ ଏହା ଅଳ୍ପ ପରିମାଣରେ ଚାଷ କରାଯାଏ ।

କପା—ଦକ୍ଷିଣ ଭାରତର ମଧ୍ୟପ୍ରଦେଶ, ବେରାର ଓ ବମ୍ବେ ପ୍ରଦେଶରେ ଏହା ବହୁଳ ପରିମାଣରେ ଚାଷ କରାଯାଏ । ଏହା ବର୍ଷାକାଳୀନ ଫସଲ ଅଟେ ।

ଧୂଆଁପତ୍ର—ଏହା ଶୀତକାଳୀନ ଫସଲ ଓ ପଟୁମାଟିରେ ଭଲ ହୁଏ । ବିଶେଷତଃ ବଙ୍ଗ, ବିହାର ଓ ମାନ୍ଦ୍ରାଜରେ ଏହାର ଚାଷ ଅଧିକ ।

[ଚା ବଗିଚା]

ତୈଳବୀଜ—ପୃଥିବୀମଧ୍ୟରେ ଭାରତରେ ଅଧିକ ପରିମାଣର ତୈଳବୀଜ ମିଳେ । ସୋରିଷ ବଙ୍ଗ ପ୍ରଦେଶରେ, ପେଶୀ ଉତ୍ତର

Digitized by PPRACHIN, SOA

ପ୍ରଦେଶରେ, ସିଣ୍ଡି ଓ ଗୁଜରାଟ ପ୍ରଦେଶରେ, ଜଣ୍ଡା ଓ ଶନାବାଦାମ ବମ୍ବେ ଓ ମାନ୍ଦ୍ରାଜ ପ୍ରଦେଶରେ ପ୍ରଚୁର ପରିମାଣରେ ଚାଷ କରାଯାଏ ।

ଚାହା—ଏହା ପର୍ବତପାର୍ଶ୍ୱସ୍ଥ ଗଡ଼ାଣିଆ ଭୂମିରେ ହୁଏ । ଏହା ବେଶୀ ବର୍ଷା ଦରକାର କରେ, କିନ୍ତୁ ପାଣି ତା ମୂଳରେ ଜମି ରହିଲେ କ୍ଷତ ହୁଏ । ଏଥିପାଇଁ ଗଡ଼ାଣିଆ ସ୍ଥାନରେ ଏହାର ଚାଷ ହୁଏ । ଆସାମର ଚାହା ଚାଷ ଭାରତବିଖ୍ୟାତ ଅଟେ । ଏହା ବ୍ୟତୀତ ଦାର୍ଜିଲିଂ ଓ ଦକ୍ଷିଣଭାରତର ନୀଳଗିରି ପର୍ବତପାର୍ଶ୍ୱରେ ଏହାର ଚାଷ କରାଯାଉଛି ।

ପ୍ରଶ୍ନ

୧ । ଦକ୍ଷିଣ ଭାରତରେ କେନାଲଦ୍ୱାରା ଜଳସେଚନ ସମ୍ଭବପର ନୁହେଁ କାହିଁକି ?

୨ । କେନାଲ ଓ କୂପଦ୍ୱାରା କିପରି ଜଳସେଚନ କରାଯାଏ ବର୍ଣ୍ଣନ କର ।

୩ । ନିମ୍ନଲିଖିତ ଜିନିଷ ଭାରତର କେଉଁ ସ୍ଥାନମାନଙ୍କରେ ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ ଲେଖ ।

(କ) ଧାନ (ଖ) କପା (ଗ) ଧୂଆଁପତ୍ର (ଘ) ଝୋଟ (ଙ) ଚାହା (ଚ) ଚିନାବାଦାମ ।

୪ । (କ)ପଞ୍ଜାବ ପ୍ରଦେଶର ଚାଷୀ ଧାନ ଚାଷ କରେନାହିଁ କାହିଁକି ?

(ଖ) ଉତ୍ତର ଭାରତର ଲୋକମାନଙ୍କର ପ୍ରଧାନ ଖାଦ୍ୟ କଣ ?

(ଗ) ଓଡ଼ିଶାର ଲୋକଙ୍କର ଭାତ ପ୍ରଧାନ ଖାଦ୍ୟ ହେବାର କାରଣ କଣ ?

Digitized by PPRACHIN, SOA

୫ । ଭୌଗୋଳିକ କାରଣ ଲେଖ :—

(କ) ପୂର୍ବ ପଞ୍ଜାବରେ ଅନେକ ଅଟାକଳ ଅଛି ।

(ଖ) ବମ୍ବେରେ ବହୁତ ଲୁଗାକଳ ଅଛି । (ବୃ. ପ. ୧୯୪୯)

(ଗ) ଗ୍ରୀଷ୍ମକାଳରେ ଦାକ୍ଷିଣାତ୍ୟରେ ନଦୀଗୁଡ଼ିକ ଶୁଖିଯାଆନ୍ତି ।

(ଘ) କରାଚୀ ବନ୍ଦରରୁ କପା ରପ୍ତାନୀ ହୁଏ (୧୯୪୩ ବୃ. ପ.)

୬ । ଶୂନ୍ୟସ୍ଥାନ ପୂରଣ କର :—

ଗଙ୍ଗା ଓ ଯମୁନାର ମିଳନ ସ୍ଥଳରେ ଯୁକ୍ତ ପ୍ରଦେଶର ରାଜଧାନୀ —ଅବସ୍ଥିତ ।

ଷଷ୍ଠ ଅଧ୍ୟାୟ

ଭାରତର ଶିଳ୍ପ

ଭାରତ ଗୋଟିଏ କୃଷିପ୍ରଧାନ ଦେଶ ହେଲେ ମଧ୍ୟ ଏଥିରେ ଶିଳ୍ପ-ଉପଯୋଗୀ ପ୍ରଚୁର କଞ୍ଚାମାଲ ଓ ଖଣିଜ ପଦାର୍ଥ ପୂର ରହିଛି । ବର୍ତ୍ତମାନ ଭାରତରେ ବହୁ ଶିଳ୍ପ-ଉପଯୋଗୀ ନୂତନ ଯୋଜନାମାନ କରାଯାଉଛି ।

କାର୍ପାସ ଶିଳ୍ପ—ବମ୍ବେ ଓ ବେରାର ଅଞ୍ଚଳରେ ପ୍ରଚୁର ତୂଳା ଉତ୍ପନ୍ନ ହୁଏ । ତେଣୁ ବମ୍ବେ ପ୍ରଦେଶର ବମ୍ବେ ଓ ଅହମଦାବାଦରେ ବହୁତ ଲୁଗାକଳ ଅଛି । ଏ ସ୍ଥାନର ଆର୍ଦ୍ର ଜଳବାୟୁ ସୂତା କାଟିବା ଓ ଲୁଗା ବୁଣିବା କାର୍ଯ୍ୟପାଇଁ ବିଶେଷ ଉପଯୋଗୀ । ଏହି ସମସ୍ତ ଲୁଗାକଳ ବିଦ୍ୟୁତ୍‌ଚାଳିତ ଅଟେ । ଏହା ବ୍ୟତୀତ ସୋଲାପୁର, ନାଗପୁର, କାନପୁର, କଲିକତା ଓ ମାନ୍ଦ୍ରାଜରେ ଅନେକ ଲୁଗାକଳ ଅଛି ।

Digitized by PPRACHIN, SOA

ଚମଡ଼ା ଶିଳ୍ପ—ବଙ୍ଗ ପ୍ରଦେଶରେ ପ୍ରଚୁର ଚମଡ଼ା ସଂଗ୍ରହ କରାଯାଏ । ଏଣୁ ବଙ୍ଗ ପ୍ରଦେଶର କଲିକତା, ହୁଗୁଲୀ ପ୍ରଭୃତି ସ୍ଥାନରେ ବହୁତ ଚମଡ଼ାକଳ ଅଛି । ଏହି ସ୍ଥାନରୁ ଅଖା ଚେଇରପାଲ ପ୍ରଭୃତି ବହୁ ଚମଡ଼ାନିର୍ମିତ ଜିନିଷ ଦେଶବିଦେଶକୁ ପଠାଯାଏ ।

ପଶମ ଶିଳ୍ପ—ମେଣ୍ଢାଲୋମରୁ ପଶମ ତିଆରି କରାଯାଏ । ଉତ୍ତର ପ୍ରଦେଶର ପାହାଡ଼ିଆ ଅଞ୍ଚଳରେ, କାଶ୍ମୀର ଓ ପଞ୍ଜାବରେ ଅନେକ ମେଣ୍ଢା ପାଳିତ ହୁଅନ୍ତି । ତେଣୁ ଏହି ସ୍ଥାନମାନଙ୍କରେ ଅନେକ ପଶମ କାରଖାନା ଦେଖାଯାଏ । ଏହି ଲୋମରୁ କମ୍ବଳ, ଶାଲ, ଆଲୁଆନ୍, ଗାଲିଚା ପ୍ରସ୍ତୁତ କରାଯାଏ । ଶ୍ରୀନଗର, ଲୁଧିଆନା, ଅମୃତସର, ଆଗ୍ରା, ଦିଲ୍ଲୀ ଓ ବାଙ୍ଗାଲୋରରେ ପଶମ କାରଖାନାମାନ ଅଛି ।

ରେଶମ ଶିଳ୍ପ—ଶ୍ରୀନଗର, କାଶ୍ମୀର, ଅମୃତସର, ଲୁଧିଆନା, ବନାରସ, ମୁର୍ଶିଦାବାଦ, ଭାଗଲପୁରରେ ଏହାର କାରଖାନା ଅଛି ।

ଲୌହ ଶିଳ୍ପ—ଜାମସେଦ୍‌ପୁର ଟାଟା କମ୍ପାନୀ ଲୁହା ଓ ଇସ୍ପାତ ପାଇଁ ଭାରତବିଖ୍ୟାତ । ଏହା ମୟୂରଭଞ୍ଜ ଓ କେନ୍ଦୁଝରରୁ ଲୁହାପଥର ଏବଂ ଝରିଆ, ରାଣୀଗଞ୍ଜ ଓ ତାଳଚେରରୁ କୋଇଲା ପାଏ । ଆସାନସୋଲର ବର୍ଣ୍ଣପୁରରେ ଗୋଟିଏ ବଡ଼ ଲୁହା କାରଖାନା ମଧ୍ୟ ଅଛି । ଓଡ଼ିଶାରେ ସୁକିନ୍ଦା, ସମ୍ବଲପୁର ଓ ବଣାଇଠାରେ ତିନୋଟି ବଡ଼ ଲୁହା କାରଖାନା ବସାଇବାର ଉଦ୍ୟମ ଚାଲିଛି ।

ଚିନି କାରଖାନା—ପୂର୍ବପଞ୍ଜାବ, ପୂର୍ବବଙ୍ଗ ମାନ୍ଦ୍ରାଜ, ବମ୍ବେ ଓ ଓଡ଼ିଶା ପ୍ରଦେଶରେ ଚିନିକଳମାନ ଅଛି । ଭାରତରେ ସର୍ବମୋଟ ୧୫୦ ଟି ଚିନିକଳ ଅଛି ।

Digitized by PPRACHIN, SOA

କାଚ କାରଖାନା—ଉତ୍ତର ପ୍ରଦେଶର ଫିରୋଜାବାଦ୍, ମଧ୍ୟପ୍ରଦେଶର ଜବଲପୁର, କଲିକତା, ନାଗପୁର, ଅଗ୍ରା, ପୁନା ଓ ବମ୍ବେରେ ବହୁତ କାଚକାରଖାନା ଅଛି । ଆମ ଓଡ଼ିଶାର ବାରଙ୍ଗଠାରେ ମଧ୍ୟ ଗୋଟିଏ କାଚକାରଖାନା ଅଛି ।

କାଗଜକଳ—ଲକ୍ଷ୍ନୌ, ସାହାରନ୍, ଡାଲମିଆନଗର. ବମ୍ବେ, ପୁନା, ଟିଟାଗଡ଼ ଓ ରାଣୀଗଞ୍ଜଠାରେ କାଗଜକଳମାନ ଅଛି । ଓଡ଼ିଶାର ବ୍ରଜରାଜନଗରରେ ଗୋଟିଏ କାଗଜକଳ ଅଛି ।

ସାର କାରଖାନା—ବିହାର ପ୍ରଦେଶର ସିନ୍ଧ୍ରିଠାରେ ଗୋଟିଏ ସାର କାରଖାନା ଅଛି । ଭାରତରେ ଏହା ପ୍ରଥମ ଓ ଶ୍ରେଷ୍ଠ ସାର କାରଖାନା ।

ଚମଡ଼ା କାରଖାନା—କାନପୁର, ମାନ୍ଦ୍ରାଜ, ଆଗ୍ରା ଓ କଲିକତାରେ ଅନେକ ବଡ଼ ବଡ଼ ଚମଡ଼ା କାରଖାନା ଦେଖାଯାଏ ।

ସିମେଣ୍ଟ କାରଖାନା—ମଧ୍ୟ ପ୍ରଦେଶର କାଟ୍ନି ଓ କୈମୁର, ବିହାରର ଡାଲମିଆଁ ନଗର, ସୌରାଷ୍ଟ୍ରର ପୋର ବନ୍ଦରରେ ସିମେଣ୍ଟ କାରଖାନମାନ ଅଛି । ଆମ ଓଡ଼ିଶାର ରାଜଗାଙ୍ଗପୁରଠାରେ ମଧ୍ୟ ଗୋଟିଏ ସିମେଣ୍ଟ କାରଖାନା ସ୍ଥାପିତ ହୋଇଅଛି ।

ମୋଟର କାରଖାନା—କଲିକତା, ବମ୍ବେ ଓ ସୌରାଷ୍ଟ୍ରରେ ମଟର ତିଆରି ପାଇଁ କାରଖାନା ଅଛି ।

ସାଇକେଲ କାରଖାନା—ବମ୍ବେ, କଲିକତା, ପାଟଣା ସହରରେ ସାଇକେଲ ତିଆରି କାରଖାନାମାନ ଅଛି ।

ଏହା ବ୍ୟତୀତ କୋଚିନ୍‌ରେ ନଡ଼ିଆ ତେଲ କାରଖାନା, ବମ୍ବେ, ମୋରଦାବାଦ୍‌ରେ ତମ୍ବା ଓ ପିତଳ ବାସନର କାରଖାନା ଅଛି ।

Digitized by PPRACHIN, SOA

ଜାହାଜ କାରଖାନା—ବିଶାଖପାଟଣା ବନ୍ଦରଠାରେ ଜାହାଜ ତିଆରି ପାଇଁ କାରଖାନା ଅଛି। ଏହି କମ୍ପାନୀର ନାମ "ସିନ୍ଧିଆ ଷ୍ଟିମ୍ ନାଭିଗେସନ" କମ୍ପାନୀ। ଏହି କମ୍ପାନୀଦ୍ୱାରା ତିଆରି



[ବିଶାଖପାଟଣା ବନ୍ଦର]

ପ୍ରଥମ ଜାହାଜର ନାମ 'ଜଳଉଷା'। ତାପରେ 'ଜଳପଦ୍ମ', 'ଜଳଜବାହର' ପ୍ରଭୃତି ଆଉ କେତୋଟି ଜାହାଜ ତିଆରି ହୋଇଛି।

ଉଡ଼ାଜାହାଜ କାରଖାନା—ମହୀଶୂରର ବାଙ୍ଗାଲୋରଠାରେ ଉଡ଼ାଜାହାଜ ତିଆରି ହେବା ପାଇଁ କାରଖାନା ବସିଛି।

ତେଲ ଓ ସାବୁନ କାରଖାନା—କୋଚିନରେ ନଡ଼ିଆ ତେଲ କାରଖାନା, ମହୀଶୂରରେ ଚନ୍ଦନ ତେଲ ଓ ସାବୁନ କାରଖାନା ଅଛି।

Digitized by PPRACHIN, SOA

ତମ୍ବା ଓ ପିତଳ ବାସନ କାରଖାନା।—ବନାରସ, ଜୟପୁର ଓ ମୋରଦାବାଦ (ଉତ୍ତର ପ୍ରଦେଶ) ତମ୍ବା ଓ ପିତଳ ବାସନ କାରଖାନାମାନ ପାଇଁ ପ୍ରସିଦ୍ଧି ଲାଭ କରନ୍ତି।

ପ୍ରଶ୍ନ

୧। ଭାରତର କେଉଁ ଅଞ୍ଚଳରେ ପ୍ରଚୁର ଲୁଗାକଲ ଅଛି? ସେହି ସେହି ଅଞ୍ଚଳରେ ଲୁଗାକଲ ବସିବାର କାରଣ କଅଣ?

୨। ଭାରତର କେଉଁ ସ୍ଥାନମାନଙ୍କରେ ନିମ୍ନଲିଖିତ ଶିଳ୍ପମାନ ଦେଖିବ?

(କ) ପଶମଶିଳ୍ପ (ଖ) ଲୌହଶିଳ୍ପ (ଗ) କାଗଜ କଳ (ଘ) ଜାହାଜ କାରଖାନା (ଙ) କାଚ (ଚ) ସାଇ (ଛ) ଚମଡ଼ା କାରଖାନା।

ସପ୍ତମ ଅଧ୍ୟାୟ

ଭାରତର ଖଣିଜ ପଦାର୍ଥ

ଯେଉଁ ପଦାର୍ଥଗୁଡ଼ିକ ମାଟି ବା ପଥର ଖୋଳି ତଳୁ ବାହାର କରାଯାଏ, ତାକୁ ଖଣିଜ ଦ୍ରବ୍ୟ କହନ୍ତି। ଯେ କୌଣସି ଖଣିଜ ଦ୍ରବ୍ୟ ବାହାରିଲା ବେଳେ ତା ଦେହରେ ମାଟି ବା ପଥର ମିଶିକରି ଥାଏ। ପରେ ତାକୁ କଳରେ ସଫା କରାଯାଏ। ଭିନ୍ନ ଭିନ୍ନ ଖଣିରୁ ଭିନ୍ନ ଭିନ୍ନ ପଦାର୍ଥମାନ ମିଳିଥାଏ। ଆମ ଭାରତରେ ସୁନା, ରୁପା, ତମ୍ବା, ସୀସ, ଲୁହା, ଅଭ୍ର, ମାଙ୍ଗାନିଜ୍ ଓ କିରାସିନ ପ୍ରଭୃତି ବହୁତ ଖଣିଜ ପଦାର୍ଥ ମିଳେ।

Digitized by PPRACHIN, SOA

ଲୁହା—ବିହାର ପ୍ରଦେଶର ସିଂହଭୂମ ଜିଲାରେ, ଓଡ଼ିଶା ପ୍ରଦେଶର ମୟୂରଭଞ୍ଜ ଜିଲାରେ ଓ କେନ୍ଦୁଝର ଜିଲାରେ ବଡ଼ ବଡ଼ ଲୁହାଖଣି ଅଛି । ମହୀଶୂରର କୁମାଠମୁଣ୍ଡିରେ ମଧ୍ୟ ଲୁହାଖଣି ଅଛି ।

ପଥରକୋଇଲା—ପଥରକୋଇଲା ଭାରତରେ ବହୁ ପରିମାଣରେ ମିଳେ । ବିହାର, ବଙ୍ଗଳା, ଓଡ଼ିଶା ପ୍ରଦେଶରେ ଏହାର



[କୋଇଲାଖଣିର ବାହାରର ଦୃଶ୍ୟ]

ବଡ଼ ବଡ଼ ଖଣିମାନ ଅଛି । ଏହି କୋଇଲାରୁ ଅଲକାତରା ମଧ୍ୟ ପ୍ରସ୍ତୁତ ହୁଏ ।

ସୁନା—ଏହା ଏକ ମୂଲ୍ୟବାନ୍ ଧାତୁ । ମହୀଶୂର ଅନ୍ତର୍ଗତ କୋଲାର ସୁନାଖଣି ଭାରତବିଖ୍ୟାତ ଅଟେ ।

ମାଙ୍ଗାନିଜ—ଏହା ଇସ୍ପାତ ତିଆର କରିବା ପାଇଁ ବିଶେଷ ଆବଶ୍ୟକ ହୁଏ । ମଧ୍ୟପ୍ରଦେଶର ମାଙ୍ଗାନିଜ ଖଣି ଭାରତବିଖ୍ୟାତ

Digitized by PPRACHIN, SOA

ଅଛି । ଏହା ବ୍ୟତୀତ ଓଡ଼ିଶାର ଗାଙ୍ଗପୁର, ବଣାଇ, କେନ୍ଦୁଝରରେ ମଧ୍ୟ ଏହା ମିଳେ ।

ଅଭ୍ର—ଏହା କାଗଜର ଉଜ୍ଜ୍ୱଳ ଓ ତାପ ସହ୍ୟ କରିପାରେ । ବିଦ୍ୟୁତ୍ ଯନ୍ତ୍ର ତିଆରି କରିବାରେ ଏହା ବ୍ୟବହୃତ ହୁଏ । ଟେଲଲଇଟରେ କାଚରୂପେ ମଧ୍ୟ ଏହା ବ୍ୟବହୃତ ହୋଇଥାଏ । ହଜାରିବାଗର କୋମର୍ଦା ଖଣି ଭାରତପ୍ରସିଦ୍ଧ ।

କିରାସିନ—ମାଟିତଳେ ଗଭୀର କୂପ ଖୋଳି ଏହାକୁ ବାହାର କରାଯାଏ । ପରେ ଏହାକୁ କାରଖାନାକୁ ନେଇ ସଫା କରି କିରାସିନ, ପେଟ୍ରୋଲ ପ୍ରଭୃତି ବାହାର କରାଯାଏ । ଆସାମ ପ୍ରଦେଶର ଡିଗ୍‌ବୋଇ ଓ ପାକିସ୍ଥାନର ରାଓଲପିଣ୍ଡିଠାରେ ଏହାର ଖଣିମାନ ଅଛି ।

ତମ୍ବା—ବିହାର ପ୍ରଦେଶ ଅନ୍ତର୍ଗତ ଘାଟଶିଲା ନିକଟବର୍ତ୍ତୀ ମୋଷା ଖଣିରୁ ଯଥେଷ୍ଟ ତମ୍ବା ମିଳେ ।

ଲବଣ—ସମୁଦ୍ରପାଣି ଶୁଖାଇ ଲୁଣ ବାହାର କରାଯାଏ । ଅନେକ ପର୍ବତଦେହରୁ ମଧ୍ୟ ଏହା ମିଳେ । ପାକିସ୍ଥାନର ଅନ୍ତର୍ଗତ ଲବଣ ପର୍ବତରୁ ସୈନ୍ଧବ ଲବଣ ବାହାର କରାଯାଏ । ଏଣୁ ଏହାକୁ ଖଣିଜ ପଦାର୍ଥ ବୋଲି ଧରାଯାଏ । ଖାଦ୍ୟ, ଔଷଧ ଓ ରାସାୟନିକ ପଦାର୍ଥ ତିଆରି ଲାଗି ଲୁଣ ବ୍ୟବହୃତ ହୁଏ ।

ପ୍ରଶ୍ନ

୧ । ନିମ୍ନଲିଖିତ ଖଣିଜ ଦ୍ରବ୍ୟମାନ କି କି କାମରେ ଲାଗେ ?
ମାଙ୍ଗାନିଜ୍, କିରାସିନ, ଲୁଣ, ପଥରକୋଇଲା ।

୨ । କେଉଁ କେଉଁ ସ୍ଥାନରେ ନିମ୍ନଲିଖିତ ଧାତୁ ଦ୍ରବ୍ୟ ମିଳେ ?
ସୁନା, ଲୁହା, ଅଭ୍ର, ତମ୍ବା ।

Digitized by PPRACHIN, SOA

୩ । ଓଡ଼ିଶାରୁ ମିଳୁଥିବା ଖଣିଜ ଦ୍ରବ୍ୟମାନଙ୍କର ନାମ ଲେଖ । ସେସବୁ କ କ ବ୍ୟବହାରରେ ଲାଗେ ?

ଅଷ୍ଟମ ଅଧ୍ୟାୟ

ଭାରତର ଗମନାଗମନ ପଥ

(କ) ରେଲଓ୍ୱେ

୧୮୫୩ ଖ୍ରୀଷ୍ଟାବ୍ଦରେ ଭାରତରେ ସର୍ବ ପ୍ରଥମେ ରେଲରାସ୍ତା ନିର୍ମିତ ହୋଇଥିଲା । ପ୍ରଥମେ ବିଭିନ୍ନ ରେଲପଥ ବିଭିନ୍ନ କମ୍ପାନୀଙ୍କ ଦ୍ୱାରା ପରିଚାଳିତ ହେଉଥିଲା । କିନ୍ତୁ ଏବେ ଭାରତ ସରକାର ରେଲରାସ୍ତା ପରିଚାଳନ କରନ୍ତି । ପରିଚାଳନାର ସୁବିଧା ପାଇଁ ଭାରତର ସମସ୍ତ ରେଲପଥକୁ ୬ଟି ଅଞ୍ଚଳରେ ବିଭାଗ କରାଯାଇଅଛି । ନିମ୍ନରେ ପ୍ରତି ବିଭାଗର ନାମ ଓ ରେଲପଥର ଦୈର୍ଘ୍ୟ ଦିଆଗଲା ।

୧—ଉତ୍ତରାଞ୍ଚଳ	୫୨୫୯ ମାଇଲ
୨—ପଶ୍ଚିମାଞ୍ଚଳ	୫୬୮୦ ,,
୩—ମଧ୍ୟାଞ୍ଚଳ	୫୪୨୮ ,,
୪—ଦକ୍ଷିଣାଞ୍ଚଳ	୫୯୯୯ ,,
୫—ପୂର୍ବାଞ୍ଚଳ	୫୦୧୬ ,,
୬—ଉତ୍ତରପୂର୍ବାଞ୍ଚଳ	୨୬୩୬ ,,

ଉତ୍ତରାଞ୍ଚଳ ରେଲଓ୍ୱେ—ଯୋଧପୁର, ବିକାନୀର, ପୂର୍ବ ପଞ୍ଜାବ, ଅଲାହାବାଦ, ଲକ୍ଷ୍ନୌ, ମୋରଦାବାଦ ପ୍ରଭୃତି ଏହି ଅଞ୍ଚଳର ଅନ୍ତର୍ଗତ । ଦିଲ୍ଲୀରେ ଏହି ବିଭାଗର ପ୍ରଧାନ ଅଫିସ ଅବସ୍ଥିତ ।

Digitized by PPRACHIN, SOA

ଏହାଦ୍ୱାରା ପ୍ରାୟ ୧୪୬୦୦୦ ବର୍ଗମାଇଲରେ ବାସ କରୁଥିବା ୫୭୦୦୦୦୦୦ ଲୋକଙ୍କର ଯିବା ଆସିବା ଓ ଜିନିଷପତ୍ର ନେବା ଆଣିବା କାର୍ଯ୍ୟ ଚଳେ ।



ପଶ୍ଚିମାଞ୍ଚଳ ରେଲଓ୍ୱେ—ଏହି ରେଲପଥଦ୍ୱାରା ପ୍ରାୟ ୧୫୦୦୦୦୦୦ ଲୋକ ଉପକୃତ ହୁଅନ୍ତି । ବମ୍ବେ, ସୌରାଷ୍ଟ୍ର, ରାଜସ୍ଥାନ ଓ ମଧ୍ୟଭାରତ ମଧ୍ୟରେ ଏହି ରେଲପଥ ବିସ୍ତୃତ ।

Digitized by PPRACHIN, SOA

ମଧ୍ୟାଞ୍ଚଳ ରେଲଓଏ—ଏହି ରେଲଓଏଦ୍ୱାରା ପ୍ରାୟ ୨୧୦୦୦୦ ବର୍ଗମାଇଲରେ ବାସ କରୁଥିବା ଲୋକେ ଉପକାର ପାଇଥାନ୍ତି ।

ଦକ୍ଷିଣାଞ୍ଚଳ ରେଲଓଏ—ଦାକ୍ଷିଣାତ୍ୟ ଅଞ୍ଚଳର ଏହା ପ୍ରଧାନ ରେଲପଥ । ଏହାଦ୍ୱାରା ପୂର୍ବ ଉପକୂଳର ୱାଲଟିଅର, ଦକ୍ଷିଣର ତ୍ରିବାନ୍ଦ୍ରମ୍ ଓ ପଶ୍ଚିମ ଉପକୂଳର ପୁନା ପରସ୍ପର ସହିତ ସଂଯୁକ୍ତ ।

ପୂର୍ବାଞ୍ଚଳ ରେଲଓଏ—ପୂର୍ବତନ ବେଙ୍ଗଲ ନାଗପୁର ରେଲଓଏ ଓ ଇଷ୍ଟ-ଇଣ୍ଡିଅନ ରେଲଓଏର ଅଧିକାଂଶ ଏହି ବିଭାଗର ଅନ୍ତର୍ଗତ । ଏହା ପୂର୍ବ ଭାରତର କୋଇଲା ଓ ଲୁହା ଉତ୍ପାଦନକାରୀ ଅଞ୍ଚଳ ମଧ୍ୟ ଦେଇ ଯାଉଥିବାରୁ କେତେକ ସୁବିଧା ଭୋଗ କରେ । ଏହି ରେଲପଥଦ୍ୱାରା କଲିକତା ଓ ବିଶାଖାପାଟଣା ବନ୍ଦର ଦୁଇଟି ପରସ୍ପର ସଂଯୁକ୍ତ । କଲିକତାରେ ଏହି ରେଲଓଏର ପ୍ରଧାନ ଅଫିସ ଅଛି । ଏହି ରେଲଓଏଦ୍ୱାରା ୨୦୦୦୦୦ ବର୍ଗମାଇଲର ୭ କୋଟି ୭୦ ଲକ୍ଷ ଲୋକ ଉପକୃତ ହୁଅନ୍ତି ।

ଉତ୍ତରପୂର୍ବାଞ୍ଚଳ ରେଲଓଏ—ପୂର୍ବତନ ଇଷ୍ଟ-ଇଣ୍ଡିଅନ ରେଲଓଏର କେତେକ ଅଂଶ, ଅଯୋଧ୍ୟା- ତିର୍‌ହୁତ ରେଲଓଏ ଓ ଆସାମ ରେଲଓଏକୁ ନେଇ ଏହି ବିଭାଗ ଗଠିତ ହୋଇଅଛି । ଗୋରଖପୁରରେ ଏହି ବିଭାଗର ପ୍ରଧାନ ଅଫିସ ଅଛି । ଏହାଦ୍ୱାରା ୧ ଲକ୍ଷ ୧୬ ହଜାର ବର୍ଗମାଇଲର ୪ କୋଟି ୭୦ ଲକ୍ଷ ଲୋକ ଉପକାର ପାଇଥାନ୍ତି ।

(ଖ) ଜଳପଥ—ଉତ୍ତର ଭାରତର ନଦୀଗୁଡ଼ିକ ବର୍ଷସାରା ସୁନାବ୍ୟ । ଗ୍ରୀଷ୍ମଋତୁରେ ବରଫ ତରଳି ନଦୀରେ ବନ୍ୟା ହୁଏ । ଏଣୁ ଏହି ନଦୀଗୁଡ଼ିକ ବର୍ଷସାରା ନୌଚାଳନର ଉପଯୋଗୀ ଅଟନ୍ତି ।

Digitized by PPRACHIN, SOA

ଦକ୍ଷିଣ ଭାରତର ନଦୀଗୁଡ଼କ ସୁନାବ୍ୟ ନୁହନ୍ତ । ମାଳଭୂମିରେ ପ୍ରବାହିତ ହେଉଥିବାରୁ ଏଗୁଡ଼କ ଖରସ୍ରୋତା ଓ ନଦୀଶଯ୍ୟା ପ୍ରସ୍ତର-ମୟ ଓ ଉଚ୍ଚନୀଚ । ସ୍ଥାନେ ସ୍ଥାନେ ନଦୀଶଯ୍ୟାରେ ଜଳପ୍ରପାତମାନ ପରିଦୃଷ୍ଟ ହୁଏ । ଏହିସବୁ କାରଣରୁ ଦକ୍ଷିଣ ଭାରତୀୟ ନଦୀମାନେ ନୌଚାଳନ ପକ୍ଷେ ଅନୁକୂଳ ନୁହନ୍ତ । ଦେଶର ସର୍ବତ୍ର ରେଳ ପଥର ପ୍ରସାର ଯୋଗୁ ନଦୀପଥରେ ନୌଚାଳନ କମିଯାଉଛି । ଦକ୍ଷିଣ ଭାରତର ଉପକୂଳ ଅଞ୍ଚଳରେ ଅର୍ଥାତ୍ ନଦୀମାନଙ୍କର ମୁହାଣରେ ନୌଚାଳନର ସୁବିଧା ଅଛି । ପୂର୍ବ ଉପକୂଳରେ କେତେକ ହ୍ରଦ ଅଛି । ଏହାମଧ୍ୟରେ ନୌଚାଳନ କରାଯାଏ । ଭାରତର ତିନିପାଖେ ସମୁଦ୍ର ଥିବାରୁ କଲିକତା, ମାନ୍ଦ୍ରାଜ, ବମ୍ବେ ପ୍ରଭୃତି ବନ୍ଦରମାନଙ୍କରୁ ପୃଥିବୀର ଅନ୍ୟାନ୍ୟ ବନ୍ଦରମାନଙ୍କୁ ଜାହାଜ ଯିବା ଆସିବା କରେ ।

(ଗ) ଆକାଶପଥ—ଆଜିକାଲି ଭାରତର ବହୁସ୍ଥାନରେ ଉଡ଼ାଜାହାଜ ଷ୍ଟେସନମାନ ଖୋଲି ହେଲଣି । ଉଡ଼ାଜାହାଜଦ୍ୱାରା ଅଳ୍ପ ସମୟମଧ୍ୟରେ ଚିଠିପତ୍ର, ମନିଅର୍ଡ଼ର, ପାର୍ଶଲ, ପ୍ରଭୃତି ଯାଇଆସି ପାରୁଛି ଯାତ୍ରୀ ମଧ୍ୟ ଅଳ୍ପ ସମୟମଧ୍ୟରେ ବହୁ ଦୂର ପଥ ଅତିକ୍ରମ କରି ପାରୁ-ଅଛନ୍ତ । ରେଳ, ମଟର, ଜାହାଜ ଅପେକ୍ଷା ଏହା ଅତି ଦ୍ରୁତ ବେଗରେ ଗତି କରିପାରେ । ଏହାଦ୍ୱାରା ଡାକ କାର୍ଯ୍ୟ ଅତି ଚଞ୍ଚଳ ସାଧିତ ହୋଇ-ପାରୁଛି ।

ଭାରତର ନିମ୍ନଲିଖିତ ସ୍ଥାନମାନଙ୍କରେ ଉଡ଼ାଜାହାଜ ଅବତରଣ କେନ୍ଦ୍ରମାନ ଅଛି । ଭାରତରେ କରାଚୀ ପ୍ରଧାନ ଉଡ଼ାଜାହାଜ କେନ୍ଦ୍ର ଥିଲା । ଇଂଲଣ୍ଡରୁ ଡାକ ନେଇ ପ୍ରଥମେ ଉଡ଼ାଜାହାଜ କରାଚୀଠାରେ ଓହ୍ଲାଉ-ଥିଲା । ବର୍ତ୍ତମାନ କରାଚୀ ପାକିସ୍ଥାନର ଅନ୍ତର୍ଗତ । ନିମ୍ନରେ କେତେକ ଉଡ଼ାଜାହାଜ ପଥର ବିବରଣ ଦିଆଯାଉଅଛି ।

Digitized by PPRACHIN, SOA

(୧) ଦିଲ୍ଲୀରୁ—ଅହମଦାବାଦ୍, ବମ୍ବେ, ନାଗପୁର, ମାନ୍ଦ୍ରାଜକୁ ଉଡ଼ାଜାହାଜ ଯାଏ ।

(୨) ବମ୍ବେରୁ— କରାଚୀ, କଲମ୍ବୋ, ମାନ୍ଦ୍ରାଜ, କଲିକତା ଓ ନାଗପୁରକୁ ଉଡ଼ାଜାହାଜ ଯାଏ ।

(୩) କଲିକତାରୁ—ଚିଟାଗଞ୍ଜ (ପୂର୍ବପାକିସ୍ଥାନର ବନ୍ଦର) ଢାକା ଓ ଓଡ଼ିଶାକୁ ଉଡ଼ାଜାହାଜ ଯା ଆସ କରେ । ଭୁବନେଶ୍ବରରେ ଉଡ଼ାଜାହାଜ ଓହ୍ଲାଇବା ପାଇଁ ଘାଟୀ ଅଛି ।

(୪) ଭାରତରୁ ଇଂଲଣ୍ଡକୁ ମଧ୍ୟ ଉଡ଼ାଜାହାଜ ଯାଏ । ଏଥିରେ ଯାଇ ଇଂଲଣ୍ଡରେ ପହଞ୍ଚିବାକୁ ୩୦ ଘଣ୍ଟା ସମୟ ଲାଗେ । ମାତ୍ର ଜଳପଥରେ ଜାହାଜରେ ଗଲେ ୧୭।୧୮ ଦିନ ପର୍ଯ୍ୟନ୍ତ ଲାଗେ । ଉଡ଼ାଜାହାଜରେ ଯିବା କେତେ ସୁବିଧା ଏଥିରୁ ସହଜରେ ଅନୁମାନ କରିହେବ ।

(ଘ) ସଡ଼କ—ଓଡ଼ିଶାରେ ଥିବା ପ୍ରଧାନ ସଡ଼କମଧ୍ୟରେ ଓଡ଼ିଶା ଟ୍ରଙ୍କରୋଡ଼ ଓ ଜଗନ୍ନାଥ ରୋଡ଼ ପ୍ରସିଦ୍ଧ । ଓଡ଼ିଶା ଟ୍ରଙ୍କରୋଡ଼ କଲିକତାଠାରୁ ବାଲେଶ୍ବର, କଟକ, ଖୋର୍ଦ୍ଧା ଓ ବ୍ରହ୍ମପୁର ବାଟେ ମାନ୍ଦ୍ରାଜ ପର୍ଯ୍ୟନ୍ତ ଯାଇଅଛି । ଜଗନ୍ନାଥ ରୋଡ଼ କଟକ ଆରପାଖେ ଥିବା ମୁଣ୍ଡାମଣ୍ଡଳଠାରୁ ଆରମ୍ଭ ହୋଇ ଭୁବନେଶ୍ବର, ପିପିଲି, ସତ୍ୟବାଦୀ ବାଟେ ପୁରୀ ପର୍ଯ୍ୟନ୍ତ ଯାଇଅଛି ।

ଏହିଭଳି ବହୁ ପକ୍କା ଓ କଚ୍ଚା ସଡ଼କ ଭାରତର ପ୍ରତି ସହରକୁ ଓ ପ୍ରଧାନ ପ୍ରଧାନ ଗ୍ରାମଗୁଡ଼ିକୁ ଯାଇଅଛି । ଲୋକମାନଙ୍କ ଯିବା ଆସିବା ସଙ୍ଗେ ସଙ୍ଗେ ଏଗୁଡ଼ିକ ଦେଶଭିତରର ବାଣିଜ୍ୟ ଚଳିବାରେ ବହୁତ ସାହାଯ୍ୟ କରନ୍ତି ।

କଲିକତାଠାରୁ ପେଶୱାର ପର୍ଯ୍ୟନ୍ତ ଗୋଟିଏ ସଡ଼କ ଅଛି । ଏହା ଶେରସାହାଙ୍କ ଦ୍ବାରା ତିଆରି ହୋଇଥିଲା ।

Digitized by PPRACHIN, SOA

ପ୍ରଶ୍ନ

୧ । ଭାରତର ରେଳପଥଗୁଡ଼ିକ କେତୋଟି ଅଞ୍ଚଳରେ ବିଭାଗରେ ବିଭକ୍ତ ? ପ୍ରତ୍ୟେକରେ ଥିବା ଦୁଇଟି ପ୍ରଧାନ ଷ୍ଟେସନର ନାମ କହ ।

୨ । ଶୂନ୍ୟସ୍ଥାନ ପୂରଣ କର :—

(କ) —ପୂର୍ବାଞ୍ଚଳ (Eastern) ରେଲ୍‌ୱେର ପ୍ରଧାନ ଅଫିସ ଅଛି ।

(ଖ) ବଣାଖାପାଟଣା ଷ୍ଟେସନ—ରେଲ୍‌ୱେର ଅନ୍ତର୍ଗତ ।

(ଗ) ବମ୍ବେ ଓ —ପଶ୍ଚିମାଞ୍ଚଳ ରେଲ୍‌ୱେରେ ଦୁଇଟି ପ୍ରଧାନ ସ୍ଥାନ ।

(ଘ) ଭାରତରେ ସର୍ବମୋଟ—ମାଇଲ୍ ରେଳପଥ ଅଛି ।

୩ । କାହିଁକି ଦକ୍ଷିଣଭାରତର ନଦୀସବୁ ଉତ୍ତରଭାରତର ନଦୀମାନଙ୍କ ପରି ସୁନାବ୍ୟ ନୁହନ୍ତି ?

୪ । ଭାରତର ତିନି ପାଖରେ ସମୁଦ୍ର ଥିବାରୁ ବାଣିଜ୍ୟର କି ସୁବିଧା ହୋଇଅଛି ?

୫ । ଭାରତମଧ୍ୟରେ କେଉଁ କେଉଁ ସ୍ଥାନରେ ଉଡ଼ାଜାହାଜ ଘାଟୀ ଅଛି ? ଓଡ଼ିଶାରେ କେଉଁଠାରେ ଉଡ଼ାଜାହାଜ ଘାଟୀ ଅଛି ?

୬ । ଓଡ଼ିଶାର ଜଳପଥରେ ଜିନିଷ ନେବା ଆଣିବା କରିବାର କି ସୁବିଧା ଅଛି ?

Digitized by PPRACHIN, SOA

ନବମ ଅଧ୍ୟାୟ

ରାଷ୍ଟ୍ରୀୟ ବିଭାଗ

୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନଠାରୁ ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଅଛି । ନିମ୍ନରେ ଭାରତର ଭିନ୍ନ ଭିନ୍ନ ରାଷ୍ଟ୍ରୀୟ ବିଭାଗର ନାମ, ତାହାର ରାଜଧାନୀ ଓ ଗ୍ରୀଷ୍ମନିବାସମାନ ଦିଆଗଲା :—

(କ) ଗଭର୍ଣ୍ଣରଙ୍କ ଦ୍ୱାରା ଶାସିତ ରାଷ୍ଟ୍ରୀୟ ବିଭାଗ

	ରାଜ୍ୟ	ରାଜଧାନୀ	ଗ୍ରୀଷ୍ମନିବାସ
(୧)	ଆସାମ	ସିଲଂ	ସିଲଂ
(୨)	ପଶ୍ଚିମବଙ୍ଗ	କଲିକତା	ଦାର୍ଜିଲିଂ
(୩)	ବିହାର	ପାଟଣା	ରାଞ୍ଚି
(୪)	ଓଡ଼ିଶା	ଭୁବନେଶ୍ୱର	ପୁରୀ
(୫)	ଉତ୍ତରପ୍ରଦେଶ	ଲକ୍ଷ୍ନୌ	ନୈନିତାଲ
(୬)	ପୂର୍ବପଞ୍ଜାବ	ଜଲନ୍ଧର	ସିମଲା
(୭)	ବମ୍ବେ	ବମ୍ବେ	ମହାବଳେଶ୍ୱର
(୮)	ମାନ୍ଦ୍ରାଜ	ମାନ୍ଦ୍ରାଜ	ଉତକାମଣ୍ଡ
(୯)	ମଧ୍ୟପ୍ରଦେଶ	ନାଗପୁର	ପାଞ୍ଚମାରୀ

(ଖ) ଚିଫ୍ କମିସନରଙ୍କ ଦ୍ୱାରା ଶାସିତ ରାଷ୍ଟ୍ରୀୟ ବିଭାଗ

(୧)	ଦିଲ୍ଲୀ	ଦିଲ୍ଲୀ	ଦିଲ୍ଲୀ
(୨)	ଅଜମୀର	ଅଜମୀର	ଅବୁପାହାଡ଼
(୩)	କୁର୍ଗ	ମାର୍କରା	ବାଙ୍ଗାଲୋର

Digitized by PPRACHIN, SOA

ହିମାଚଳ ପ୍ରଦେଶ, କୁଚବିହାର, ବିଳାସପୁର, ଭୂପାଳ, କଚ୍ଛ, ମଣିପୁର ଓ ତ୍ରିପୁରା ରାଜ୍ୟଗୁଡ଼ିକ ମଧ୍ୟ ଜଣେ ଜଣେ ଚିଫ୍ କମିଶନରଙ୍କ ଦ୍ୱାରା ଶାସିତ ହେଉଅଛି । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ମଧ୍ୟ ଭାରତ ରାଷ୍ଟ୍ରର ଅନ୍ତର୍ଭୁକ୍ତ ଅଟେ । ପୋର୍ଟ ବ୍ଲେୟାର ଏହାର ରାଜଧାନୀ ।

(ଗ) ଦେଶୀୟ ରାଜ୍ୟ ଇଉନିୟନ

ୟୁନିୟନର ନାମ	ରାଜଧାନୀ
(୧) ପାତିଆଲା ଓ ପୂର୍ବପଞ୍ଜାବ	ପାତିୟାଲା
(୨) ରାଜସ୍ଥାନ	ଜୟପୁର
(୩) ମଧ୍ୟଭାରତ	ଗୋଆଲିଅର
(୪) ବିନ୍ଧ୍ୟପ୍ରଦେଶ	ରେଓ୍ୱା
(୫) ସୌରାଷ୍ଟ୍ର	ରାଜକୋଟ
(୬) ତ୍ରିବାଙ୍କୁର-କୋଚିନ	ତ୍ରିବନ୍ଦ୍ରମ୍

ଏହାଛଡ଼ା କାଶ୍ମୀର ଓ ଜାମ୍ମୁ, ହାଇଦ୍ରାବାଦ, ମହୀଶୂର ଇତ୍ୟାଦି ଦେଶୀୟ ରାଜ୍ୟଗୁଡ଼ିକ ଭାରତରେ ମିଶିଅଛନ୍ତି ଏବଂ ନେପାଳ ଓ ଭୂଟାନ ରାଜ୍ୟ ଦୁଇଟି ମିତ୍ରରାଜ୍ୟ ଭାବରେ ରହିଅଛନ୍ତି ।

ଭାରତର ପ୍ରସିଦ୍ଧ ସ୍ଥାନ

ସିଲଂ— ଏହା ଆସାମ ପ୍ରଦେଶର ରାଜଧାନୀ । ସମୁଦ୍ର-ପତ୍ତନରୁ ୫୦୦୦ ଫୁଟ ଉଚ୍ଚ ଖାସିଆ ପାହାଡ଼ରେ ଅବସ୍ଥିତ । ଏହା ଗୋଟିଏ ଉତ୍ତମ ସ୍ୱାସ୍ଥ୍ୟକର ସ୍ଥାନ ।

Digitized by PPRACHIN, SOA

ଗୌହାଟି— ଏହା ବ୍ରହ୍ମପୁତ୍ର ନଦୀକୂଳରେ ଅବସ୍ଥିତ । ଚାଉଳ ଓ ଗୁହା ବ୍ୟବସାୟର ପ୍ରଧାନ କେନ୍ଦ୍ର ଅଟେ ।



ବକ୍ସାଗଡ଼— ବ୍ରହ୍ମପୁତ୍ର ନଦୀକୂଳରେ ଅବସ୍ଥିତ । ଚାଉଳ ଓ ଗୁହା ପାଇଁ ପ୍ରସିଦ୍ଧ ଅଟେ ।

Digitized by PPRACHIN, SOA

କଲିକତା—ଏଠାରେ ବହୁ ପ୍ରକାଣ୍ଡ କୋଠା ଥିବାରୁ ଏହାକୁ ଭାରତର ପ୍ରାସାଦ ନଗରୀ ବୋଲି କହନ୍ତି । ଏହା ହୁଗୁଳୀ ନଦୀ-କୂଳରେ ଅବସ୍ଥିତ । ଏହା ଭାରତର ଗୋଟିଏ ବଡ଼ ସହର ଓ ବନ୍ଦର ଅଟେ । ଏଠାରେ କାଳୀମନ୍ଦିର, ଚିଡ଼ିଆଖାନା, ଯାଦୁଘର, ଭିକ୍ଟୋରିଆ ସ୍ମୃତିମନ୍ଦିର, ହାବଡ଼ାପୋଲ ପ୍ରଭୃତି ବହୁ ଦର୍ଶନୀୟ ଜିନିଷ ଅଛି । କଲିକତା ନିକଟବର୍ତ୍ତୀ ବାଟାନଗର ଚମଡ଼ା କାମପାଇଁ ବିଖ୍ୟାତ ଅଟେ ।

ଦାର୍ଜିଲିଂ—ହିମାଳୟ ପର୍ବତରେ ୭ ହଜାର ଫୁଟ ଉଚ୍ଚରେ ଅବସ୍ଥିତ । ଏହା ଏକ ସ୍ୱାସ୍ଥ୍ୟକର ସ୍ଥାନ ଓ ପଶ୍ଚିମବଙ୍ଗ ସରକାରଙ୍କ ଗ୍ରୀଷ୍ମନିବାସ ।

ମୁର୍ଶିଦାବାଦ—ପଶ୍ଚିମ ବଙ୍ଗରେ ଏହା ରେଶମବସ୍ତ୍ର ଓ ହାତୀଦାନ୍ତର କାରୁକାର୍ଯ୍ୟ ସକାଶେ ପ୍ରସିଦ୍ଧ ଅଟେ ।

ପାଟନା—ବିହାର ପ୍ରଦେଶର ରାଜଧାନୀ ଓ ଶିକ୍ଷାକେନ୍ଦ୍ର ।

ଡାଲମିଆଁ ନଗର—ବିହାର ପ୍ରଦେଶସ୍ଥ ସୋନ୍ ନଦୀ-କୂଳରେ ଅବସ୍ଥିତ । ଏହା ସିମେଣ୍ଟ କାରଖାନା ଓ କାଗଜକଳ ପାଇଁ ବିଖ୍ୟାତ ।

ରାଞ୍ଚି—ଏହା ଛୋଟନାଗପୁରରେ ଅବସ୍ଥିତ ଏକ ସ୍ୱାସ୍ଥ୍ୟ-ନିବାସ ।

ଜାମସେଦପୁର—ବିହାର ପ୍ରଦେଶରେ ଅବସ୍ଥିତ । ଏହା ଲୁହା ଓ ଇସ୍ପାତ କାରଖାନା ପାଇଁ ସମଗ୍ର ଏସିଆଖଣ୍ଡରେ ବିଖ୍ୟାତ ।

ଏଲାହାବାଦ—ଏହା ଗଙ୍ଗା ଓ ଯମୁନା ନଦୀର ସଙ୍ଗମ ସ୍ଥାନରେ ଅବସ୍ଥିତ । ଏହା ଗୋଟିଏ ଶିକ୍ଷାକେନ୍ଦ୍ର ଓ ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ ।

Digitized by PPRACHIN, SOA

ଲକ୍ଷ୍ନୌ—ଗୋମତୀ ନଦୀକୂଳରେ ଅବସ୍ଥିତ ଏହା ଚିନିକଳ, କାଗଜକଳ ଓ ସେନାନିବାସ ନିମିତ୍ତ ପ୍ରସିଦ୍ଧ । ଏହା ଉତ୍ତର ପ୍ରଦେଶର ରାଜଧାନୀ ।

କାନପୁର—ଏହା ଗଙ୍ଗା ନଦୀକୂଳରେ ଅବସ୍ଥିତ । ପଶମ ଓ ଚମଡ଼ା କାରଖାନା ପାଇଁ ପ୍ରସିଦ୍ଧ ।



[ଟାଟା ଲୁହା କାରଖାନା]

ବନାରସ ବା ବାରାଣସୀ— ଗଙ୍ଗା ନଦୀକୂଳରେ ଅବସ୍ଥିତ ହିନ୍ଦୁମାନଙ୍କର ପ୍ରଧାନ ତୀର୍ଥସ୍ଥାନ । ଏଠାରେ ଥିବା ହିନ୍ଦୁ ବିଶ୍ୱବିଦ୍ୟାଳୟ ଭାରତପ୍ରସିଦ୍ଧ ଅଟେ ।

ହରିଦ୍ୱାର—ଏହା ଗଙ୍ଗା ନଦୀକୂଳରେ ଥିବା ଏକ ହିନ୍ଦୁ ତୀର୍ଥସ୍ଥାନ । ଏଠାରେ ହେଉଥିବା କୁମ୍ଭମେଳା ଭାରତରେ ବଡ଼ ମେଳା ବୋଲି ବିବେଚିତ ହୁଏ ।

ଆଲିଗଡ଼—ଏଠାରେ ଉତ୍ତମ ତାଲପ ମିଳେ । ଏହା ମୁସଲମାନମାନଙ୍କର ବିଶ୍ୱବିଦ୍ୟାଳୟ ନିମନ୍ତେ ପ୍ରସିଦ୍ଧ ।

Digitized by PPRACHIN, SOA

ଆଗ୍ରା—ଯମୁନା କୂଳରେ ଅବସ୍ଥିତ । ଏଠାରେ ଶାହାଜାହାନଙ୍କ ନିର୍ମିତ ତାଜମହଲ ପୃଥିବୀ ବିଖ୍ୟାତ ଅଟେ । ଏଠାରେ ଲୁଗା, ସତରଂ ଓ ଚମଡ଼ାର କାରଖାନା ଅଛି ।



[ତାଜମହଲ]

ନୈନିତାଲ—ହିମାଳୟର ୬ ହଜାର ଫୁଟ ଉଚ୍ଚରେ ଅବସ୍ଥିତ ଏକ ସୁନ୍ଦର ସ୍ୱାସ୍ଥ୍ୟକର ସ୍ଥାନ ଓ ଉତ୍ତର ପ୍ରଦେଶ ଲାଟଙ୍କର ଗ୍ରୀଷ୍ମନିବାସ ଅଟେ ।

ଦିଲ୍ଲୀ—ପ୍ରାଚୀନ କାଳରୁ ଏହା ଭାରତର ରାଜଧାନୀ ଥିଲା । ଏବେ ମଧ୍ୟ ନୂଆ ଦିଲ୍ଲୀ ଭାରତର ରାଜଧାନୀ ଅଟେ । ଏହା ଶିକ୍ଷା ଓ

Digitized by PPRACHIN, SOA

ବାଣିଜ୍ୟର ଏକ ପ୍ରଧାନ କେନ୍ଦ୍ର । ବେତାରବାର୍ତ୍ତା ଓ ଉଡ଼ାଜାହାଜର ଏହା ମଧ୍ୟ ପ୍ରଧାନ କେନ୍ଦ୍ର ।

ଜଲନ୍ଧର—ପୂର୍ବ ପଞ୍ଜାବର ରାଜଧାନୀ ଅଟେ ।

ଅମୃତସର—ଶିଖ୍‌ମାନଙ୍କର ପ୍ରଧାନ ତୀର୍ଥସ୍ଥାନ ଏବଂ ରେଶମ ଓ ପଶମ ବସ୍ତ୍ରପାଇଁ ପ୍ରସିଦ୍ଧ ।



[ନୂଆ ଦିଲ୍ଲୀର ଏକ ଦୃଶ୍ୟ]

ଲୁଧିଆନା—ପଶମ ଓ ଲୁଗାକଳ ପାଇଁ ବିଖ୍ୟାତ ।

ବମ୍ବେ—ଏହା ବମ୍ବେ ପ୍ରଦେଶର ରାଜଧାନୀ ଏବଂ ଭାରତର ପଶ୍ଚିମ ଉପକୂଳରେ ଗୋଟିଏ ବଡ଼ ପ୍ରାକୃତିକ ବନ୍ଦର । ଏଠାରେ ବହୁଳ ପରିମାଣରେ ଲୁଗାକଳ ଦେଖାଯାଏ । ଏହା ଭାରତର ଦ୍ୱିତୀୟ ବୃହତ୍ତମ ନଗର । ବିଦେଶକୁ ଜାହାଜରେ ଯିବାକୁ ହେଲେ

Digitized by PPRACHIN, SOA

ଭାରତର ଏହି ବନ୍ଦରରୁ ଯିବା ଅଧିକ ସୁବିଧାଜନକ ହୁଏ । ଏହାକୁ ଭାରତର ପ୍ରବେଶଦ୍ୱାର କହନ୍ତି ।

ସୋଲାପୁର
ବରୋଦା
ଅହମଦାବାଦ } ଲୁଗାକଲ ସକାଶେ ବିଖ୍ୟାତ ।

ମାନ୍ଦ୍ରାଜ—ଭାରତର ପୂର୍ବ ଉପକୂଳରୁ ଏକ ପ୍ରଧାନ ବନ୍ଦର ଓ ସହର । ମାନ୍ଦ୍ରାଜ ବନ୍ଦରଟି କୃତ୍ରିମ ଅଟେ ।



[ବମ୍ବେ ବନ୍ଦର]

ତ୍ରିଚିନାପଲ୍ଲୀ—ଏଠାରେ ଭଲ ତମ୍ବାଖୁ ମିଳେ । ଏହା ସିଗାରେଟ୍ କାରଖାନା ପାଇଁ ବିଖ୍ୟାତ ଅଟେ ।

ରାମେଶ୍ୱର—ଏହା ଗୋଟିଏ ହିନ୍ଦୁ ତୀର୍ଥସ୍ଥାନ । ଏଠାରୁ ଶ୍ରୀରାମଚନ୍ଦ୍ର ସେତୁବନ୍ଧ ବନାଇଥିଲେ ବୋଲି ପ୍ରବାଦ ଅଛି ।

Digitized by PPRACHIN, SOA

କୋଚନ୍—ଭାରତର ପଶ୍ଚିମ ଉପକୂଳର ଗୋଟିଏ ବନ୍ଦର । ଏଠାରେ ନଡ଼ିଆତେଲ ଓ ସାବୁନ୍ କାରଖାନା ଅଛି ।

ବିଶାଖାପାଟଣା—ପୂର୍ବ ଉପକୂଳରେ ଗୋଟିଏ ବନ୍ଦର । ଏଠାରେ ଜାହାଜ ତିଆରି କାରଖାନା ଅଛି ।

ଉଟକାମଣ୍ଡ—ଏହା ମାନ୍ଦ୍ରାଜ ଲାଟଙ୍କର ଗ୍ରୀଷ୍ମନିବାସ ଅଟେ । ଏହା ନୀଳଗିରି ପର୍ବତମାଳା ଉପରେ ଅବସ୍ଥିତ ।

ବାଙ୍ଗାଲୋର—ମହୀଶୁର ରାଜ୍ୟର ବଡ଼ ସହର ଓ ରାଜଧାନୀ ଅଟେ । ଏଠାରେ ଉଡ଼ାଜାହାଜ କାରଖାନା ଅଛି ।

ହାଇଦ୍ରାବାଦ—ଏହା ହାଇଦ୍ରାବାଦର ରାଜଧାନୀ । ଏଠାରେ ସାବୁନ୍ ଓ ସିଗାରେଟ କାରଖାନା ଏବଂ ଲୁଗାକଳ ଅଛି ।

ନାଗପୁର—ମଧ୍ୟପ୍ରଦେଶର ରାଜଧାନୀ । ଏହା ଉତ୍କୃଷ୍ଟ କମଳାଲେମ୍ବୁ ଓ ଲୁଗାକଳ ପାଇଁ ବିଖ୍ୟାତ ।

ଓ୍ୱାର୍ଦ୍ଧା—ଏହା ନାଗପୁରର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । କାର୍ପାସ ବାଣିଜ୍ୟର କେନ୍ଦ୍ରସ୍ଥାନ ଅଟେ । ଏଠାର ସେବା ଗ୍ରାମରେ ମହାତ୍ମାଜୀଙ୍କ ଆଶ୍ରମ ଓ ମୌଳିକ ଶିକ୍ଷାର କେନ୍ଦ୍ର ପୀଠ ଅବସ୍ଥିତ ।

ଶ୍ରୀନଗର—କାଶ୍ମୀର ରାଜ୍ୟର ରାଜଧାନୀ । ଏହା ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନ । ରେଶମ ଓ ପଶମ ବସ୍ତ୍ର ପାଇଁ ଭାରତବିଖ୍ୟାତ । ଏଠାର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନୋହର ।

ଜୟପୁର—ରାଜସ୍ଥାନର ଅନ୍ତର୍ଗତ ଗୋଟିଏ ବଡ଼ ସହର ଓ ବାଣିଜ୍ୟ କେନ୍ଦ୍ର । ମର୍ମରପ୍ରସ୍ତର ନିର୍ମିତ ଦ୍ରବ୍ୟ, ସୁନା ରୁପାର ଗହଣା, କଂସା ଓ ପିତଳ ବାସନପାଇଁ ଏହା ପ୍ରସିଦ୍ଧ ଅଟେ ।

ବିକାନୀର—ଏହା ରାଜସ୍ଥାନର ଅନ୍ତର୍ଗତ । ଏଠାରେ ସୁନ୍ଦର ଗାଲିଚା ମିଳେ ।

Digitized by PPRACHIN, SOA

ଓ୍ୱାଧପୁଞ୍ଜ—ବୟନଶିଳ୍ପ ଓ ବାଣିଜ୍ୟ କେନ୍ଦ୍ର ଅଟେ ଏଠାରେ ସୁନ୍ଦର ପଥର ବାସନ ମିଳେ ।

ଉଦୟପୁର—ଏହା ଗୋଟିଏ ସୁନ୍ଦର ସହର । ଏଠାରେ ଲ୍ଗାଇଲ ଓ ଶାନ୍ତିକଲମ ଜ ଅଛି ।

ଟିଟାଗଡ଼—କଲିକତାଠାରୁ ୩୦ ମାଇଲ ଦୂରରେ ଅବସ୍ଥିତ । ଭାରତର ସବୁଠାରୁ ବଡ଼ କାଗଜ କଲ ଏଠାରେ ଅଛି ।



[ବୁଦ୍ଧଗୟାର ଏକ ସ୍ତୂପ]

ବର୍ଣ୍ଣପୁର—ଦାମୋଦର ନଈକୂଳରେ ଭାରତର ଦ୍ୱିତୀୟ ବୃହତ୍ତମ ଲୌହ ଓ ଇସ୍ପାତ କାରଖାନା ।

ଗୟା—ହିନ୍ଦୁମାନଙ୍କ ତୀର୍ଥସ୍ଥାନ । ବୁଦ୍ଧଗୟା ଏହା ପାଖରେ ଅବସ୍ଥିତ । ବୌଦ୍ଧମାନଙ୍କର ଏହା ତୀର୍ଥସ୍ଥାନ ଅଟେ ।

Digitized by PPRACHIN, SOA

ମଥୁରା ଓ ବୃନ୍ଦାବନ—ହିନ୍ଦୁମାନଙ୍କର ପ୍ରଧାନ ତୀର୍ଥ-ସ୍ଥାନ । ଏହା ଯମୁନା ନଦୀକୂଳରେ ଅବସ୍ଥିତ ।

ପ୍ରଶ୍ନ

୧ । ସଂକ୍ଷିପ୍ତ ଭୌଗୋଳିକ ଟୀକା ଲେଖ—

ନୈନିତାଲ, ନାଗପୁର, ଭାଗଲପୁର, ବାଙ୍ଗାଲୋର, ବାରାଣସୀ

[ବୃତ୍ତି ପରୀକ୍ଷା ୧୯୪୯]

୨ । ଭାରତର କେଉଁ କେଉଁ ଅଞ୍ଚଳ ନିମ୍ନଲିଖିତ ଜିନିଷ ପାଇଁ ପ୍ରସିଦ୍ଧ ? (କ) କର୍ପୂର (ଖ) ଶଣକଳ (ଗ) ପଥରକୋଇଲା ଖଣି (ଘ) ପଶମ ଶିଳ୍ପ (ଙ) ଗୁଆ ବଗିଚା [୧୯୫୦]

୩ । ଭାରତର ପାଞ୍ଚଗୋଟି ପ୍ରଧାନ ବାଣିଜ୍ୟ କେନ୍ଦ୍ରର ନାମ ଓ ସେଗୁଡ଼ିକର ଉନ୍ନତିର କାରଣ ଲେଖ ।

୪ । ଭାରତର ବିଭିନ୍ନ ରାଷ୍ଟ୍ରୀୟ ବିଭାଗର ନାମ, ସେମାନଙ୍କ ରାଜଧାନୀ ଓ ଗ୍ରୀଷ୍ମନିବାସମାନ ଲେଖ ।

ଦଶମ ଅଧ୍ୟାୟ

ଭାରତର ଆମଦାନୀ ଓ ରପ୍ତାନୀ ଦ୍ରବ୍ୟ

ଭାରତ ଗୋଟିଏ କୃଷିପ୍ରଧାନ ଦେଶ । ଏଥିରେ ଶିଳ୍ପ ପାଇଁ ଅବଶ୍ୟକ ବହୁ ଦ୍ରବ୍ୟ ମିଳେ । ତେଣୁ ଏ ଦେଶରୁ ପ୍ରଚୁର ପରିମାଣରେ କଞ୍ଚାମାଲ ଦେଶବିଦେଶକୁ ରପ୍ତାନୀ ହୁଏ ଓ ଏ ଦେଶରେ ଅବଶ୍ୟକ ହେଉଥିବା କଳକବ୍ଜା ବିଦେଶରୁ ଆମଦାନୀ କରାହୁଏ । ଆମ ଦେଶର କେଉଁ ସ୍ଥାନରୁ କେଉଁ ଜିନିଷ ରପ୍ତାନୀ ହୁଏ ଓ ବିଦେଶରୁ କେଉଁ କେଉଁ ଜିନିଷ ଆମଦାନୀ କରାହୁଏ, ତାର ଏକ ତାଲିକା ତଳେ ଦିଆଗଲା ।

Digitized by PPRACHIN, SOA

ବନ୍ଦରର ନାମ ଓ ଆମଦାନୀ ଦ୍ରବ୍ୟ	ରପ୍ତାନୀ ଦ୍ରବ୍ୟ
ବମ୍ବେ—କାର୍ପାସବସ୍ତ୍ର, ପଶମ-ବସ୍ତ୍ର, ରେଶମ ଦ୍ରବ୍ୟ, ରେଲ-ଇଞ୍ଜିନ୍, କଳକବ୍ଜା, ସାଇକେଲ, ମଟର, ରସାୟନିକ ଦ୍ରବ୍ୟ, ଘଣ୍ଟା, ଛାପାକଳ ।	ଚମଡ଼ା, ପଶମ, ତୁଳା, ତୈଳବୀଜ, କପାମଞ୍ଜି, ତୁଳାଲୁଗା ଇତ୍ୟାଦି
କଲିକତା—ରସାୟନିକ ଜିନିଷ ସାଇକେଲ, ମଟରଗାଡ଼ି, ଘଣ୍ଟା, ଡାକ୍ତରୀ ଔଷଧ ଓ ଉପକରଣ, ଯୁଦ୍ଧ ଉପକରଣ, ଛାପ କଳ, କାଗଜ, ରେଶମ, କଲ୍ପିନି ।	ଚାଉଳ, ଅଫିମ, ନୀଳରଙ୍ଗ, ଚମଡ଼ା, କୋଇଲା, ତୁଳା ଜିନିଷ, ଲାଖ, ଗୁହା ଓ ଝୋଟ ।
ମାନ୍ଦ୍ରାଜ—ରେଶମ ଓ ପଶମ-ଦ୍ରବ୍ୟ, କଳକବ୍ଜା, ମଟର ଓ ସାଇକେଲ, ଔଷଧ, କାଗଜ ଇତ୍ୟାଦି ।	ଚମଡ଼ା, ଚିନାବାଦାମ, ତୁଳାଲୁଗା ଧୂଆଁପତ୍ର ଓ ତୈଳବୀଜ ।
ବିଶାଖାପାଟଣା—ଚିନି, କାଠ, ଯନ୍ତ୍ରପାତି ଓ ତୁଳା ଜିନିଷ ।	ଚମଡ଼ା, କଷା, ତୈଳବୀଜ, ମାଙ୍ଗାନିଜ୍ ଓ ଅଭ୍ର ଇତ୍ୟାଦି ।
କୋଚିନ୍—ରସାୟନିକ ପଦାର୍ଥ, କାଗଜ ଓ କାଗଜତିଆରି ଜିନିଷ, କଳକବ୍ଜା ।	ନଡ଼ିଆ, ନଡ଼ିଆତେଲ, ନଡ଼ିଆ-କତା, ଗୁହା ଓ ମସଲା ଇତ୍ୟାଦି ।

ସ୍ୱାଧୀନ ଭାରତବର୍ଷ ସହିତ ପୃଥିବୀର ପ୍ରାୟ ସବୁ ବଡ଼ ବଡ଼ ଦେଶର ବାଣିଜ୍ୟ ସମ୍ପର୍କ ରହିଅଛି ।

Digitized by PPRACHIN, SOA

ପ୍ରଶ୍ନ

୧ । କେଉଁ କେଉଁ ବନ୍ଦରରୁ କାର୍ପାସବସ୍ତ୍ର, ସାଇକେଲ, ମଟର, ଡାକ୍ତରୀ ଔଷଧ, ଯୁଦ୍ଧ ଉପକରଣ, ଛାପାକଳ ଆମଦାନୀ ହୁଏ ?

୨ । କେଉଁ କେଉଁ ବନ୍ଦରରୁ ଚମଡ଼ା, ପଶମ, ତୁଳା, ନୀଳରଙ୍ଗ, ଲାଖ, ଗୁଡ଼ା ତେଲିବୀଜ ରପ୍ତାନୀ ହୁଏ ?

ଏକାଦଶ ଅଧ୍ୟାୟ

ଓଡ଼ିଶାର ଅବସ୍ଥିତ ଓ ପ୍ରାକୃତିକ ବିଭାଗ

ଅବସ୍ଥିତି—ପୃଥିବୀରେ ଏସିଆ ଗୋଟିଏ ମହାଦେଶ । ଏଥିରେ ଭାରତ ଗୋଟିଏ ସମ୍ମିଳିତ ରାଷ୍ଟ୍ର । ଆମ ଓଡ଼ିଶା ସେହି ଭାରତ ରାଷ୍ଟ୍ରର ଗୋଟିଏ ରାଜ୍ୟ ଅଟେ । ୧୯୩୬ ମସିହା ଏପ୍ରିଲ ପହିଲାରୁ ଏହା ସ୍ୱତନ୍ତ୍ର ରାଜ୍ୟ ହୋଇଅଛି । ଏଥି ପୂର୍ବରୁ ଏହା ବିହାର ସହିତ ମିଶିଥିଲା ।

ଚତୁଃସୀମା—ଏହାର ଉତ୍ତରରେ ବିହାରର ଛୋଟନାଗପୁର ଓ ବଙ୍ଗଳାର ମେଦନୀପୁର ଜିଲା, ଦକ୍ଷିଣରେ ମାନ୍ଦ୍ରାଜ ରାଜ୍ୟ, ପଶ୍ଚିମରେ ମଧ୍ୟପ୍ରଦେଶ ଓ ପୂର୍ବରେ ବଙ୍ଗୋପସାଗର ରହିଅଛି ।

ଆୟତନ ଓ ଲୋକସଂଖ୍ୟା—ଏହାର ଆୟତନ ୬୦୧୩୬ ବର୍ଗମାଇଲ ଓ ଲୋକସଂଖ୍ୟା ୧୪୬୪୫୯୪୬ ଅଟେ ।

ପ୍ରାକୃତିକ ଗଠନ—ଓଡ଼ିଶା ପ୍ରଦେଶକୁ ଦୁଇ ପ୍ରାକୃତିକ ଭାଗରେ ବିଭକ୍ତ କରାଯାଇଛି, ଯଥା—ମାଳଭୂମି ଓ ସମତଳ ଭୂମି । ଏହି ପ୍ରଦେଶଟି ଦକ୍ଷିଣଭାରତ ମାଳଭୂମି ଓ ପୂର୍ବଉପକୂଳସ୍ଥ ସମତଳ

Digitized by PPRACHIN, SOA

ଭୂମିରୁ କଣ୍ଟ କଣ୍ଟ ଅଂଶ ନେଇ ଗଠିତ ହୋଇଅଛି । କଟକ, ପୁରୀ, ବାଲେଶ୍ୱର ଜିଲ୍ଲା ତିନୋଟି ପୂର୍ବ ଉପକୂଳସ୍ଥ ସମଭୂମିର ଅଂଶ ଓ ଅବଶିଷ୍ଟ ଜିଲ୍ଲାଗୁଡ଼ିକ ଦାକ୍ଷିଣାତ୍ୟ ମାଳଭୂମିରେ ଅବସ୍ଥିତ ଅଟେ ।

ଓଡ଼ିଶାର ମାଳଭୂମିକୁ ୩ ଭାଗରେ ବିଭକ୍ତ କରାଯାଇଅଛି । (କ) ଉତ୍ତରସ୍ଥ ବିଖଣ୍ଡିତ ମାଳଭୂମି (ଖ) ମହାନଦୀର ଉପତ୍ୟକା ଅଞ୍ଚଳ (ଗ) ଏହାର ଦକ୍ଷିଣରେ ଥିବା ପୂର୍ବଘାଟର ଉଚ୍ଚଭୂମି ।

(କ) ଉତ୍ତରସ୍ଥ ବିଖଣ୍ଡିତ ମାଳଭୂମି—ମହାନଦୀର ଉତ୍ତରରେ ଥିବା ବୈତରଣୀ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ ନଦୀମାନଙ୍କ ଦ୍ୱାରା ଏହା ବିଖଣ୍ଡିତ ହୋଇଅଛି । ବୁଢ଼ାବଳଙ୍ଗ ଓ ବୈତରଣୀ ନଦୀଦ୍ୱୟର ମଧ୍ୟରେ ଥିବା ଅଂଶ ପର୍ବତମୟ । ମୟୂରଭଞ୍ଜର ମେଘାସନ ପର୍ବତ ଏହି ଅଂଶର ଉଚ୍ଚତମ ପର୍ବତ । ଏହି ମାଳ ଅଞ୍ଚଳରୁ ବହୁତ ଛୋଟ ବଡ଼ ଉପନଦୀ ପ୍ରବାହିତ ହୋଇ ବୈତରଣୀ ଓ ବ୍ରାହ୍ମଣୀ ନଦୀକୁ ଜଳ ଯୋଗାଉଅଛନ୍ତି ।

ବୈତରଣୀ ଓ ବ୍ରାହ୍ମଣୀ ମଧ୍ୟରେ ଥିବା ଅଞ୍ଚଳରେ କେନ୍ଦୁଝରର ଗନ୍ଧମାର୍ଦ୍ଦନ, ପାଲଲହଡ଼ାର ମାଲ୍ୟଗିରି ଓ ବଣାଇର ମାଙ୍କଡ଼ନାଚ୍ ପର୍ବତଗୁଡ଼ିକ ପ୍ରଧାନ ।

ବ୍ରାହ୍ମଣୀ ଓ ମହାନଦୀ ମଧ୍ୟରେ ଥିବ ମାଳ ଅଞ୍ଚଳ ମଧ୍ୟରେ ଅଠମଲ୍ଲିକର ପଞ୍ଚଧାର, ଢେଙ୍କାନାଳର କପିଳାସ ଓ ଅନୁଗୋଳର ପାହାଡ଼ିଆ ଅଞ୍ଚଳ ବିଦ୍ୟମାନ । ନଦୀମାନଙ୍କ ଗତିକୁ ଲକ୍ଷ୍ୟ କଲେ ଜଣାଯିବ ଯେ ଏହି ମାଳ ଅଞ୍ଚଳ ଉତ୍ତର ପଶ୍ଚିମରୁ ଦକ୍ଷିଣ-ପୂର୍ବ ଦିଗକୁ କ୍ରମନିମ୍ନ ଅଟେ ।

(ଖ) ଏହି ଉପତ୍ୟକା ଅଞ୍ଚଳଟି ଛୋଟନାଗପୁର ମାଳଭୂମିକୁ ଓ ପୂର୍ବଘାଟର ଉଚ୍ଚଭୂମିକୁ ପୃଥକ୍ କରୁଅଛି । ଏହି ଅଞ୍ଚଳରେ ସ୍ଥାନେ ସ୍ଥାନେ ବିସ୍ତୃତ ସମଭୂମି ଦେଖାଯାଏ ।

Digitized by PPRACHIN, SOA

(ଗ) ଦକ୍ଷିଣସ୍ଥ ଉଚ୍ଚଭୂମି—ଏହି ଉଚ୍ଚଭୂମି ଦାକ୍ଷିଣାତ୍ୟ ମାଳଭୂମିରେ ଥିବା ପୂର୍ବଘାଟ ଉଚ୍ଚଭୂମିର ଏକ ଅଂଶ । ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ଅଧିକାଂଶ ସ୍ଥାନ ଏହାର ଅନ୍ତର୍ଗତ ଅଟେ । ଏହି ମାଳଅଞ୍ଚଳ ଗଞ୍ଜାମ ଜିଲ୍ଲାର ଉତ୍ତର ପୂର୍ବାଂଶରୁ କୋରାପୁଟ ଜିଲ୍ଲା ମଧ୍ୟ ଦେଇ ଦକ୍ଷିଣ ପଶ୍ଚିମ ଆଡ଼କୁ ବିସ୍ତାର ଲାଭ କରିଛି । ଋଷିକୁଲ୍ୟା, ବାହୁଦା, ବଂଶଧାରା, ନାଗାବଳୀ ନଦୀଗୁଡ଼ିକ ଏହି ଉଚ୍ଚଭୂମିରୁ ବାହାରି ପୂର୍ବଦିଗକୁ ଗତି କରି ବଙ୍ଗୋପସାଗରରେ ପଡ଼ିଅଛନ୍ତି । କୋରାପୁଟ ଜିଲ୍ଲାରେ ଅବସ୍ଥିତ ମାଛକୁଣ୍ଡ ନଦୀର 'ଡୁଡୁମା' ଜଳପ୍ରପାତ ଓ କୋଲାବ ନଦୀର 'ବାଗ୍ରା' ଜଳପ୍ରପାତ ଓଡ଼ିଶା-ପ୍ରସିଦ୍ଧ ଅଟେ । ଋଷିକୁଲ୍ୟା ଓ ବଂଶଧାରା ନଦୀରେ ଥିବା ପାହାଡ଼ିଆ ଭୂମିରେ ଟୁଙ୍ଗସର, ମହେନ୍ଦ୍ରଗିରି ପ୍ରଧାନ । ବଂଶଧାରା ଓ ନାଗାବଳୀ ନଦୀର ଉପତ୍ୟକା ମଧ୍ୟରେ ନିମଗିରି ପର୍ବତ ଅବସ୍ଥିତ । କଳାହାଣ୍ଡି ଜିଲ୍ଲାସ୍ଥ ବାଙ୍କାଶାମ ଗୋଟିଏ ବଡ଼ ପର୍ବତ । ଦେଓମାଳି ଓ ହିଙ୍କରାମ କୋରାପୁଟ ଓ ପଠାଙ୍ଗି ମାଳଭୂମି ମଧ୍ୟରେ ଅବସ୍ଥିତ ।

ଉପକୂଳସ୍ଥ ସମତଳ ଭୂମି—ଏହି ସମତଳ ଭୂମି ଭାରତର ପୂର୍ବ ଉପକୂଳସ୍ଥ ସମତଳ ଭୂମିର ଏକ ଅଂଶ । ଏହାର ବିସ୍ତୃତି ସର୍ବତ୍ର ସମାନ ନୁହେଁ । ଏହା ଉତ୍ତର ଓ ଦକ୍ଷିଣାଂଶରେ ଅଣଓସାରିଆ ଓ ମଧ୍ୟାଂଶରେ ଓସାରିଆ । ଏହି ଅଞ୍ଚଳକୁ (କ) ଉର୍ବର ସମତଳ ଅଞ୍ଚଳ ଓ (ଖ) ଉପକୂଳସ୍ଥ ବାଲୁକାମୟ ଅଞ୍ଚଳ ନାମରେ ଦୁଇ ଭାଗରେ ବିଭକ୍ତ କରାଯାଇ ଅଛି ।

(କ) ଉର୍ବର ସମତଳ ଅଞ୍ଚଳ—ପଶ୍ଚିମସ୍ଥ ପାହାଡ଼ିଆ ପ୍ରଦେଶରୁ ନଦୀମାନଙ୍କ ଦ୍ୱାରା ଆସୁଥିବା ଉର୍ବର ମାଟିଦ୍ୱାରା ଏହି ସମତଳ ଭୂମି ଗଠିତ ହୋଇଅଛି । ଏହାର ମାଟି ଅତ୍ୟନ୍ତ ଉର୍ବର

Digitized by PPRACHIN, SOA

ହୋଇଥିବାରୁ ଏହି ଅଞ୍ଚଳରେ ପ୍ରଚୁର ଫସଲ ହୁଏ ଓ ଅଧିକ ସଂଖ୍ୟକ ଜନବସତି ଦେଖାଯାଏ । ଏହି ଅଞ୍ଚଳରେ ବହୁସଂଖ୍ୟକ ଗ୍ରାମ, ସହର, ସଡ଼କ ଓ ରେଲପଥ ମଧ୍ୟ ଅବସ୍ଥିତ ।



(ଖ) ବାଲୁକାମୟ ଅଞ୍ଚଳ—ଏହି ଅଞ୍ଚଳରେ ଅଧିକ ଶସ୍ୟ ଉତ୍ପନ୍ନ ହୁଏ ନାହିଁ । ସ୍ଥାନେ ସ୍ଥାନେ ଅରଣ୍ୟ ଓ ଘାସ ଭୂମି

Digitized by PPRACHIN, SOA

ଦେଖାଯାଏ । ସମୁଦ୍ରକୂଳର ଲୋକମାନେ ମାଛ ଧରି ଓ ଲୁଣ ମାରି ଜୀବିକା ଅର୍ଜନ କରନ୍ତି ।

ଓଡ଼ିଶାର ନଦୀ, ହ୍ରଦ ଓ ପର୍ବତ

ଓଡ଼ିଶାର ନଦୀଗୁଡ଼ିକ ପାହାଡ଼ିଆ ପ୍ରଦେଶରୁ ବାହାରି ପୂର୍ବ ଆଡ଼କୁ ଗତି କରି ସମତଳ ଅଞ୍ଚଳ ମଧ୍ୟଦେଇ ବଙ୍ଗୋପସାଗରରେ ପଡ଼ିଅଛନ୍ତି । ଏହି ନଦୀଗୁଡ଼ିକ ବର୍ଷାକାଳ ବ୍ୟତୀତ ଅନ୍ୟ ସମୟରେ ପ୍ରାୟ ଶୁଷ୍କ ଥାନ୍ତି । ପାର୍ବତ୍ୟ ଅଂଶରେ ନଦୀମାନଙ୍କର ଶଯ୍ୟା ଖୁବ୍ ଅଣଓସାରିଆ ହେଲେ ମଧ୍ୟ ସମତଳ ଅଂଶରେ ଏମାନଙ୍କର ଓସାର ବେଶୀ ଅଟେ । ଏହି ନଦୀଗୁଡ଼ିକ ବୃଷ୍ଟିପୁଷ୍ଟ ଅଟନ୍ତି ।

ମହାନଦୀ—ଏହା ଓଡ଼ିଶାର ବୃହତ୍ତମ ନଦୀ ଅଟେ । ଏହା ମଧ୍ୟପ୍ରଦେଶର ରାୟପୁରର ପାହାଡ଼ିଆ ଅଞ୍ଚଳରୁ ବାହାରି ପୂର୍ବାଭିମୁଖରେ ପ୍ରବାହିତ ହୋଇ ସମ୍ବଲପୁର ଜିଲାରେ ପ୍ରବେଶ କରିଅଛି । ଏହାପରେ କଳାହାଣ୍ଡି, ବଲାଙ୍ଗିର ଓ ସୋନପୁର, ଜିଲାମଧ୍ୟରେ ଯାଇଅଛି । ସୋନପୁରଠାରେ ତେଲ ଉପନଦୀ ମହାନଦୀ ସହିତ ମିଳିତ ହୋଇଅଛି । ବୌଦ୍ଧଗଡ଼ ଓ ଆଠମଲ୍ଲିକ ଗଡ଼ ଏହାର କୂଳରେ ଅବସ୍ଥିତ ଏବଂ ଏହା ଉଭୟ ସ୍ଥାନର ସୀମା ନିର୍ଦ୍ଦେଶ କରୁଅଛି । ବୌଦ୍ଧ ରାଜ୍ୟର ଧୂନାଖଣ୍ଡିଆଠାରୁ ଦଶପଲ୍ଲାର ବଡ଼ମୂଲ ଘାଟି ପର୍ଯ୍ୟନ୍ତ ପ୍ରାୟ ସାତକୋଶ ବାଟ ମହାନଦୀରେ ଏକ ଗଭୀର ଗଣ୍ଡ ଦେଖାଯାଏ । ଏହାକୁ ସାତକୋଶିଆ ଗଣ୍ଡ କହନ୍ତି । ଏହି ସ୍ଥାନରେ ମହାନଦୀ ଅଣଓସାରିଆ ଓ ତାହାର ଶଯ୍ୟା ପ୍ରସ୍ତରପୂର୍ଣ୍ଣ ଅଟେ । ଉଭୟ କୂଳରେ ଭୀଷଣ ଜଙ୍ଗଲ । ଅନୁଗୋଳର ଟିକରପଡ଼ାଠାରେ ଏହି ଗଣ୍ଡର ଦୃଶ୍ୟ ଅତୀବ ରମଣୀୟ । ଏହି ନଦୀ ଅନୁଗୋଳର ଦକ୍ଷିଣ ସୀମା ଅତିକ୍ରମ କରି ଦଶପଲ୍ଲା, ଖଣ୍ଡପଡ଼ା, ନରସିଂହପୁର, ବଡ଼ମ୍ବା ମଧ୍ୟ ଦେଇ

Digitized by PPRACHIN, SOA

ନରାଜଠାରେ ସମତଳ ଅଞ୍ଚଳରେ ପ୍ରବେଶ କରିଅଛି । ଏହି ନରାଜ-ଠାରେ ମହାନଦୀରୁ କାଠଯୋଡ଼ି ବାହାରିଅଛି । ନରାଜଠାରେ ନଦୀ-ଗର୍ଭରେ ଏକ ଅନେକଟ୍ ଉପଦ୍ୱୀପ ହୋଇଅଛି । ପୂର୍ବ ଦିଗରେ



କିଛି ଦୂର, ପ୍ରବାହିତ ହେବାପରେ ମହାନଦୀରୁ ଚଉଦ୍ୱାରଠାରେ ବିରୁପା ନଦୀ ବାହାରିଅଛି । ଜୋବ୍ରାଠାରେ ମହାନଦୀରେ ଓ

Digitized by PPRACHIN, SOA

ଜଗତ୍‌ପୁର ନିକଟରେ ବିରୂପା ନଦୀରେ ଦୁଇଟି ଅନିକଟ୍ କରାଯାଇ କେନାଲ ଦ୍ୱାରା ଜଳସେଚନର ବ୍ୟବସ୍ଥା କରାଯାଇଛି । ନରାଜଠାରୁ ୭୦ ମାଇଲ ଗତି କରି ଏହା ଫାଲ୍‌ସପଏଣ୍ଟଠାରେ ସମୁଦ୍ରରେ ପଡ଼ିଅଛି । ମହାନଦୀ ଓ ତାହାର ଶାଖା ଓ ଉପନଦୀମାନଙ୍କ ଦ୍ୱାରା ଓଡ଼ିଶାରେ ପ୍ରବଳ ବନ୍ୟା ହୁଏ ଏବଂ ସମୟ ସମୟରେ ପ୍ରଚୁର କ୍ଷତି ହୋଇଥାଏ ।

ମହାନଦୀର ଉପନଦୀସମୂହ—ଅଙ୍ଗ, ଇବ୍, ତେଲ, ବାଘ, କମାଇ, ସାପୁଆ ଇତ୍ୟାଦି ।

ମହାନଦୀର ଶାଖାନଦୀସମୂହ—କାଠଯୋଡ଼ି, ପାଇକା, ଲୁଣା, ବିରୂପା, ଚିତ୍ରୋପ୍ତଳା ପ୍ରଭୃତି ।

ମହାନଦୀ କୂଳରେ ଥିବା ପ୍ରଧାନ ସ୍ଥାନମାନ— ସମ୍ବଲପୁର, ଅଠମଲ୍ଲିକ, ବଉଦ, ନରସିଂହପୁର, ବଡ଼ମ୍ବା, କଣ୍ଟିଲୋ, ପଦ୍ମାବତୀ, କଟକ ପ୍ରଭୃତି ।

ବ୍ରାହ୍ମଣୀ—ଶଙ୍ଖ ଓ କୋଏଲ ନାମରେ ଦୁଇଟି ଛୋଟ ନଦୀ ନାଗପୁର ମାଳଭୂମିରୁ ବାହାରି ସୁନ୍ଦରଗଡ଼ ଜିଲ୍ଲାର ପାନପୋଷଠାରେ ମିଳିତ ହୋଇଅଛନ୍ତି । ଏହି ମିଳିତ ସ୍ରୋତକୁ ବ୍ରାହ୍ମଣୀ କୁହାଯାଏ । ଏହା ଗାଙ୍ଗପୁର, ବଣାଇ, ବାମଣ୍ଡା, ତାଲଚେର ଓ ଢେଙ୍କାନାଳ ଦେଇ ପ୍ରବାହିତ ହୋଇ ସୁକିନ୍ଦାଠାରେ କଟକ ଜିଲ୍ଲାରେ ପ୍ରବେଶ କରିଅଛି । ଖରସୁଆଁ ଏହାର ପ୍ରଧାନ ଶାଖା । ବଣାଇଗଡ଼ ଓ ତାଲଚେର ଏହା କୂଳସ୍ଥ ପ୍ରଧାନ ସ୍ଥାନ । ଏହା ପୂର୍ବଅଭିମୁଖେ ଗତି କରି ବୈତରଣୀ ସଙ୍ଗେ ମିଳି ବଙ୍ଗୋପସାଗରରେ ପଡ଼ିଅଛି ।

ବୈତରଣୀ—କେନ୍ଦୁଝର ଗୋନାସିକା ପର୍ବତରୁ ବାହାରି ବାଲେଶ୍ୱର ଓ କଟକ ଜିଲ୍ଲାର ସୀମାରେ ପ୍ରବାହିତ ହୋଇ ବ୍ରାହ୍ମଣୀ ନଦୀ ସହିତ ମିଳିତ ହୋଇ ଧାମରା ମୁହାଣଠାରେ ସମୁଦ୍ରରେ

Digitized by PPRACHIN, SOA

ପଡ଼ଅଛି । ସାଲନ୍ଦୀ ଏହାର ଉପନଦୀ । ଆନନ୍ଦପୁର, ଯାଜପୁର ଓ ଚାନ୍ଦବାଲି ଏହା କୂଳର ପ୍ରଧାନ ସ୍ଥାନ ଅଟେ ।

ସୁବର୍ଣ୍ଣରେଖା—ଛୋଟନାଗପୁର ମାନଭୂମିରୁ ବାହାରି ମାନଭୂମ, ସିଂହଭୂମ, ମେଦନୀପୁରରେ ପ୍ରବାହିତ ହୋଇ ଓଡ଼ିଶାରେ ପ୍ରବେଶ କରିଅଛି । ବାଲେଶ୍ୱର ଜିଲାର ଉତ୍ତର ସୀମା ଦେଇ ଏହା ବଙ୍ଗୋପସାଗରରେ ପଡ଼ିଅଛି । ଲକ୍ଷ୍ମଣନାଥ, ଜଳେଶ୍ୱର ଓ ବାଲିଆପାଲ ଏହା କୂଳର ପ୍ରଧାନ ସ୍ଥାନ ।

ବୁଢ଼ାବଳଙ୍ଗ—ମୟୂରଭଞ୍ଜର ଶିମ୍ଳିପାଳ ପର୍ବତରୁ ବାହାରି ମୟୂରଭଞ୍ଜ ଓ ବାଲେଶ୍ୱର ସୀମାଦେଇ ଚାନ୍ଦିପୁର ନିକଟରେ ବଙ୍ଗୋପ-ସାଗରରେ ପଡ଼ିଅଛି । ଏଥିରେ ଥିବା ବରେହିପାଣି ଜଳପ୍ରପାତର ଦୃଶ୍ୟ ଅତି ମନୋହର । ବାରିପଦା ଓ ବାଲେଶ୍ୱର ଏହା କୂଳର ପ୍ରଧାନ ସ୍ଥାନ ।

ଋଷିକୁଲ୍ୟା—ଏହା ଗଞ୍ଜାମ ଜିଲାର ପୂର୍ବଘାଟ ପର୍ବତରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି । ବଡ଼ନଦୀ ଓ ଘୋଡ଼ାହାଡ଼ ଏହାର ପ୍ରଧାନ ଉପନଦୀ । ସୋରଡ଼ା, ଅସିକା, ପୁରୁଷୋତ୍ତମପୁର ଏହା କୂଳରେ ଥିବା ପ୍ରଧାନ ସ୍ଥାନ ।

ବଂଶଧାରା—କୋରାପୁଟ ଜିଲ୍ଲା ଅନ୍ତର୍ଗତ ଜୟପୁରକଟକର ଉତ୍ତରରେ ଥିବା ପାହାଡ଼ିଆ ପ୍ରଦେଶରୁ ବାହାରି ଗୁଣୁପୁର ଦେଇ ମାନ୍ଦ୍ରାଜ ପ୍ରଦେଶରେ ପ୍ରବେଶ କରି କଳିଙ୍ଗପଟ୍ଟନଠାରେ ସମୁଦ୍ରରେ ପଡ଼ିଅଛି । ମହେନ୍ଦ୍ରତନୟା ଏହାର ଉପନଦୀ ।

ନାଗାବଳୀ—କୋରାପୁଟ ଜିଲାର ନିୟମଗିରି ପର୍ବତରୁ ବାହାରି ମାନ୍ଦ୍ରାଜ ପ୍ରଦେଶ ଦେଇ ବଙ୍ଗୋପସାଗରରେ ପଡ଼ିଅଛି । ରାୟଗଡ଼ ଏହା କୂଳର ପ୍ରଧାନ ସ୍ଥାନ ।

Digitized by PPRACHIN, SOA

କୋଲାବ—କୋରାପୁଟର ସିଙ୍କରମ ପର୍ବତରୁ ବାହାର ଓଡ଼ିଶା ଓ ମାନ୍ଦ୍ରାଜ ପ୍ରଦେଶର ସୀମା ଦେଇ ଗୋଦାବରୀ ନଦୀରେ ମିଶିଛି । ଏହି ନଦୀର ନିମ୍ନାଂଶ ଶାବେରୀ ନାମରେ ପରିଚିତ । ସବେରୀ ଏହାର ଉପନଦୀ ।

ମାଛକୁଣ୍ଡ—କୋରାପୁଟ ମାଳଭୂମିରୁ ବାହାରିଅଛି । ଏହାର ନିମ୍ନାଂଶ ସିଲେରୁ ନାମରେ ପରିଚିତ । ମାଛକୁଣ୍ଡ ନଦୀରେ ଅବସ୍ଥିତ ଡୁଡୁମା ଜଳପ୍ରପାତ ଓଡ଼ିଶାର ଉଚ୍ଚତମ ଜଳପ୍ରପାତ ଅଟେ ।

ଇନ୍ଦ୍ରାବତୀ—ଏହା ଜୟପୁର ମାଳରୁ ବାହାରି ଗୋଦାବରୀ ନଦୀରେ ପଡ଼ିଅଛି ।

ଓଡ଼ିଶାର ନଦୀମାନଙ୍କ ନାମ—(ଉତ୍ତରରୁ ଦକ୍ଷିଣ କ୍ରମରେ) ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ସାଳନ୍ଦୀ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ, ଋଷିକୁଲ୍ୟା, ବାହୁଦା, ବଂଶଧାରା, ନାଗାବଳୀ, ଇନ୍ଦ୍ରାବତୀ, କୋଲାବ୍ ।

ଓଡ଼ିଶାର ହ୍ରଦ—ଚିଲିକା ଓଡ଼ିଶାର ପ୍ରଧାନ ହ୍ରଦ । ପ୍ରଥମେ ଏହା ବଙ୍ଗୋପସାଗରର ଏକ ଅଂଶ ଥିଲା । କାଳକ୍ରମେ ବାଲି ବନ୍ଧଦ୍ୱାରା ବଙ୍ଗୋପସାଗରରୁ ବିଚ୍ଛିନ୍ନ ହୋଇଅଛି । ତଥାପି ଗୋଟିଏ ସଂକୀର୍ଣ୍ଣପଥ ଦେଇ ଏହା ମଧ୍ୟକୁ ବଙ୍ଗୋପସାଗରରୁ ସମୁଦ୍ରଜଳ ଯାତାୟାତ କରେ । ସେହି କାରଣରୁ ଏହାର ଜଳ ଲବଣାକ୍ତ ଅଟେ । ପୁରୀ-ଜିଲ୍ଲାର ଦୟା, ଭାର୍ଗବୀ ପ୍ରଭୃତି ନଦୀ ଏଥିରେ ପଡ଼ିଛନ୍ତି । ବର୍ଷାଦିନେ ଏହାର ଆକାର ଖୁବ୍ ବଢ଼ିଯାଏ ଓ ଜଳ ମଧୁର ହୁଏ ।

Digitized by PPRACHIN, SOA

ଏହି ହ୍ରଦରେ ମଗର, ଶାଙ୍କୁଚ ପ୍ରଭୃତି ସାମୁଦ୍ରିକ ଜୀବ ଓ ବହୁ ପରିମାଣରେ ମାଛ ଦେଖାଯାନ୍ତି । ପ୍ରତିବର୍ଷ ଏଥିରୁ ପ୍ରଚୁର ପରିମାଣରେ ମାଛ ମରିଯାଇ ବାହାରକୁ ପଠାଯାଏ । ଭାଲେରି ସୋଲରି ଓ ଜଟିଅ ପ୍ରଭୃତି ପର୍ବତ ଏହି ହ୍ରଦର ତୀରରେ ଅଛି । ଅନେକ



[ଚିଲିକାରେ ମାଛ ମରା]

କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପ ମଧ୍ୟ ଏହାମଧ୍ୟରେ ଦେଖାଯାଏ । ସେମାନଙ୍କ ମଧ୍ୟରେ ପାରିକୁଦ ଓ ମାଲୁଦ ପ୍ରଧାନ । ଏହି ହ୍ରଦର ପ୍ରାକୃତିକ ଦୃଶ୍ୟ ଅତୀବ ରମଣୀୟ । କବିବର ରାଧାନାଥ ଏହାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଏହାକୁ "ଅପ୍‌ସରିଭୁବନ" ବୋଲି କହିଛନ୍ତି । ଏହାର କୂଳରେ

Digitized by PPRACHIN, SOA

ଖଲ୍ଲିକୋଟ, ରମ୍ଭା ଓ ବାଲୁଗାଁ ପ୍ରଭୃତି ରେଳଷ୍ଟେସନ ଅଛି । ଏହି ହ୍ରଦଟିର ଲମ୍ବ ୪୦ ମାଇଲ ଓ ଓସାର ୨୦ ମାଇଲ ଅଟେ ।

ଘରହ୍ରଦ—ଏହା ଓଡ଼ିଶାର ପୁରୀଜିଲ୍ଲା ଅନ୍ତର୍ଗତ ଏକାଟିଏ କ୍ଷୁଦ୍ର ହ୍ରଦ । ଏହାର ଲମ୍ବ ପ୍ରାୟ ସାଢ଼େ ତିନି ମାଇଲ ଓ ଓସାର ଦୁଇ ମାଇଲ । ଏହାର ଜଳ ଲୁଣିଆ ନୁହେଁ । ତେଣୁ ସମଗ୍ର ଗଡ଼ାରର ଡାଲୁଅ ଧାନ ଚାଷ ପାଇଁ ଏହି ହ୍ରଦର ଜଳ ବ୍ୟବହୃତ ହୁଏ ।

ଅଂଶୁପା—ଏହା କଟକ ଜିଲ୍ଲାସ୍ଥ ବାଙ୍କୀ ମଧ୍ୟରେ ଅବସ୍ଥିତ । ଏହାର ଲମ୍ବ ପ୍ରାୟ ସାଢ଼େ ୩ ମାଇଲ ଓ ଓସାର ୧ ମାଇଲ ଅଟେ । ଏଥିରୁ ପ୍ରଚୁର ମଧୁରମାଛ ଓ କଇଁଚ ମିଳିଯାଏ । ଏହାର କୂଳରେ ସରଣ୍ଡା ପାହାଡ଼ ଅବସ୍ଥିତ । ଏହାର ଜଳ ମଧ୍ୟ ଡାଲୁଅ ଚାଷପାଇଁ ବ୍ୟବହୃତ ହୁଏ ।

ପର୍ବତ—ଗଞ୍ଜାମର କେରଣ୍ଡିମାଳ, ମହେନ୍ଦ୍ରଗିରି; ବାରମା; କୋରାପୁଟର, ନିମଗିରି, ଶୃଙ୍ଗରାଜ, ଢେଙ୍କାନାଳର କପିଳାସ; ଅଠମଲ୍ଲିକର ପଞ୍ଚଧାର, ବଣେଇର ମାଙ୍କଡ଼ନାଚ, ବୈତରଣୀ ଓ ବ୍ରାହ୍ମଣୀ ନଦୀର ଉପତ୍ୟକାରେ ମଳୟଗିରି; ଗନ୍ଧମାର୍ଦ୍ଦନ; ମୟୂରଭଞ୍ଜର ମେଘାସନ ପ୍ରଭୃତି ଓଡ଼ିଶାର ପ୍ରଧାନ ପର୍ବତ ଅଟନ୍ତି । ଏହି ପର୍ବତମାନଙ୍କରେ ଅନେକ ଖଣିଜ ପଦାର୍ଥ ଦେଖାଯାଏ ।

ଓଡ଼ିଶାର ମାଟି ଓ ଫସଲ—ଓଡ଼ିଶାର ମାଟି ସାଧାରଣତଃ ଦୁଇ ଭାଗରେ ବିଭକ୍ତ, ଯଥା—ପଥୁରିଆ ଓ ସମତଳ । ସମତଳ ଭୂମିର ମାଟି ଉର୍ବର ଓ ଚାଷ ଉପଯୋଗୀ ଅଟେ । ମାତ୍ର ପଥୁରିଆ ମାଟିର ଉର୍ବରା ଶକ୍ତି ଊଣା ଓ ସେଥିରେ ଫସଲ ଭଲ ହୁଏ ନାହିଁ ।

Digitized by PPRACHIN, SOA

ସମତଳ ଅଞ୍ଚଳର ନଦୀ ଉପତ୍ୟକାର ମାଟିକୁ ଖୁବ୍ ଭାଗରେ ବିଭକ୍ତ କରାଯାଏ ।

ଯଥା— ମଟାଳ, ଦୋରସା, ବାଲିଆ ଓ ପଟୁ ।

ମଟାଳ—ମଟାଳ ମାଟିରେ ମାଟିର ଅଂଶ ବେଶୀ ଓ ବାଲିର ପରିମାଣ କମ୍ ଥାଏ । ତେଣୁ ଏହା ଅତ୍ୟନ୍ତ ଉର୍ବର । ଏହି ମାଟିରେ ଶାରଦଧାନ ଓ ଆଖୁ ଖୁବ୍ ଭଲ ହୁଏ ।

ଦୋରସା—ଏଥିରେ ମାଟି ଓ ବାଲିର ଅଂଶ ପ୍ରାୟ ସମାନ । ଏହି ପ୍ରକାର ମାଟି ଫସଲ ସକାଶେ ବିଶେଷ ଉପଯୋଗୀ । ଏଥିରେ ପ୍ରାୟ ସବୁ ପ୍ରକାର ଫସଲ ହୋଇପାରେ । ବିଶେଷତଃ ବିଆଲି ଧାନ ଓ ରବି ଫସଲ ଭଲ ହୁଏ । ଏହା ଆଳୁ ଫସଲ ପାଇଁ ବିଶେଷ ଉପଯୋଗୀ ।

ବାଲିଆ—ଏଥିରେ ମାଟିର ଅଂଶ ଖୁବ୍ କମ୍ ଓ ବାଲିର ଅଂଶ ଖୁବ୍ ବେଶୀ ପରିମାଣରେ ଥିବାରୁ ଏହା କୃଷି ସକାଶେ ସେତେ ଉପଯୋଗୀ ନୁହେଁ । ତେଣୁ ଏହି ମାଟି ଅତି ନିକୃଷ୍ଟ ଧରଣର ଅଟେ । ଏଥିରେ ଚିନାବାଦାମ୍ ଓ କନ୍ଦମୂଳ ପ୍ରଭୃତି ଫସଲ ହୁଏ । ଏ ମାଟି ଆମ୍ବ, ପଣସ, ବାଉଁଶ ଓ ଗୋଲଙ୍ଗ ପ୍ରଭୃତିର ବଗିଚା ପାଇଁ ଉପଯୋଗୀ ।

ପଟୁ—ନଦୀର ପଠା ଓ କୂଳରେ ଏହି ମାଟି ପ୍ରଚୁର ଜମା ହୋଇଥାଏ । ଏହା ଅତ୍ୟନ୍ତ ଉର୍ବର । ଏଥିରେ ବିଶେଷ ପରିମାଣରେ ଧୂଆଁପତ୍ର, ସୋରିଷ, ଜଡ଼ା, ଚୋଟ ପ୍ରଭୃତି ଫସଲ ଭଲ ହୁଏ । ଏହାଛଡ଼ା ବାଇଗଣ, ତରଭୁଜ,କାକୁଡ଼ି ଆଦି ପରିବା ବିଶେଷ ଭଲ ହୁଏ ।
ପାହାଡ଼ିଆ ଅଞ୍ଚଳରେ ସାଧାରଣତଃ ତିନି ପ୍ରକାର ମାଟି ଦେଖାଯାଏ;

Digitized by PPRACHIN, SOA

ଯଥା—ଢୁଗୁଡ଼ିଆ ମାଟି, ଲାଲମାଟି, ଲାଲ, ମାଂକଡ଼ା ପଥର । ଏହି ପଥୁରିଆ ମାଟିରେ କୌଣସି ପ୍ରକାର ଫସଲ ଭଲ ହୁଏ ନାହିଁ । କେବଳ ଜଳର ସୁବିଧା ଥିବା ସ୍ଥାନମାନଙ୍କରେ ଅଳ୍ପ ବହୁତ ଧାନ ଚାଷ ହୁଏ ।

ସମ୍ବଲପୁର ଜିଲାର ମହାନଦୀ ଉପତ୍ୟକାରେ ଏକ ପ୍ରକାର ଉର୍ବର ମାଟି ଦେଖାଯାଏ । ତାକୁ 'ସଣ୍ଢା ପିଠିଆ' ମାଟିବୋଲି କହନ୍ତି । ଏହି ମାଟି ଦୋରସା ମାଟିପରି ଉର୍ବର ଓ ସବୁ ପ୍ରକାର ଫସଲ ପାଇଁ ଉପଯୋଗୀ ଅଟେ ।

ପ୍ରଶ୍ନ

୧ । ଓଡ଼ିଶା ଭାରତର କେଉଁ କେଉଁ ପ୍ରାକୃତିକ ବିଭାଗର ଅନ୍ତର୍ଗତ ?
[ବୃ.ପ. ୧୯୭୮, ୧୯୫୧]

୨ । ବୈତରଣୀ ନଦୀ ଓଡ଼ିଶାର କେଉଁ ଜିଲ୍ଲାଗୁଡ଼ିକ ମଧ୍ୟରେ ପ୍ରବାହିତ ? [ବୃ. ପ. ୧୯୫୨]

୩ । ଓଡ଼ିଶାର କେଉଁ ପ୍ରାକୃତିକ ବିଭାଗରେ କୋରାପୁଟ ଜିଲ୍ଲା ଅବସ୍ଥିତ ? [ବୃ. ପ. ୧୯୪୯]

୪ । ଓଡ଼ିଶାର ନଦୀଗୁଡ଼ିକ ଗ୍ରୀଷ୍ମକାଳରେ ଶୁଖି ଯାଆନ୍ତି କାହିଁକି ? [ବୃ. ପ. ୧୯୪୫]

୫ । ଓଡ଼ିଶା ପ୍ରଦେଶକୁ କେତୋଟି ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇଅଛି ? ସେଗୁଡ଼ିକର ନାମ କହ ।

୬ । ଶୂନ୍ୟସ୍ଥାନ ପୂରଣ କର—

(କ) ଦୋରସା ମାଟି—,—ଓ— ପାଇଁ ବିଶେଷ ଉପଯୋଗୀ ।

(ଖ) ସମ୍ବଲପୁର ଜିଲ୍ଲାର ମହାନଦୀ ଉପତ୍ୟକାରେ ଥିବା ମାଟିକୁ —ମାଟିବୋଲି କହନ୍ତି ।

Digitized by PPRACHIN, SOA

(ଗ) ମହାନଦୀ — ବାହାର— ପଡ଼ଅଛି ।

୪ । ଓଡ଼ିଶାର ପାଞ୍ଚଗୋଟି ବଡ଼ ନଦୀ ଓ ପାଞ୍ଚଗୋଟି ବଡ଼ ପର୍ବତର ନାମ ଲେଖ ।

ଦ୍ୱାଦଶ ଅଧ୍ୟାୟ

ଓଡ଼ିଶାର ଜଳବାୟୁ, ଅଧିବାସୀ, ଜଳସେଚନ ପ୍ରଣାଳୀ, ଜଙ୍ଗଲ ଓ ଖନିଜଦ୍ରବ୍ୟ

ଓଡ଼ିଶାର ଜଳବାୟୁ —ଓଡ଼ିଶାର ପୂର୍ବରେ ବଙ୍ଗୋପସାଗର ଅବସ୍ଥିତ । ତେଣୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରବାହିତ ହେବା ସମୟରେ ଏହି ପ୍ରଦେଶରେ ଅଧିକ ବୃଷ୍ଟିପାତ ହୋଇଥାଏ । ଭାରତର ଜଳବାୟୁପରି ଏଥିରେ ପ୍ରଧାନତଃ ଗ୍ରୀଷ୍ମ, ବର୍ଷା, ଶୀତ ଏହି ତିନି ଗୋଟି ଋତୁ ଦେଖାଯାଏ । ମାର୍ଚ୍ଚଠାରୁ ଜୁନ୍ ପର୍ଯ୍ୟନ୍ତ ଗ୍ରୀଷ୍ମ, ଜୁଲାଇଠାରୁ ଅକ୍ଟୋବର ପର୍ଯ୍ୟନ୍ତ ବର୍ଷା ଓ ନଭେମ୍ବରଠାରୁ ଫେବୃଆରୀ ପର୍ଯ୍ୟନ୍ତ ଶୀତ ଋତୁ ହୁଏ । ସମତଳ ଅଞ୍ଚଳ ଅପେକ୍ଷା ମାଳଅଞ୍ଚଳରେ ଅଧିକ ଗରମ ଓ ଶୀତ ହୁଏ । ସମୁଦ୍ରକୂଳବର୍ତ୍ତୀ ସ୍ଥାନମାନଙ୍କରେ ଶୀତ ବା ଗ୍ରୀଷ୍ମ ବେଶୀ ଅନୁଭୂତ ହୁଏ ନାହିଁ ।

ବର୍ଷାଋତୁରେ ଆରବସାଗର ଓ ବଙ୍ଗୋପସାଗର ଉପର ଦେଇ ପ୍ରବାହିତ ହେଉଥିବା ମୌସୁମୀ ବାୟୁ ଦ୍ୱାରା (ଦ. ପଃ ମୌସୁମୀ) ଓଡ଼ିଶାରେ ବର୍ଷା ହୁଏ । ଏଠାରେ ହାରାହାରି ବାର୍ଷିକ ବୃଷ୍ଟିପାତ ୫୫ ଠାରୁ ୬୦ ଇଞ୍ଚ ପର୍ଯ୍ୟନ୍ତ ଅଟେ ।

ଶୀତ ଦିନେ ଉତ୍ତର ଦିଗରୁ ପବନ ବହେ । ଏହି ପବନକୁ ଉତ୍ତର-ପୂର୍ବ ମୌସୁମୀବାୟୁ କହନ୍ତି । ଏହି ପବନ ହିମାଳୟ ଉପର

Digitized by PPRACHIN, SOA

ଦେଇ ପ୍ରବାହିତ ହେଉଥିବାରୁ ଦେଶମଧ୍ୟରେ ଖୁବ୍ ଶୀତ ହୁଏ । ସ୍ଥଳଭାଗ ଉପର ଦେଇ ଏହି ବାୟୁ ପ୍ରବାହିତ ହେଉଥିବାରୁ ଏଥିରେ ଜଳୀୟ ବାଷ୍ପ ନ ଥାଏ । ତେଣୁ ଏହା ଗତି କଲାବେଳେ ବୃଷ୍ଟି କରିପାରେ ନାହିଁ । ଓଡ଼ିଶାର ନିକଟବର୍ତ୍ତୀ ବଙ୍ଗୋପସାଗରରୁ ଏହି ବାୟୁ ଜଳୀୟ ବାଷ୍ପ ସଂଗ୍ରହ କରି ଓଡ଼ିଶା ଉପକୂଳ ଅଞ୍ଚଳରେ କିଞ୍ଚିତ ବୃଷ୍ଟି କରିଥାଏ । ସମୟ ସମୟରେ ୪ । ୫ ଦିନ ପର୍ଯ୍ୟନ୍ତ ମେଘଅନ୍ଧ ହୋଇ ଅଳ୍ପ ଅଳ୍ପ ବୃଷ୍ଟିସହ ଥଣ୍ଡା ପବନ ବହେ । ମାଳ ଅଞ୍ଚଳରେ ଶୀତ ଅଧିକ ହୋଇଥାଏ । କଟକ, ପୁରୀ ଅପେକ୍ଷା ସମ୍ବଲପୁରରେ ଶୀତ ଓ ଗ୍ରୀଷ୍ମ ପ୍ରବଳ ଜଣାଯାଏ । ଏଠାରେ ଗ୍ରୀଷ୍ମ ଋତୁର ରାତିରେ ଯେତେ ଉତ୍ତାପ ଜଣାଯାଏ ଶୀତଋତୁର ଦ୍ୱିପ୍ରହରରେ ମଧ୍ୟ ସେତେ ଉତ୍ତାପ ହୁଏ ନାହିଁ । ଅମ ଏହି ପ୍ରଦେଶଟି ଗ୍ରୀଷ୍ମପ୍ରଧାନ ଅଟେ । ବର୍ଷାଋତୁର ଶେଷ ଅଡ଼କୁ ଉପକୂଳ ଅଞ୍ଚଳରେ ପ୍ରବଳ ଝଡ଼ ତୋଫାନ ସମୟ ସମୟରେ ହୋଇଥାଏ । କାରଣ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ସମ୍ପୂର୍ଣ୍ଣରୂପେ ବନ୍ଦ ନ ହେଉଣୁ ଉତ୍ତର-ପୂର୍ବ ମୌସୁମୀ ବାୟୁ ବହେ । ଉଭୟ ବାୟୁର ସଂଘର୍ଷ ଫଳରେ ଝଡ଼ର ଆଶଙ୍କା ଥାଏ ।

ଓଡ଼ିଶାର ଅଧିବାସୀ—ବର୍ତ୍ତମାନ ଓଡ଼ିଶାର ଲୋକସଂଖ୍ୟା ପ୍ରାୟ ଦେଢ଼କୋଟି । ମାଳ ଅଞ୍ଚଳ ସମତଳ ଅଞ୍ଚଳ ଅପେକ୍ଷା ବହୁ ଗୁଣରେ ବଡ଼ ହେଲେ ମଧ୍ୟ ସଂକୀର୍ଣ୍ଣ ସମତଳ ଅଞ୍ଚଳରେ ଜନବସତି ଘନ । ସମତଳ ଅଞ୍ଚଳର ମୃତ୍ତିକା ଉର୍ବର । ଜଳସେଚନ ଏବଂ ଗମନାଗମନ ଓ ବ୍ୟବସାୟ ବାଣିଜ୍ୟର ସକଳ ପ୍ରକାର ସୁବିଧା ଥିବାରୁ ଏହି ଅଞ୍ଚଳରେ ଅଧିକ ଲୋକ ବାସ କରନ୍ତି ।

ମାଳ ଅଞ୍ଚଳର ଅଧିକାଂଶ ସ୍ଥାନ ପର୍ବତ ଓ ଅରଣ୍ୟମୟ, ଜମି ଅନୁର୍ବର । ଗମନାଗମନର ସୁବିଧା ନ ଥିବାରୁ ଏ ଅଞ୍ଚଳ ଜନବିରଳ

Digitized by PPRACHIN, SOA

ଅଟେ । ଉପକୂଳବର୍ତ୍ତୀ ଅଞ୍ଚଳର ଭୂମି ଅନୁର୍ବର ଥିବାରୁ ଏ ଅଞ୍ଚଳରେ ମଧ୍ୟ ଲୋକବସତି ଅପେକ୍ଷାକୃତ ଊଣା ଅଟେ ।

ଓଡ଼ିଶାର ସମତଳ ଭୂଭାଗସ୍ଥ ଭଦ୍ରକ, ଧାମନଗର, ସୋରୋ ଏବଂ କଟକ ଜିଲ୍ଲାର ସାଲେପୁର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଅଞ୍ଚଳରେ ଜନବସତି ଘନ । ଓଡ଼ିଶାର ଦକ୍ଷିଣାଂଶସ୍ଥ ପୁରୀ ଜିଲ୍ଲାର ପିପିଲି, ଖୋର୍ଦ୍ଧା, ସତ୍ୟବାଦୀ ଅଞ୍ଚଳରେ ଜନବସତି ଅଧିକ ଅଟେ । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର, ପୁରୁଷୋତ୍ତମପୁର ଓ ଛତ୍ରପୁର ଅଞ୍ଚଳରେ ଲୋକସଂଖ୍ୟା ମଧ୍ୟ ଅଧିକ । ମାଳଅଞ୍ଚଳମଧ୍ୟରେ କୋରାପୁଟ, ଜୟପୁର, ପଟାଙ୍ଗୀ, ପାରଲା ଓ ସମ୍ବଲପୁର ଜିଲ୍ଲାର ବରଗଡ଼ ଅଞ୍ଚଳରେ ମାଳ ଅଞ୍ଚଳର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ଜନବସତି ଘନ ଅଟେ ।

ଓଡ଼ିଶାରେ ସବୁଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ପ୍ରଭୃତି ଧର୍ମାବଲମ୍ବୀ ଲୋକ ଦେଖାଯାନ୍ତି । ହିନ୍ଦୁମାନଙ୍କ ମଧ୍ୟରେ ହରିଜନମାନେ ଅଧିକ ଅନୁନ୍ନତ ଶ୍ରେଣୀର ଅଟନ୍ତି । ବର୍ତ୍ତମାନ ସରକାର ସେମାନଙ୍କ ଉନ୍ନତି ନିମିତ୍ତ ଅଧିକ ଦୃଷ୍ଟି ଦେଉଛନ୍ତି ।

ପାହାଡ଼ିଆ ମାଳ ଅଞ୍ଚଳରେ କନ୍ଧ, କୋହ୍ଲ, ସାନ୍ତାଳ, ପରଜା, ଗାଦବା, ଯୁଆଙ୍ଗ ପ୍ରଭୃତି ଆଦିମ ଅଧିବାସୀ ଦୃଷ୍ଟିଗୋଚର ହୁଅନ୍ତି ।

ଅଧିବାସୀମାନଙ୍କର ଜୀବିକା—ଓଡ଼ିଶା ଗୋଟିଏ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଅଧିକାଂଶ ଲୋକ କୃଷିକାର୍ଯ୍ୟ କରି ଜୀବିକା ଅର୍ଜନ କରନ୍ତି । ଏହା ବ୍ୟତୀତ କେତେକ ଚାକିରି କରି, କେତେକ ବ୍ୟବସାୟ ବାଣିଜ୍ୟ କରି ଜୀବିକା ଅର୍ଜନ କରନ୍ତି ।

Digitized by PPRACHIN, SOA

ଆମ ରାଜ୍ୟରେ ସେପରି ବଡ଼ ଯନ୍ତ୍ରଶିଳ୍ପ କାରଖାନା ନାହିଁ । ଅତି ଅଳ୍ପ ଲୋକ କୁଟୀରଶିଳ୍ପଦ୍ୱାରା ନିଜର ପରିବାର ଚଳାଇଥାନ୍ତି ।

ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନେ ମାଛ ମାରିବା, ଲୁଣ ମାରି ଚଳନ୍ତି । ଉପକୂଳାଞ୍ଚଳରେ ଗୋରୁ, ମଇଁଷି ଆଦି ଚରିବା ପାଇଁ ବିସ୍ତୃତ ଭୂମି ରହିଥିବାରୁ ଅନେକ ଲୋକ ପଶୁପାଳନ କରି ଜୀବିକା ଅର୍ଜନ କରନ୍ତି । ଧୋବା, ଭଣ୍ଡାରି, କୁମ୍ଭାର ପ୍ରଭୃତି ଜାତିଗତ ବ୍ୟବସାୟଦ୍ୱାରା ଉଦର ପୋଷଣ କରନ୍ତି ।



[ଗଦବାମାନଙ୍କ ନାଚ]

ଆଦମ ଅଧିବାସୀ—ଓଡ଼ିଶାର ସମତଳ ଅଞ୍ଚଳରେ ସକଳ ପ୍ରକାର ସୁବିଧା ଥିବାରୁ ଲୋକବସତି ବହୁତ ଏବଂ ଅଳ୍ପ ପରିଶ୍ରମରେ

Digitized by PPRACHIN, SOA

ଅଧିକ ରୋଜଗାର କରିପାରୁଥିବାରୁ ଅଧିବାସୀମାନେ ସ୍ୱାଚ୍ଛନ୍ଦ୍ୟପ୍ରିୟ ଓ ବିଳାସୀ। ପାର୍ବତ୍ୟ ଅଞ୍ଚଳର ଲୋକମାନେ ଗୃହକାର୍ଯ୍ୟ କରି ଜୀବିକା ଅର୍ଜନ କରିବା କଷ୍ଟକର। ମୃତ୍ତିକା ଉର୍ବର ନୁହେଁ। ଅଧିବାସୀମାନେ ପର୍ବତପାର୍ଶ୍ୱକୁ କାଟି ଜମି କରି ତହିଁରେ ଫସଲ ଉତ୍ପନ୍ନ କରନ୍ତି। ଏହା ବଡ଼ କଷ୍ଟକର କାର୍ଯ୍ୟ।

ଆଦିମ ଅଧିବାସୀମାନେ ଏକପ୍ରକାର କୃଷି କରନ୍ତି, ତାକୁ ପୋଡ଼ୁଚାଷ କୁହାଯାଏ। ଏଥିପାଇଁ ସେମାନେ ଜଙ୍ଗଲର କୌଣସି ଗୋଟିଏ ଅଂଶକୁ ପୋଡ଼ିଦିଅନ୍ତି। ଜଳେ ଗଦା ହୋଇଥିବା ପାଉଁଶ ସହିତ ମାଟିକୁ ସାମାନ୍ୟ ଖୋଳି ତହିଁରେ କୃଷି କରନ୍ତି। ପାଉଁଶ ସାର ରୂପେ କାର୍ଯ୍ୟ କରେ

ଏତେ ପରିଶ୍ରମ କରି ମଧ୍ୟ ଏମାନେ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରିପାରନ୍ତି ନାହିଁ। ବହୁ କଷ୍ଟରେ ଯେଉଁ ଧାନ, ରାଶି, ସୋରିଷ, ହଳଦୀ, ବାଜରା, ମକା ପ୍ରଭୃତି ଉତ୍ପନ୍ନ କରନ୍ତି, ତାହା ସେମାନଙ୍କ ଚଳିବା ପାଇଁ ଯଥେଷ୍ଟ ହୁଏ ନାହିଁ। ତେଣୁ ସେମାନେ ଅରଣ୍ୟରୁ ଫଳମୂଳ ସଂଗ୍ରହ ଓ ଶିକାର ଆଦି କରନ୍ତି। ଏମାନେ ଅନ୍ୟାନ୍ୟ ଅଞ୍ଚଳ ଲୋକଙ୍କଠାରୁ ଅଧିକ ବଳିଷ୍ଠ ଓ କଷ୍ଟସହିଷ୍ଣୁ ଅଟନ୍ତି।

ଏମାନେ ଆଦୌ ଶିକ୍ଷିତ ନୁହନ୍ତି କହିଲେ ଚଳେ। ଏମାନେ ବାହାର ଜଗତ ସହିତ ବିଶେଷ ସମ୍ପର୍କ ରଖନ୍ତି ନାହିଁ। ପ୍ରକୃତି-କୋଳରେ ହସି ଖେଳି ଚଳିବାକୁ ଏମାନେ ସୁଖ ପାନ୍ତି। ବର୍ତ୍ତମାନ ସରକାର ଏମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ କରୁଛନ୍ତି। ଏମାନେ ସମସ୍ତଙ୍କ ସହିତ ସକଳ ବିଷୟରେ ସମାନ ନ ହେଲେ ଓଡ଼ିଶାର ଉନ୍ନତି ଅସମ୍ଭବ ହେବ। ସରକାର ସେମାନଙ୍କ ଶିକ୍ଷାର ଉନ୍ନତି ପାଇଁ ବିଦ୍ୟାଳୟ, ସ୍ୱାସ୍ଥ୍ୟ ପାଇଁ ଡାକ୍ତରଖାନା ପ୍ରଭୃତି ସ୍ଥାପନ କରୁଛନ୍ତି।

Digitized by PPRACHIN, SOA

ଓଡ଼ିଶାର କୃଷି ଓ ଜଳସେଚନ—ଓଡ଼ିଶାରେ ଧାନ ପ୍ରଧାନ ଫସଲ୍ ଅଟେ । ଏହା ଅଧିକ ପରିମାଣରେ ପାଣି ଆବଶ୍ୟକ କରେ । ତେଣୁ ବର୍ଷା ଋତୁରେ ଓଡ଼ିଶାର ସବୁଅଞ୍ଚଳରେ ଧାନଚାଷ କରାଯାଏ । ଦକ୍ଷିଣ ଓଡ଼ିଶାର ଯେଉଁ ଅଞ୍ଚଳରେ ଧାନଚାଷ ପାଇଁ ଯଥେଷ୍ଟ ବର୍ଷା ହୁଏ ନାହିଁ, ସେଠାରେ ମାଣ୍ଡିଆ ଚାଷ କରାଯାଏ ।

ବୈଶାଖ ମାସରୁ ଧାନବୁଣା ଆରମ୍ଭ ହୁଏ ଓ ପୌଷମାସ ସୁଦ୍ଧା ଧାନ ଅମଳ ସରେ ଯାଏ । ପ୍ରଥମେ ଲୋକେ ବିଆଳି ଧାନ ବୁଣିଥାନ୍ତି । ଏହା ଅଳ୍ପ ଦିନରେ ପାଚିଯାଏ । ଶାରଦ ଧାନ ଜ୍ୟେଷ୍ଠ ମାସରେ ବୁଣାଯାଇ ପୌଷମାସ ସରିକି ଅମଳ କରାଯାଏ । ଡାଲୁଆ ଧାନ ପୌଷ ଶେଷ ଆଡ଼କୁ ବୁଣାଯାଇ ବୈଶାଖ ଅଧକୁ କଟା ସରି ଥାଏ । ଏହା ବ୍ୟତୀତ ମାଣ୍ଡିଆ, କୋଳଥ, ଚଣା, ହରଡ଼, ମୁଗ ପ୍ରଭୃତି ମଧ୍ୟ ବହୁ ପରିମାଣରେ ଚାଷ କରାଯାଏ । ତୈଳବୀଜ ମଧ୍ୟରେ ସୋରିଷ, ରାଶି, ଫେଣୀ ପ୍ରଧାନ ଅଟେ । ମାଳ ଅଞ୍ଚଳମାନଙ୍କରେ ମାଣ୍ଡିଆ ଓ ଧାନ ପ୍ରଧାନ ଖାଦ୍ୟ ଅଟେ । ମକ୍କା, ବାଜରା, ଧୂଆଁପତ୍ର ମଧ୍ୟ ଚାଷ କରାଯାଏ ।

ଉପକୂଳର ଭୂମି ସମୁଦ୍ର ଜଳଦ୍ୱାରା ଲବଣାକ୍ତ ହୋଇଥିବାରୁ ଏଠାରେ ନଡ଼ିଆ ଓ ଗୁଆ ଭଲ ବଢ଼େ । ଏହି ଅଞ୍ଚଳରେ ନଡ଼ିଆ, ଆମ୍ବ, ପଣସ, ପୋଲଙ୍ଗ ପ୍ରଭୃତିର ବଡ଼ ବଡ଼ ବଗିଚା ଦେଖାଯାଏ । ଏହି ଅଂଶରେ ଝାଉଁଗଛର ବିସ୍ତୃତ ବଗିଚା ମଧ୍ୟ କରାଯାଇଛି ।

ଜଳସେଚନର ସୁବିଧା ଓ ଅସୁବିଧା—ଆମ ରାଜ୍ୟରେ ବର୍ଷକେ ସବୁ ଦିନେ ବର୍ଷା ହୁଏ ନାହିଁ । କୃଷିର ସୁବିଧା ପାଇଁ ସମତଳ ଅଞ୍ଚଳରେ କେତେକ ନାଳ ବା କେନାଲ୍ ଯାଇଅଛି । ଏହି

Digitized by PPRACHIN, SOA

ନାଳରେ ବର୍ଷକ ଯାକ ପାଣି ଆସି ଚୃଷକ୍ଷମିରେ ମାଡୁଥାଏ । ଏହି ନାଳର ବନ୍ଧଗୁଡ଼ିକ ବଢ଼ି ଦାଉରୁ ଲୋକଙ୍କୁ ରକ୍ଷାକରେ । ନାଳରେ ବେପାର ବାଣିଜ୍ୟ ଚାଲିଥାଏ । ଓଡ଼ିଶାର ମାଳ ଅଞ୍ଚଳ ପ୍ରସ୍ତରପୂର୍ଣ୍ଣ ଥିବା ହେତୁ ନାଳ ଖୋଳିବା ଓ ନାଳ ଯୋଗେ ବହୁ ଦୂରକୁ ପାଣି ନେଇ ନେବା ବଡ଼ କଷ୍ଟକର । ଏଥିଯୋଗୁଁ ଏ ଅଞ୍ଚଳରେ କେତେ ସ୍ଥାନରେ ବୃଷ୍ଟିଜଳକୁ ଅଟକାଇ ରଖିବା ପାଇଁ ବଡ଼ ବଡ଼ ପୁଷ୍କରଣୀ କରାଯାଏ । ତାହା ସମୟରେ ଚୃଷକ୍ଷମିର ଉପକାର କରଥାଏ ।

ମହାନଦୀ, ବୈତରଣୀ ଓ ଋଷିକୁଲ୍ୟା ନଦୀର ଜଳ ନାଳ ସାହାଯ୍ୟରେ ବ୍ୟବହାର କରାଯାଏ । ମହାନଦୀରେ ପାଣି ଅଟକାଇ ରଖିବାପାଇଁ କଟକ ଜୋବ୍ରାଠାରେ ଅଣିକଟ ତିଆରି ହୋଇଅଛି ।

କଟକ ସହରର ଉତ୍ତର ପାଖରେ ଜଗତପୁରଠାରେ ବିରୂପାରେ ଏବଂ ଦକ୍ଷିଣ ପାଖରେ ନରାଜଠାରେ କାଠଯୋଡ଼ି ନଦୀରେ ଅଣିକଟ ତିଆରି ହୋଇଅଛି ।

କେନ୍ଦ୍ରାପଡ଼ା କେନାଲ—ବିରୂପା ନଦୀରୁ କେନ୍ଦ୍ରାପଡ଼ା ନାଳ ଜଗତପୁରଠାରୁ ବାହାରି ମାର୍ଶାଘାଇ ପର୍ଯ୍ୟନ୍ତ (୩୯ ମାଇଲ) ଯାଇଅଛି । ଏହି ଜଗତପୁରଠାରୁ ପାଟ୍ଟାମୁଣ୍ଡାଇ କେନାଲ ୪୮ ମାଇଲ । ପୁଣି କେନ୍ଦ୍ରାପଡ଼ା କେନାଲର ୨୮ ମାଇଲଠାରୁ ଗୋବରୀ କେନାଲ ବାହାରି କେନ୍ଦ୍ରାପଡ଼ା ହୋଇ ୧୫ ମାଇଲ ଯାଇଅଛି ।

ତାଳଦଣ୍ଡା କେନାଲ—ମହାନଦୀରେ ଥିବା ଜୋବ୍ରା ଅଣିକଟରୁ ବାହାରି ତାଳଦଣ୍ଡା ପର୍ଯ୍ୟନ୍ତ ୫୨ ମାଇଲ ଯାଇଅଛି ।

ମାଛଗାଁ କେନାଲ—କଟକ ନିକଟରେ ତାଳଦଣ୍ଡା କେନାଲରୁ ଏହି କେନାଲ ବିରବାଟିଠାରୁ ବାହାରି ମାଛଗାଁ ପର୍ଯ୍ୟନ୍ତ ଯାଇଅଛି ।

Digitized by PPRACHIN, SOA

ହାଇଲେଭଲ କେନାଲ—ଚୌଦ୍ୱାର ନିକଟରେ ବିରୂପା ଅଣିକଟରୁ ବାହାରି ଜେନାପୁରଠାରେ ବ୍ରାହ୍ମଣୀ ନଦୀରେ ପଡ଼ିଅଛି ।



ଋଷିକୁଲ୍ୟ କେନାଲ—ଋଷିକୁଲ୍ୟା କେନାଲ ଗଞ୍ଜାମର ଜାନବଲି ଅଣିକଟରୁ ବାହାରି ଅସିକା, ବ୍ରହ୍ମପୁର, ଛତ୍ରପୁର ତାଲୁକା ଦେଇ ଯାଇଅଛି । ବଡ଼ ନଦୀ କେନାଲ ଘୁମୁସର ନିକଟରେ ବଡ଼ ନଦୀରୁ ବାହାରି ଜାନବଲିଠାରେ ଋଷିକୁଲ୍ୟାରେ ପଡ଼ିଅଛି ।

ଓଡ଼ିଶାର ଜଙ୍ଗଲ ଓ ଖଣିଜ ପଦାର୍ଥ—ଓଡ଼ିଶାରେ ବିସ୍ତୃତ ଜଙ୍ଗଲ ରହିଅଛି । ଜଙ୍ଗଲ ଦେଶର ବଡ଼ ସମ୍ପଦ । ଲୋକମାନେ ଜଙ୍ଗଲକୁ ନଷ୍ଟ କରି ଦେଉଥିବାରୁ ବର୍ତ୍ତମାନ ସରକାର ନିଜେ ଜଙ୍ଗଲ-ମାନଙ୍କର ତତ୍ତ୍ୱାବଧାନ କରୁଅଛନ୍ତି । ଜଙ୍ଗଲରୁ ଆମ୍ଭେମାନେ ବହୁ

Digitized by PPRACHIN, SOA

ଆବଶ୍ୟକ ଜିନିଷ ପାଇଥାଉଁ । ଗୃହନିର୍ମାଣ ପାଇଁ କାଠ, ବାଉଁଶ, ଲଇ ଓ ଉପକରଣ ପ୍ରଭୃତି ତିଆରି ପାଇଁ ବଡ଼ ବଡ଼ କାଠ ଗଡ଼ ଏବଂ ରେଲରାସ୍ତା ନିର୍ମାଣ ପାଇଁ ବହୁତ କାଠ ଜଙ୍ଗଲରୁ ଅଣାଯାଏ । ଏହା ବ୍ୟତୀତ ଜଙ୍ଗଲରୁ ବହୁପ୍ରକାର ଔଷଧ ଓ ଚେରମୂଳ ସଂଗୃହୀତ ହୁଏ । ମହୁଲ, ଝୁଣା, ଶିଙ୍ଗ, ହାତୀଦାନ୍ତ, ଲାଖ ପ୍ରଭୃତି ଅରଣ୍ୟରୁ ମିଳେ । ଏହିପରି ବହୁମୂଲ୍ୟବାନ୍ ଜିନିଷ ଯୋଗାଉଥିବାରୁ ଜଙ୍ଗଲକୁ ରକ୍ଷା-କରିବା ଓ ତାର ଯତ୍ନନେବା ସରକାର ଓ ଲୋକସାଧାରଣ ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ପ୍ରତିବର୍ଷ ବହୁପରିମାଣରେ ଜଙ୍ଗଲ ନଷ୍ଟ ହୋଇ ଯାଉଥିବାରୁ ଉପଯୁକ୍ତ ସ୍ଥାନରେ ନୂତନ ବୃକ୍ଷ ରୋପଣ କରାଯାଇ ଜଙ୍ଗଲ ପରିମାଣ ବୃଦ୍ଧି କରାଯାଉଛି । ପ୍ରତ୍ୟେକ ଲୋକ ଯେପରି କିଛି କିଛି ଗଛ ପ୍ରତିବର୍ଷ ଲଗାଇ ତାକୁ ଉପଯୁକ୍ତ ଭାବରେ ବଢ଼ାନ୍ତି ସେଥିପାଇଁ ସରକାର ବର୍ଷମଧ୍ୟରେ ଗୋଟିଏ "ବୃକ୍ଷରୋପଣ ସପ୍ତାହ" ପାଳନର ବ୍ୟବସ୍ଥା କରିଛନ୍ତି । ଏ ସପ୍ତାହରେ ପ୍ରତ୍ୟେକ ସ୍କୁଲ, କଲେଜ, ଡାକ୍ତରଖାନା, ସରକାରୀ ଓ ବେସରକାରୀ ସକଳ ଅନୁଷ୍ଠାନ ବୃକ୍ଷ-ରୋପଣ କରନ୍ତି । ସାଧାରଣ ଗ୍ରାମବାସୀମାନଙ୍କୁ ଏ ବିଷୟ ବୁଝାଇ ବୃକ୍ଷ ରୋପଣ ମଧ୍ୟ କରାନ୍ତି । ତାହା ନହେଲେ ଆଗରୁ ଥିବା ଜଙ୍ଗଲ ଅଳ୍ପ ଦିନରେ ନଷ୍ଟ ହୋଇଯିବ । ଜଙ୍ଗଲ ପରିମାଣ କମିଗଲେ ଦେଶର ବୃଷ୍ଟିପାତ କମିଯିବ । ଜଙ୍ଗଲ ଉପରେ ଦେଶର ସ୍ୱାସ୍ଥ୍ୟ ମଧ୍ୟ ନିର୍ଭର କରେ । ତେଣୁ ଜଙ୍ଗଲ ଆମର କି ଉପକାର କରୁଛି, ତାହା ସହଜରେ ଅନୁମାନ କରିହେବ ।

ଜଙ୍ଗଲରୁ ସାଧାରଣତଃ ଶାଳ, ପିଆଶାଳ, ଶାଗୁଆନ, କୁରୁମ, ସାହାଜ ପ୍ରଭୃତି ମୂଲ୍ୟବାନ କାଠ ମିଳେ । ଏହା ବ୍ୟତୀତ ପ୍ରଚୁର ଜାଳେଣିକାଠ ଜଙ୍ଗଲରୁ ଆସି ସହର ଓ ମଫସଲରେ ବିକ୍ରି ହୁଏ ।

Digitized by PPRACHIN, SOA

ଓଡ଼ିଶାର ମାଳ ଅଞ୍ଚଳରେ ନିବିଡ଼ ଅରଣ୍ୟ ଦେଖାଯାଏ । ମୟୂରଭଞ୍ଜ, ଜୟପୁର, ବଣାଇ, ଦଶପଲ୍ଲା ପ୍ରଭୃତିରେ ବଡ଼ ବଡ଼ ଜଙ୍ଗଲମାନ ଅଛି । ଅନୁଗୋଳର ଅରଣ୍ୟରୁ ପ୍ରଚୁର ବାଉଁଶ କଟାଯାଇ କାଗଜ ତିଆରି ହେବାପାଇଁ ମେରାମଣ୍ଡଳୀ ଷ୍ଟେସନରୁ କଲିକତାକୁ ପଠାଯାଏ । ଏକପ୍ରକାର ଜଙ୍ଗଲି ଘାସ ମଧ୍ୟ ସଂଗୃହୀତ ହୋଇ କାଗଜ ତିଆରି ପାଇଁ ବିଭିନ୍ନ ସ୍ଥାନକୁ ପ୍ରେରିତ ହୁଏ ।

ମୟୂରଭଞ୍ଜ, କେନ୍ଦୁଝର ପ୍ରଭୃତିର ଅରଣ୍ୟମାନଙ୍କରୁ ମଠା ଓ ଝୁଣା ସଂଗ୍ରହ କରାଯାଏ ।

ଖଣିଜ ସଂପଦ—ଓଡ଼ିଶାର ସମତଳ ଅଞ୍ଚଳରେ ବିଶେଷ କୌଣସି ଖଣି ନାହିଁ । କେବଳ ମାଳଅଞ୍ଚଳରେ ବିଭିନ୍ନ ଜିନିଷର ଖଣିମାନ ଅଛି । ଅର୍ଥାଭାବରୁ କେଉଁ ସ୍ଥାନରେ କେଉଁ ଖଣି ଅଛି, ତାହା ଏପର୍ଯ୍ୟନ୍ତ ପୂର୍ଣ୍ଣଭାବେ ଜଣାଯାଇ ନାହିଁ । ବିଶେଷଜ୍ଞମାନେ କହନ୍ତି, ଓଡ଼ିଶାର ପାର୍ବତ୍ୟ ଅଞ୍ଚଳ ଖଣିରେ ପୂର୍ଣ୍ଣ ହୋଇ ରହିଛି ।

ଲୁହା—ମୟୂରଭଞ୍ଜର ଗୋରୁମହିଷାଣୀ, ବାଦାମ ପାହାଡ଼ ଓ ସୋଲାଇପାଟରୁ ପ୍ରତିଦିନ ହଜାର ହଜାର ମହଣ ଲୁହା ଟୁଡ଼ିଆ ଟାଟା କମ୍ପାନୀକୁ ରେଳ ଯୋଗେ ଯାଏ । କେନ୍ଦୁଝରର ବଡ଼ବିଲ୍ ଓ ଠାକୁରାଣୀ ପାହାଡ଼ରେ ଏତେ ଲୁହା ଅଛି ଯାହାକି ଗୋଟାଏ ବଡ଼ ଲୁହା କାରଖାନାକୁ ହଜାରେ ବର୍ଷ ଚଳାଇ ଦେଇପାରିବ । ଏଥିପାଇଁ ବଣାଇରେ ଗୋଟିଏ ବଡ଼ ଲୁହା କାରଖାନା ବସାଯାଉଛି । ଏହା ବ୍ୟତୀତ ସୁନ୍ଦରଗଡ଼ରେ ଲୁହାଖଣି ଥିବାର ଜଣାଯାଇଛି ।

କୋଇଲା—ତାଳଚେରର କୋଇଲାଖଣି ବିଶେଷ ବିଖ୍ୟାତ । ଏହା ବ୍ୟତୀତ ସମ୍ବଲପୁର ଜିଲ୍ଲାର ରାମପୁରରେ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ କୋଇଲା ମିଳେ ।

Digitized by PPRACHIN, SOA

ଅଭ୍ର—ମୟୂରଭଞ୍ଜ, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ଅଭ୍ର ଖଣିମାନ ଦେଖାଯାଏ ।

ମାଙ୍ଗାନିଜ—କେନ୍ଦୁଝର, ବାମଣ୍ଡା ଓ ଗାଙ୍ଗପୁରରେ ମାଙ୍ଗାନିଜ ଖଣିମାନ ଦେଖାଯାଏ ।

ଚୋଙ୍ଗୁଟିପଥର—ଓଡ଼ିଶାର ପାହାଡ଼ିଆ ଅଞ୍ଚଳରେ ବିଶେଷତଃ ଗାଙ୍ଗପୁରରେ ପ୍ରଚୁର ଚୋଙ୍ଗୁଟି ପଥର ମିଳେ । ଏଥିରେ ଚୂନ ତିଆରି ହୁଏ ।

ଗ୍ରାଫାଇଟ୍—ବଲାଙ୍ଗୀର, ଅଠମଲ୍ଲିକ ଓ ଢେଙ୍କାନାଳରେ ଏହା ମିଳେ ।

ଆସ୍‌ବେସ୍‌ଟସ୍ ଓ ଚନାମାଟି—ଏହା ମୟୂରଭଞ୍ଜରେ ମିଳେ ।

କ୍ରୋମାଇଟ୍—କେନ୍ଦୁଝରରେ ଏହା ଅଛି ।

ଅଗ୍ନିଵାରଣମାଟି—ଏହା ସୁନ୍ଦରଗଡ଼ ଜିଲାରେ ଅଛି ।

ଲୁଣ—ସମୁଦ୍ର ପାଣିରୁ ପ୍ରଚୁର ଲୁଣ ମରାଯାଏ । ସମୁଦ୍ରର ଜୁଆର ପାଣିକୁ ବାନ୍ଧ ବନ୍ଧାଇ ଅଟକାଇ ରଖି ଦିଅନ୍ତି । ସେ ପାଣି ଶୁଖିଗଲେ ତହିଁରୁ ଲୁଣ ବାହାରେ ।

ମୁଗୁନି ପଥର—ମୂର୍ତ୍ତି ଓ ବାସନ ତିଆରି ପାଇଁ ମୁଗୁନିପଥର ଆବଶ୍ୟକ । ଏହା ନୀଳଗିରିରେ ମିଳେ ।

ପ୍ରଶ୍ନ

୧ । ଓଡ଼ିଶାର ପାହାଡ଼ିଆ ଅଞ୍ଚଳ ଅପେକ୍ଷା ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରେ ଅଧିକ ଗ୍ରାମ ଦେଖାଯାଏ କାହିଁକି ? [ବୃ.ପ.୧୯୫୨]

୨ । ଓଡ଼ିଶାର ଅଧିବାସୀମାନେ କିପରି ସେମାନଙ୍କ ଚାଷ ଜମିରେ ଜଳସେଚନ କରନ୍ତି ? [ବୃ. ପ. ୧୯୫୨]

Digitized by PPRACHIN, SOA

୩ । ଓଡ଼ିଶାର ପାର୍ବତ୍ୟ ଅଞ୍ଚଳରେ କୃଷିକାର୍ଯ୍ୟ ପାଇଁ କ କ ଅସୁବିଧା ଅଛି ? [ବୃ. ପ୍ର. ୧୯୫୨]

୪ । ଗ୍ରୀଷ୍ମକାଳରେ ସମ୍ବଲପୁର ଅପେକ୍ଷା ପୁରୀ ଥଣ୍ଡା କାହିଁକି ? [ବୃ. ପ୍ର. ୧୯୫୨]

୫ । ଓଡ଼ିଶାର କେଉଁ ଅଞ୍ଚଳରେ ଲୁଣ ମରୁଡ଼ିଏ ? [ବୃ. ପ୍ର. ୧୯୫୧]

୬ । ଗ୍ରୀଷ୍ମକାଳରେ ଅନୁଗୁଳ ଅପେକ୍ଷା ପୁରୀ ଥଣ୍ଡା କାହିଁକି ? [ବୃ. ପ୍ର. ୧୯୪୯]

୭ । ଦୁଇଟି ନଦୀର ନାମ ଲେଖ, ଯାହାଦ୍ୱାରା କଟକ ଜିଲାରେ ପ୍ରବଳ ବନ୍ୟା ହୁଏ । [ବୃ. ପ୍ର. ୧୯୫୦]

୮ । ଓଡ଼ିଶାର କେଉଁ ଅଞ୍ଚଳରେ ନଡ଼ିଆ ପ୍ରଚୁର ପରିମାଣରେ ଉତ୍ପନ୍ନ ହୁଏ ? [ବୃ. ପ୍ର. ୧୯୫୦]

୯ । ଓଡ଼ିଶା ଜଙ୍ଗଲରୁ କ କ କାଠ ମିଳେ ? ଓଡ଼ିଶାରେ ଥିବା ପାଞ୍ଚଟି ଖଣିଜ ପଦାର୍ଥର ନାମ ଲେଖ ।

୧୦ । କ୍ରୋମାଇଟ୍, ମୁଗୁନି ପଥର, ଅଭ୍ର, ଲୁହା, ଚୂନ ପଥର କେଉଁଠି ମିଳେ ?

୧୧ । ଓଡ଼ିଶାରେ ଜଳସେଚନ ପାଇଁ କି କି ପ୍ରକାର ସୁବିଧା ଓ ଅସୁବିଧା ଅଛି ?

୧୨ । ପାହାଡ଼ିଆ ଅଞ୍ଚଳରେ ନାଳ ନ ଥିବାର କାରଣ କଣ ?

୧୩ । ନାଳଦ୍ୱାରା ଆମ୍ଭମାନଙ୍କର କି ଉପକାର ହୁଏ ?

୧୪ । ଓଡ଼ିଶାର କେଉଁ ଅଞ୍ଚଳର ଲୋକେ କେବଳ ମାଛ ମାରି ଜୀବିକା ନିର୍ବାହ କରନ୍ତି ?

୧୫ । ମାଳ ଅଞ୍ଚଳର ଲୋକେ କିପରି ଜୀବିକା ନିର୍ବାହ କରନ୍ତି ?

Digitized by PPRACHIN, SOA

ତ୍ରୟୋଦଶ ଅଧ୍ୟାୟ

ଓଡ଼ିଶାର ରେଳରାସ୍ତା, ସଡ଼କ, ଜଳପଥ ଓ ଆକାଶପଥ

ରେଳପଥ—ଓଡ଼ିଶା ଉପକୂଳ ଦେଇ ଇଷ୍ଟର୍ଣ୍ଣ ରେଲୱାଇର ରେଳପଥ ବିସ୍ତୃତ ହୋଇଅଛି । ଏହି ରେଳପଥରୁ ବିଭିନ୍ନ ଶାଖା ରେଳପଥ ବିଭିନ୍ନ ସ୍ଥାନକୁ ଯାଇଅଛି । ପ୍ରଧାନ ରାସ୍ତାଟି ହାବଡ଼ା-ଓ୍ୱାଲଟେୟର ରାସ୍ତାର ଅଂଶ । ଏହାଦ୍ୱାରା ଓଡ଼ିଶାର ବଡ଼ ବଡ଼ ସହର ସଂଯୁକ୍ତ ହୋଇଅଛନ୍ତି ।

(କ) ଏହାର ଗୋଟିଏ ବଡ଼ ଶାଖା ରୂପସାଠାରୁ ବାହାରି ମୟୂରଭଞ୍ଜର ବାରିପଦା ଦେଇ ତାଳବନ୍ଧ ପର୍ଯ୍ୟନ୍ତ ଯାଇଅଛି ।

(ଖ) କଟକ ଜିଲାର ନର୍ଗୁଣ୍ଡିଠାରୁ ବାହାରି ଆଠଗଡ଼ ଢେଙ୍କାନାଳ ଅନୁଗୋଳ ଦେଇ ତାଳଚେର ପର୍ଯ୍ୟନ୍ତ ଯାଇଛି । (ତାଳଚେର ଶାଖା ରେଳପଥ)

(ଗ) ଖୋର୍ଦ୍ଧାରୋଡ଼ ଷ୍ଟେସନରୁ ବାହାରି ପୁରୀ ପର୍ଯ୍ୟନ୍ତ ଯାଇଛି । (ପୁରୀ ଶାଖାପଥ)

(ଘ) ପାରଳାଖେମୁଣ୍ଡି ଲାଇଟ ଲାଇନ୍ ନୌପଡ଼ାଠାରୁ ବାହାରି ଗୁଣୁପୁର ପର୍ଯ୍ୟନ୍ତ ଯାଇଛି । (ପାରଳାଖେମୁଣ୍ଡି ଶାଖା ରେଳପଥ) ।

(ଙ) ଟାଟାନଗର ଷ୍ଟେସନରୁ ବାହାରି ମୟୂରଭଞ୍ଜର ଅଁଳାପାଡ଼ ଦେଇ ବାଦାମ ପାହାଡ଼ ଓ ଗୋରୁମହିଷାଣୀ ପର୍ଯ୍ୟନ୍ତ ଯାଇଅଛି । (ଖଡ଼୍ଗପୁର ନାଗପୁର ଶାଖାରୁ) ।

Digitized by PPRACHIN, SOA

(ଚ) ଆଉ ଗୋଟିଏ ଶାଖା ଝାଡ଼୍‌ସୁଗୁଡ଼ାଠାରୁ ବାହାରି ସମ୍ବଲପୁର ଜିଲା ଦେଇ ନାଗପୁର ପର୍ଯ୍ୟନ୍ତ ଯାଇଛି । ଏହି ରେଲପଥର ଏକ ଶାଖା ଝାଡ଼ସୁଗୁଡ଼ାଠାରୁ ସମ୍ବଲପୁର ଯାଇଅଛି । (ସମ୍ବଲପୁର ଶାଖା ରେଲପଥ ଏବଂ ଆଉ ଏକ ଶାଖା ଗାଙ୍ଗପୁରମଧ୍ୟସ୍ଥ ରୌଲକେଲାଠାରୁ ବାହାରି ବାଉଁସିପୁର ପର୍ଯ୍ୟନ୍ତ ଯାଇଛି ।

ଓଡ଼ିଶା ପ୍ରଦେଶରେ ଖାଦ୍ୟ ବିଭାଗରେ ରେଲପଥ (ଗାଙ୍ଗପୁର ଶାଖାପଥ) ଖୁବ୍ କମ୍ ଦେଖାଯାଏ । ଏହି ପ୍ରଦେଶର ଚତୁର୍ଦ୍ଦିଗରେ ଛଅଗୋଟି ପ୍ରଧାନ ରେଲପଥ ସମୁଦାୟ ପ୍ରଦେଶକୁ ଘେରି ରହିଅଛି ।

ସଡ଼କ—ଓଡ଼ିଶାରେ ଅନେକଗୁଡ଼ିଏ ସଡ଼କ ଅଛି । ଏହି ସଡ଼କମାନଙ୍କ ଦ୍ୱାରା ଜିଲାଗୁଡ଼ିକ ପରସ୍ପର ସହିତ ସଂଯୁକ୍ତ ଅଟନ୍ତି ।

ଓଡ଼ିଶା ଟ୍ରଙ୍କରୋଡ଼—ଏହା କଲିକତାରୁ ବାହାରି ବାଲେଶ୍ୱର, କଟକ, ଖୋର୍ଦ୍ଧା, ବ୍ରହ୍ମପୁର, ରମ୍ଭା ପ୍ରଭୃତି ଦେଇ ମାନ୍ଦ୍ରାଜ ସହର ପର୍ଯ୍ୟନ୍ତ ଯାଇଛି ।

ଜଗନ୍ନାଥ ସଡ଼କ —ଏହା କଟକ ଜିଲାର କାଠଯୋଡ଼ି ନଦୀର ବିପରୀତ ପାର୍ଶ୍ୱସ୍ଥ ମୁଣ୍ଡାମୁହଁରଠାରୁ ବାହାରି ବାଲିକାଟି, ପିପିଲି, ସାକ୍ଷୀଗୋପାଳ ଦେଇ ପୁରୀପର୍ଯ୍ୟନ୍ତ ଯାଇଛି ।

କଟକ-ଭୁବନେଶ୍ୱର ପକ୍କା ସଡ଼କ—ଏହା କଟକ ଷ୍ଟେସନରୁ ବାହାରି ଭୁବନେଶ୍ୱର ଦେଇ ଉତ୍ତରାଠାରେ ଜଗନ୍ନାଥ ସଡ଼କ ସହିତ ମିଶିଛି । ବାଟରେ କାଠଯୋଡ଼ି, କୁଆଖାଇ ଓ ଦୟାନଦୀ ଉପରେ ସୁଦୃଢ଼ ପୋଲମାନ ନିର୍ମିତ ହୋଇଅଛି । ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ କରା ଯାଇଥିବାରୁ ଏହି ରାସ୍ତାଦ୍ୱାରା ବିଶେଷ ଉପକାର ହେଉଅଛି ।

Digitized by PPRACHIN, SOA

କଟକ-ସୋନପୁର ସଡ଼କ—ଏହା କଟକର ଉପଗ୍ରାନ୍ତ ପାର୍ଶ୍ୱସ୍ଥ ମୁଣ୍ଡମୁହାଣରୁ ବାହାରି ବାଙ୍କୀ, ଓମପଡ଼ା, ଖଣ୍ଡପଡ଼ା, ଦଶପଲ୍ଲା, ବୌଦ ବାଟେ ସୋନପୁର ପର୍ଯ୍ୟନ୍ତ ଯାଇଛି ।

କଟକ-ସମ୍ବଲପୁର ସଡ଼କ—ମହାନଦୀକୂଳସ୍ଥ ଜୁଆପାଟଣାଠାରୁ ବାହାରି ଅଠଗଡ଼, ଢେଙ୍କାନାଳ, ଅନୁଗୋଳ, ରେଢ଼ାଖୋଲ ଦେଇ ସମ୍ବଲପୁରୁ ପର୍ଯ୍ୟନ୍ତ ଯାଇଛି ।

ମେଦିନୀପୁର ସଡ଼କ—ଏହା ସମ୍ବଲପୁରରୁ ବାହାରି ବାମଣ୍ଡା, ପାଲଲହଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଦେଇ ମେଦିନୀପୁର ପର୍ଯ୍ୟନ୍ତ ଯାଇଛି ।

ସମ୍ବଲପୁର-ଭବାନୀପାଟଣା ସଡ଼କ—ଏହା ସମ୍ବଲପୁରଠାରୁ ବାହାରି ବରଗଡ଼, ବରପାଲି ଓ ବଲାଙ୍ଗୀର ବାଟେ ଭବାନୀପାଟଣା ଯାଇଛି ।

ସମ୍ବଲପୁର-ବ୍ରହ୍ମପୁର ସଡ଼କ—ଏହା ସମ୍ବଲପୁରରୁ ବାହାରି ସୋନପୁର, ବୌଦ, କନ୍ଧମାଳ, ଘୁମୁସର ଓ ଅସିକା ଦେଇ ବ୍ରହ୍ମପୁର ପର୍ଯ୍ୟନ୍ତ ଯାଇଛି ।

ସମ୍ବଲପୁର-ପାରଳାଖେମଣ୍ଡି ସଡ଼କ—ଏହା ସମ୍ବଲପୁରଠାରୁ ବାହାରି ବରଗଡ଼, ଖଡ଼ିଆଳ, ବଲାଙ୍ଗୀର, କଳାହାଣ୍ଡି, ଜୟପୁର ଓ କୋରାପୁଟ ଜିଲ୍ଲା ଦେଇ ପାରଳାଖେମଣ୍ଡି ଯାଇଛି ।

ଜଳପଥ—ଓଡ଼ିଶାରେ ଜଳପଥ କହିଲେ କେବଳ ନଦୀ ଓ କେନାଲକୁ ବୁଝାଏ । କେନାଲ ସାହାଯ୍ୟରେ ନୌକା ଓ ବୋଟଦ୍ୱାରା ବର୍ଷର ସବୁ ସମୟରେ ବ୍ୟବସାୟ ବାଣିଜ୍ୟ ଚଳେ । ବର୍ଷମଧ୍ୟରେ କେବଳ ଖରାଦିନେ ଦୁଇ ମାସ କେନାଲ ମରାମତି ପାଇଁ ଶୁଖାଇ ଦିଆଯାଏ ।

Digitized by PPRACHIN, SOA

ନଦୀପଥରେ ବର୍ଷାଦିନ ବ୍ୟତୀତ ଅନ୍ୟ ଦିନରେ ନୌକା ଯାଆସ କରିପାରେ ନାହିଁ । ସମ୍ବଲପୁରଠାରୁ କଟକପର୍ଯ୍ୟନ୍ତ ମହାନଦୀରେ ନୌକା ଯାଆସ କରେ । ଏହା ବ୍ୟତୀତ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ମଧ୍ୟ ବର୍ଷାଋତୁରେ ନୌକା ଯାତାୟାତ କରିଥାଏ ।

ଆକାଶପଥ—କଲିକତାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ଯାଉଥିବା ଉଡ଼ାଜାହାଜ ଭୁବନେଶ୍ୱର ଦେଇ ଯାଆସ କରେ । ଏହା ଛଡ଼ା ସମୟ ସମୟରେ ଚୌଦ୍ୱାର, ଅଠଗଡ଼ ବାରିପଦା ଓ ଝାରସୁଗୁଡ଼ା ଠାରେ ଥିବା ଷ୍ଟେସନମାନଙ୍କରେ ଉଡ଼ାଜାହାଜ ବେଳେବେଳେ ଓହ୍ଲାଇ ଥାଏ ।

ପ୍ରଶ୍ନ

୧ । ଓଡ଼ିଶାର କେନାଲଦ୍ୱାରା ବ୍ୟବସାୟର କି ସୁବିଧା ହୋଇଛି ?

୨ । ତୁମ୍ଭେ ଓଡ଼ିଶାରୁ କଲିକତା ଯିବା ପାଇଁ କେଉଁ କେଉଁଠାରେ ଉଡ଼ାଜାହାଜରେ ଚଢ଼ିପାରିବ ?

୩ । କି କି ପ୍ରଧାନ ସ୍ଥାନ ଦେଖିବ ?—

(କ) କଟକରୁ ସମ୍ବଲପୁର ସଡ଼କ ବାଟେ ଗଲେ,

(ଖ) ସମ୍ବଲପୁରରୁ ପାରଳାଖେମଣ୍ଡି ଯାଏ ସଡ଼କରେ ଗଲେ,

(ଗ) ପୁରୀରୁ ତାଳଚେରକୁ ରେଳରେ ଗଲେ ।

୪ । ଜଣେ ଲୋକ ରେଳରେ କଲିକତାରୁ ପୁରୀ ଆସିଲେ । ସେ ଓଡ଼ିଶାର କେଉଁ କେଉଁ ବଡ଼ ଷ୍ଟେସନ ଦେଖିଥିବେ ?

୫ । ମହାନଦୀରେ ସମ୍ବଲପୁରରୁ ଡଙ୍ଗାରେ କଟକ ଆସିଲେ କୂଳରେ କେଉଁ କେଉଁ ପ୍ରସିଦ୍ଧ ସ୍ଥାନ ଦେଖିପାରିବ ?

Digitized by PPRACHIN, SOA

ଚତୁର୍ଦ୍ଦଶ ଅଧ୍ୟାୟ

ଓଡ଼ିଶାର ଶିଳ୍ପ-ସଂପଦ

ଶିଳ୍ପ ପ୍ରଧାନତଃ ଦୁଇ ଭାଗରେ ବିଭକ୍ତ, ଯଥା—ଯନ୍ତ୍ରଶିଳ୍ପ ଓ ହସ୍ତଶିଳ୍ପ । କଳଦ୍ୱାରା ଯେଉଁ ଜିନିଷ ଉତ୍ପାଦନ କରାଯାଏ, ତାକୁ ଯନ୍ତ୍ରଶିଳ୍ପ ଓ ହାତରେ ଯେଉଁ ଜିନିଷ ପ୍ରସ୍ତୁତ କରାଯାଏ ତାକୁ ହସ୍ତଶିଳ୍ପ ବା କୁଟୀରଶିଳ୍ପ କହନ୍ତି



[ଚୌଦ୍ୱାର ଲୁଗାକଳ]

ଯନ୍ତ୍ରଶିଳ୍ପ—ଯନ୍ତ୍ରଶିଳ୍ପ ଓଡ଼ିଶାରେ ଅତି ଅଳ୍ପ । କ୍ରମେ କ୍ରମେ ଏହା ବୃଦ୍ଧି ପାଉଛି ।

Digitized by PPRACHIN, SOA

ଲୁଗାକଳ—କଟକର ଚୌଦ୍ୱାରଠାରେ 'ଓଡ଼ିଶା ଟେକ୍ସଟାଇଲ୍ ମିଲ୍' ନାମରେ ଗୋଟିଏ ଲୁଗାକଳ ସ୍ଥାପିତ ହୋଇ କାର୍ଯ୍ୟକାରୀ ହେଲାଣି । କପିଳାସ ରୋଡ଼ ନିକଟସ୍ଥ ଭଗତପୁରଠାରେ 'ଓଡ଼ିଶା କଟନ୍ ମିଲ୍' ନାମକ ଆଉ ଗୋଟିଏ ଲୁଗାକଳ ସ୍ଥାପନ କରାଯାଉଛି । ଏହା ବ୍ୟତୀତ ମୟୂରଭଞ୍ଜର ରାଯୁରଙ୍ଗପୁରଠାରେ ଆଉ ଗୋଟିଏ କଳ ବସିବାର ସ୍ଥିର ହୋଇଛି ।

ଧାଗାକଳ—ସମ୍ବଲପୁରର ବ୍ରଜରାଜନଗରଠାରେ ଏହା ସ୍ଥାପିତ ହୋଇଛି ।

ଦିଆସିଲି କାରଖାନା—ତାଳଚେରଠାରେ ଏହାର କାରଖାନା ଅଛି ।

କାଚ କାରଖାନା—କଟକର ବାରଙ୍ଗଠାରେ ଗୋଟିଏ କାଚ କାରଖାନା ଅଛି ।

ଚିନି କାରଖାନା—କୋରାପୁଟର ରାୟଗଡ଼ ଓ ଗଞ୍ଜାମର ଅସ୍କା ଠାରେ ଅଛି ।

ସାବୁନ କାରଖାନା— ଖଡ଼ିଆଳରୋଡ଼୍ ଷ୍ଟେସନ ନିକଟରେ ଏହି କାରଖାନା ଅଛି ।

ସିମେଣ୍ଟ୍ କାରଖାନା— ରାଜଗାଙ୍ଗପୁରଠାରେ କୋଣାର୍କ ସିମେଣ୍ଟ କାରଖାନା ସ୍ଥାପିତ ହୋଇ ଦିନକୁ ୧୦ ହଜାର ବସ୍ତା ସିମେଣ୍ଟ ଉତ୍ପାଦନ କଲାଣି ।

ଟେଗଜି କାରଖାନା— ବାରିପଦା ଓ କଟକ ଠାରେ ସ୍ଥାପିତ ହୋଇଅଛି ।

ଛତା କାରଖାନା—ଅଳ୍ପ ଦିନ ହେଲା କଟକରେ ସ୍ଥାପିତ ହୋଇଅଛି ।

Digitized by PPRACHIN, SOA

ଏହ ବ୍ୟତୀତ ଧାନ, ଅଟା, ତେଲ ପ୍ରଭୃତିର କଳ ଓଡ଼ିଶାର ପ୍ରତ୍ୟେକ ସହର ଓ ମଫସଲର ପ୍ରଧାନ ପ୍ରଧାନ ଗ୍ରାମମାନଙ୍କରେ ସ୍ଥାପିତ ହେଲଣି ।

ହ ଶିଳ୍ପ—କଟକ ଜିଲାର କୃଷ୍ଣନଗର, ଗୁଲନଗର, ଚୌଦ୍ଦୁଆର ଶାଳି, ସମ୍ବଲପୁରର ରଙ୍ଗିନ ହାତବୁଣା ଲୁଗା ପାଇଁ ବିଖ୍ୟାତ ।

ଟସର ଲୁଗା—ସମ୍ବଲପୁରର ବରପାଲି ଓ ରେମଣ୍ଡା ଟସର ଲୁଗା ସବାଶେ ବିଖ୍ୟାତ ।

ପାଟ ଲୁଗା—ଗଞ୍ଜାମ ଜିଲାର ବ୍ରହ୍ମପୁର ଏବଂ ମୟୂରଭଞ୍ଜ ଚେକଦୁଣ୍ଡର, ବଡ଼ମ୍ବା ଓ ଡଗିରିଆରେ ଉତ୍କୃଷ୍ଟ ପାଟଲୁଗା ତିଆରି ହୁଏ ।

ସରୁଲୁଗା—ଗଞ୍ଜାମର ଅନେକ ସ୍ଥାନ ସରୁଲୁଗା ସକାଶେ ବିଖ୍ୟାତ ଅଟେ ।

କଂସା ବାସନ—କଟକ ଜିଲାର ଭଟିମୁଣ୍ଡା, ବାଲେଶ୍ବର ଜିଲାର ରେମୁଣା, ପୁରୀ ଜିଲାର ବାଲକାଟି ଓ ବଇଁଚୁଆ, ଗଞ୍ଜାମ ଜିଲାର ବୋଇରାଣୀ, ଜଗମୋହନ ଓ ଖଣ୍ଡପଡ଼ାର ପଦ୍ମାବତୀ ଏବଂ ଢେଙ୍କାନାଳର ଭୁବନ ଗ୍ରାମ ଉତ୍କୃଷ୍ଟ କଂସା ଓ ପିତଳ ବାସନ ନିମିତ୍ତ ପ୍ରସିଦ୍ଧ ।

ପଥର ବାସନ—ପୁରୀ ଜିଲାର ଭୁବନେଶ୍ବର ଏବଂ ବାଲେଶ୍ବର ଜିଲାର ନୀଳଗିରି ଓ ସୋରୋ ପଥର ବାସନ ପାଇଁ ବିଖ୍ୟାତ ।

ଟାଇଲ—କଟକର ନୂଆ ବଜାର, ପୁରୀ ଜିଲାର ଖାଲେଶ୍ବର ଓ କୋରାପୁଟ ଜିଲାର ଜୟପୁରରେ ଭଲ ଟାଇଲ୍ ମିଳେ ।

ତାରକସି କାମ—କଟକ ସହରର ଉତ୍କୃଷ୍ଟ ତାରକସି କାମ ପୃଥିବୀରେ ଆଦର ଲାଭ କରିପାରିଛି । ଗଞ୍ଜାମର ବ୍ରହ୍ମପୁରରେ, ମଧ୍ୟ ଭଲ ସୁନାରୁପାର ଗହଣା ତିଆରି ହୁଏ ।

Digitized by PPRACHIN, SOA

ଶିଙ୍ଗ କାମ—କଟକ ଓ ପାରଳାଖେମଣ୍ଡିରେ ଭଲ ଶିଙ୍ଗ କାମ ହୁଏ ।

ସଉପମସିଣା—ବାଲେଶ୍ୱରର ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରେ ଭଲ ମସିଣା ମିଳେ ।

କାଠ ଓ ହାତୀଦାନ୍ତ କାମ—ଯାଜପୁରରେ ମିଳେ ।

ଚନ୍ଦୁଆ—ଚନ୍ଦୁଆ, ଛତା, ନିଶ ଆଦି ସୁନ୍ଦର ସିଲେଇ କମପାଇଁ ପୁରୀ ଜିଲ୍ଲାର ପିପିଲି ବହୁ କାଳରୁ ବିଖ୍ୟାତ ।

ଟୋପି ଓ ତାଳପତ୍ର ଛତା—ଢେଙ୍କାନାଳରେ ମିଳେ ।

ରୁପା ଓ ପିତଳ ମାଛ—ଗଞ୍ଜାମର ବେଲଗୁଣ୍ଠାରେ ମିଳେ ।

ବେତ ଟୋପି ଓ ଥଳି—ପାରଳାଖେମଣ୍ଡିରେ ମିଳେ ।

ଓଡ଼ିଶାର ଆମଦାନୀ ଦ୍ରବ୍ୟ ଓ ବିଭିନ୍ନ ରାଜ୍ୟ ସହିତ ସପର୍କ—ଓଡ଼ିଶାର ଅନେକ କଞ୍ଚାମାଲ ଅନ୍ୟ ଦେଶକୁ ପଠାଯାଏ । ରପ୍ତାନୀ ଦ୍ରବ୍ୟ ମଧ୍ୟରେ କୃଷିଲବ୍ଧ ଓ ଅରଣ୍ୟଲବ୍ଧ ଜିନିଷ ପ୍ରଧାନ । କଲକତ୍ତା ଓ ମନୋହରୀ ଜିନିଷ ଓ ଲୁଗା ଅନ୍ୟ ଦେଶରୁ ଆମଦାନୀ କରାଯାଏ ।

ଧାନଚାଉଳ—ରେଳପଥ ପାର୍ଶ୍ୱରେ ଅବସ୍ଥିତ ସୋରୋ, ଖୋର୍ଦ୍ଧାରୋଡ଼, କଟକ, ଡେଲାଙ୍ଗ, ସମ୍ବଲପୁର, ଝାରସୁଗୁଡ଼ାରୁ ଧାନ ଚାଉଳ ବାହାରକୁ ଯାଏ ।

ଚମ ଓ ତୈଳବୀଜ—କଟକ, ଖୋର୍ଦ୍ଧାରୋଡ଼, ଗୁଣୁପୁର ଓ ରାୟଗଡ଼ରୁ ରପ୍ତାନୀ ହୁଏ ।

ପାନ—ପୁରୀ ଓ ଗଞ୍ଜାମ ଜିଲ୍ଲାରୁ ପ୍ରଚୁର ପାନ ବିଦେଶକୁ ଯାଏ ।

Digitized by PPRACHIN, SOA

ଟେଣ୍ଟା—କଟକ ଓ ଗୃନ୍ଦବାଲରୁ ଟେଣ୍ଟା ରପ୍ତାନୀ କରାଯାଏ ।

ନଡ଼ିଆ—ପୁରୀଜିଲ୍ଲାର ସାକ୍ଷିଗୋପାଳରୁ ବହୁତ ନଡ଼ିଆ ବିଦେଶକୁ ପଠାଯାଏ ।

କମଳାଲେମ୍ବୁ—ପାରଳାଖେମଣ୍ଡିରୁ ପଠାଯାଏ ।

କେତକୀ ଅର୍କ—ଛତ୍ରପୁରରେ କିଆ, ଫୁଲରୁ ଅର୍କ ବାହାର କରି ପଠାଯାଏ ।

ବାଉଁଶ—କଟକ ଓ ମେରମଣ୍ଡଳୀ ଷ୍ଟେସନରୁ କାଗଜ ତିଆରି ପାଇଁ ପ୍ରଚୁର ବାଉଁଶ ବିଦେଶକୁ ଯାଏ ।

ଅରଣ୍ୟଲବ୍ଧ ଦ୍ରବ୍ୟ—ଖଡ଼ିଆଳ ରୋଡ଼, ଟିଟିଲାଗଡ଼, ବାରିପଦା, ଗୁଣୁପୁର, ଝାରସୁଗୁଡ଼ା ଓ ଖୋର୍ଦ୍ଧା ଷ୍ଟେସନରୁ ଅରଣ୍ୟଲବ୍ଧ ଦ୍ରବ୍ୟ ପଠାଯାଏ ।

ଚମଡ଼ା—ମାନ୍ଦ୍ରାଜକୁ ବହୁତ ଚମଡ଼ା ଯାଏ । ଗୁଣୁପୁର, ପାରଳାଖେମଣ୍ଡି, ବାଲେଶ୍ୱର, ସମ୍ବଲପୁର, ଭଦ୍ରକ ଓ ବାଲେଶ୍ୱରରୁ ବହୁତ ଚମଡ଼ା ରପ୍ତାନୀ ହୁଏ ।

ମଠାପାଟ—ସମ୍ବଲପୁର, ବ୍ରହ୍ମପୁର ଓ ବାରିପଦାରୁ ବିଦେଶକୁ ଯାଏ ।

କଂଶା ପିତଳ ବାସନ—ଢେଙ୍କାନାଳ, ଭୁବନେଶ୍ୱର, କପିଳାସ ରୋଡ଼ ଓ ଖୋର୍ଦ୍ଧା ରୋଡ଼ରୁ ବିଦେଶକୁ ଯାଏ ।

ଚୂନ—କଟକ, ରମ୍ଭା ଓ ବୀରମିତ୍ରପୁରରୁ ବିଦେଶକୁ ଯାଏ ।

ମାଛ—ବାଲେଶ୍ୱର ଜିଲ୍ଲାର ବାହାନଗାବଜାର ଓ ବାଲେଶ୍ୱରରୁ ପୁରୀ ଜିଲ୍ଲାର ବାଲୁଗାଁ, ଭୁଷଣ୍ଡପୁର ଓ କାଲୁପଡ଼ା ଘାଟରୁ ଏବଂ ଗଞ୍ଜାମ-ଜିଲ୍ଲାର ଖଲ୍ଲିକୋଟ ଓ ଛତ୍ରପୁରରୁ ପ୍ରଚୁର ସମୁଦ୍ର ମାଛ ବିଦେଶକୁ ପଠାଯାଏ ।

Digitized by PPRACHIN, SOA

ଆମଦାନୀ—ଏହି ପ୍ରଦେଶକୁ ବେଶୀ ପରିମାଣରେ କଳ-କବ୍ଜା ଜିନିଷ ଆମଦାନୀ କରାହୁଏ । ଲୁଗା, ସୂତା, ଦିଆସିଲି, ଚିନି, କିରାସିନି, ପେଟ୍ରୋଲ, ନାନାପ୍ରକାର ଖେଳନା, ମନୋହରୀ ଜିନିଷମାନ ଅନ୍ୟଅଞ୍ଚଳରୁ ଏ ଦେଶକୁ ଆସେ । ଏହିସବୁ ଜିନିଷ କଲିକତା, ବମ୍ବେ ପ୍ରଭୃତି ବନ୍ଦରରୁ ଆମଦାନୀ କରାହୁଏ । ଏହା ବ୍ୟତୀତ ମଟରଗାଡ଼ି, ସାଇକେଲ, ଗୁଆ, ମସଲା, କାଗଜ, ଡାକ୍ତରୀ ଜିନିଷ, ଔଷଧ, ରଙ୍ଗ, ବିଭିନ୍ନ ପ୍ରକାର ବସ୍ତ୍ର ବିଦେଶରୁ ଏ ଦେଶକୁ ଆମଦାନୀ କରାଯାଏ ।

ପ୍ରଶ୍ନ

୧ । ସଂକ୍ଷିପ୍ତ ଟୀକା ଲେଖ—

ଅସ୍କା, ଦାରିଙ୍ଗ, ଭୁବନେଶ୍ୱର, କାଳୁପଡ଼ା, ଖଲିକୋଟ—
[ବୃ. ପ୍ର. ୧୯୫୨]

୨ । (କ) ତାଲିକାରେ ଥିବା ନାମଗୁଡ଼ିକ ସହିତ (ଖ) ତାଲିକାରେ ଥିବା ନାମଗୁଡ଼ିକ ଯଥାଯଥଭାବରେ ସଜାଇ ଲେଖ—

(କ) ମୟୂରଭଞ୍ଜ, କଣ୍ଟିଲୋ, ଅନୁଗୋଳ, ଅଠି, ରମ୍ଭା, ସତ୍ୟବାଦୀ, ବାଲେଶ୍ୱର ।

(ଖ) ରେଶମ, ଚୂନ, କଂସାବାସନ, ବାଉଁଶ, ନଡ଼ିଆ, ମାଛ, ଉଷ୍ଣ ପ୍ରସ୍ରବଣ । [ବୃ. ପ୍ର. ୧୯୫୦]

୩ ଓଡ଼ିଶାର କେଉଁ ଜିଲ୍ଲାଗୁଡ଼ିକରୁ ନିମ୍ନଲିଖିତ ଦ୍ରବ୍ୟଗୁଡ଼ିକ ପ୍ରଚୁର ପରିମାଣରେ ରପ୍ତାନୀ ହୁଏ ?

ବାଉଁଶ, ନଡ଼ିଆ, କାଗଜ, ହଳଦୀ ଓ ମାଛ [ବୃ. ପ୍ର. ୧୯୫୨]

୪ । ଓଡ଼ିଶାରେ କେଉଁ କେଉଁ ମାସରେ (୧) ପ୍ରଚୁର ବୃଷ୍ଟି, (୨) ଅନାବୃଷ୍ଟି, (୩) ଉପକୂଳ ଅଞ୍ଚଳରେ ପ୍ରବଳ ଝଡ଼

Digitized by PPRACHIN, SOA

ତୋଫାନର ଆଶଙ୍କା (୪) ଦାଲୁଅ ଧାନ ବୁଣା, (୫) ଅଖୁ କଣ୍ଠା ହୁଏ । [ବୃ. ପ. ୧୯୪୯]

୫ । ବନ୍ଧନୀମଧ୍ୟସ୍ଥ ଉପଯୁକ୍ତ ଶବ୍ଦଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂର୍ଣ୍ଣକର –

(କ) ମହାନଦୀ ମଧ୍ୟପ୍ରଦେଶ ବ ଟେ ପ୍ରବାହିତ ହୋଇ – ଜିଲ୍ଲାରେ ଓଡ଼ିଶା ପ୍ରଦେଶରେ ପ୍ରବେଶ କରିଅ ୁ । (କୋରାପୁଟ, ସମ୍ବଲପୁର, କଟକ)

(ଖ)—ଗଞ୍ଜାମ ଜିଲା ମଧ୍ୟରେ ଅବସ୍ଥିତ । (ଅନୁଗୋଳ, ଗୁଣପୁର, ଖୋରଧା)

(ଗ) ପୂର୍ବ-ଦେଶୀୟ ରାଜ୍ୟର ଲୁହାଖଣିରେ କାର୍ଯ୍ୟ ହେଉଅଛି । (କେନ୍ଦୁଝର, ତାଳଚେର, ଢେଙ୍କାନାଳ)

(ଘ) ବାରଣସୀ ଏଲାହାବାଦର—ଅଛେ ଅବସ୍ଥିତ । (ପୂର୍ବ, ପଶ୍ଚିମ ଉତ୍ତର)

ପଞ୍ଚଦଶ ଅଧ୍ୟାୟ

ଓଡ଼ିଶାର ରାଜନୈତିକ ବିଭାଗ (୧)

୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାବେଳେ ସେଥିରେ ୬ ଗୋଟି ଜିଲା ଥିଲା । ପରେ ଭାରତ ସ୍ୱାଧୀନତା ପାଇବାରୁ ଓଡ଼ିଶାର ୨୬ଟି ଗଡ଼ଜାତ ଓଡ଼ିଶା ସହିତ ମିଶିଗଲା ଓ କେତେକ ଗଡ଼ଜାତ ନିକଟବର୍ତ୍ତୀ ଜିଲା ସହିତ ସାମିଲ ହୋଇ-

Digitized by PPRACHIN, SOA

ଗଲ । ୧୯୪୭ ମସିହା ଡିସେମ୍ବର ୧୪ ତାରିଖରେ ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇ ୧୯୪୮ ଜାନୁଆରି ପହିଲାଠାରୁ କାର୍ଯ୍ୟକାରୀ ହେଲା । ତା ପୂର୍ବରୁ ଏହି ଗଡ଼ଜାତ ଗୁଡ଼ିକ ଜଣେ ଜଣେ ରାଜାଙ୍କ ଅଧୀନରେ ରହି ସ୍ୱତନ୍ତ୍ର ଭାବରେ ଶାସିତ ହେଉଥିଲା । କେବଳ ମୟୂରଭଞ୍ଜ ବର୍ଷକ ପରେ ଓଡ଼ିଶା ସହିତ ମିଶିଲା ।

୧୯୪୭ରେ ଥିବା ଓଡ଼ିଶାର ଜିଲ୍ଲାମାନଙ୍କ ନାମ— (୧) ପୁରୀ, (୨) କଟକ, (୩) ବାଲେଶ୍ୱର, (୪) ସମ୍ବଲପୁର, (୫) ଗଞ୍ଜାମ, (୬) କୋରାପୁଟ ।

୧୯୪୮ରେ ଓଡ଼ିଶାର ଜିଲ୍ଲାମାନଙ୍କ ନାମ— (୧) ସୁନ୍ଦରଗଡ଼, (୨) ଢେଙ୍କାନାଳ, (୩) ବଲାଙ୍ଗୀର, (୪) କଳାହାଣ୍ଡି, (୫) କେନ୍ଦୁଝର, (୬) ମୟୂରଭଞ୍ଜ, (୭) ବୌଦ୍ଧ ଫୁଲବାଣୀ ସହିତ ପୁରୁଣା ୬ ଟି ଜିଲ୍ଲା ମିଶି ମୋଟ ୧୩ ଗୋଟି ଜିଲ୍ଲା ହୋଇଅଛି । ପ୍ରତ୍ୟେକ ଜିଲ୍ଲା ଜଣେ ଜଣେ କଲେକ୍ଟରଙ୍କ ଦ୍ୱାରା ଶାସିତ ହୁଏ । ସମୁଦାୟ ପ୍ରଦେଶଟି ଜଣେ ଲାଟ ବା ରାଜ୍ୟପାଳଙ୍କ ଅଧୀନରେ ରହିଛି । ଓଡ଼ିଶା ବ୍ୟବସ୍ଥା ସଭାରେ ୧୪୦ ଜଣ ସଦସ୍ୟ ଅଛନ୍ତି । ଏହି ସଭାରେ ପ୍ରଦେଶ ପାଇଁ ଆଇନ ତିଆରି ହୁଏ । ପ୍ରତି ଜିଲ୍ଲାର କେତେକ ଥାନାକୁ ନେଇ ଗୋଟିଏ ଲେଖାଏଁ ନିର୍ବାଚନମଣ୍ଡଳୀ ଗଠିତ ହୋଇଛି । ଏହି ମଣ୍ଡଳୀରୁ ଭୋଟ୍ ଦ୍ୱାରା ନିର୍ବାଚିତ ପ୍ରାର୍ଥୀ ଲାଟ ସଭାର ସଦସ୍ୟ ହୁଅନ୍ତି । ସମସ୍ତ ସଦସ୍ୟ ନିର୍ବାଚିତ ହେବାପରେ ରାଜ୍ୟପାଳ ମନ୍ତ୍ରିମଣ୍ଡଳ ଗଢ଼ି ସେମାନଙ୍କ ଭିତରୁ ଜଣଙ୍କୁ ପ୍ରଧାନମନ୍ତ୍ରୀ କରିଦିଅନ୍ତି । ପ୍ରତି ମନ୍ତ୍ରୀଙ୍କ ଅଧୀନରେ ଏକ ବା ଏକାଧିକ ବିଭାଗ ରହେ । ପ୍ରତି ବିଭାଗ ପାଇଁ ଜଣେ ଲେଖାଏଁ ସେକ୍ରେଟରି ଥାନ୍ତି ଓ

Digitized by PPRACHIN, SOA

ସମସ୍ତ ସେକ୍ରେଟେରୀଙ୍କ ଉପରେ ଚିଫ୍ ସେକ୍ରେଟେରୀ ରହି ସବୁ ବିଭାଗର କାର୍ଯ୍ୟ ଦେଖନ୍ତି ।

ଜିଲାର ଶାସନ—ଜଣେ ଜଣେ କଲେକ୍ଟରଙ୍କ ଉପରେ ପ୍ରତି ଜିଲାର ଶାସନଭାର ଥାଏ । ସବ୍‌ଡିଭିଜନାଲ ଅଫିସର ସବ୍‌ଡିଭିଜନର ହାଲ ବୁଝନ୍ତି । କଲେକ୍ଟର ସବ୍‌ଡିଭିଜନାଲ ଅଫିସର ଡେପୁଟି କଲେକ୍ଟର ଓ ସବ୍‌ଡେପୁଟି କଲେକ୍ଟର ପ୍ରଭୃତିଙ୍କ ସାହାଯ୍ୟରେ ଜିଲାର ଶାସନକାର୍ଯ୍ୟ ଚଳାନ୍ତି ।

ସ୍ୱାୟତ୍ତ ଶାସନ—କେତେକ ଜିଲାରେ ଜିଲାବୋର୍ଡ଼ ଅଛି । ଏହି ବୋର୍ଡ଼ପାଇଁ ପ୍ରତି ଥାନାରୁ ଜଣେ ବା ଦୁଇ ଜଣ ସଭ୍ୟ ଭୋଟଦ୍ୱାରା ନିର୍ବାଚିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଚେୟାରମେନ୍ ଓ ଜଣେ ଭାଇସ୍‌ଚେୟାରମେନ୍ ବଛାଯାନ୍ତି । କେତେକ ଜିଲାବୋର୍ଡ଼ ଅଧୀନରେ ପ୍ରତି ସବଡ଼ିଭିଜନ ପାଇଁ ଗୋଟିଏ ଲେଖାଏଁ ଲୋକାଲ ବୋର୍ଡ଼ ଥାଏ । ଏଥିରେ ମଧ୍ୟ ଚେୟାରମେନ୍ ଓ ଭାଇସ୍‌ଚେୟାରମେନ୍ ଥାନ୍ତି । ଏମାନେ ସେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ପ୍ରଭୃତି ବିଷୟ ଦେଖନ୍ତି ।

ପଞ୍ଚାୟତ ଶାସନ—ଏବେ ନାନା ସ୍ଥାନରେ ଗ୍ରାମ ପଞ୍ଚାୟତ ଗଠନ କରାଯାଉଛି । ଏକ ବା ଏକାଧିକ ଗ୍ରାମର ଲୋକମାନଙ୍କୁ ନେଇ ଏହି ଗ୍ରାମ ପଞ୍ଚାୟତ ଗଠିତ ହୋଇଥାଏ । ଏଥିରେ ଜଣେ ସରପଞ୍ଚ, ଜଣେ ନାଏବ ସରପଞ୍ଚ ଓ ଜଣେ ସେକ୍ରେଟେରୀ ଥାନ୍ତି । ସେମାନେ ସେହି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାଠାଗାର ପ୍ରଭୃତି ବିଷୟ ବୁଝନ୍ତି । ଲୋକମାନଙ୍କଠାରୁ ଟ୍ୟାକ୍‌ସ ଆଦାୟ କରି ଗ୍ରାମପଞ୍ଚାୟତ କାର୍ଯ୍ୟ ଚଳେ । ସ୍ଥାନେ ସ୍ଥାନେ ଗ୍ରାମ ପଞ୍ଚାୟତକୁ ଛୋଟ ଛୋଟ ମକଦ୍ଦମା ବୁଝିବାର ଦାୟିତ୍ୱ ଦିଆଯାଇଛି । ଏପରି ଅଧିକାରକୁ ଅଦାଲତ ପଞ୍ଚ କହନ୍ତି । ଏହି

Digitized by PPRACHIN, SOA

ଅଧିକାର ସବୁ ଗ୍ରାମ ପଞ୍ଚାୟତକୁ ମିଳି ଯାନ୍ତି ; ଏହା ଶୃଙ୍ଖଳାର ସହିତ ଚଳିଲେ ଦେଶର ଅବସ୍ଥା ଉନ୍ନତ ହେବ, ସଙ୍ଗେ ସଙ୍ଗେ ଲୋକଙ୍କୁ ମାଲିମକଦ୍ଦମାରେ ଅଯଥା ଖର୍ଚ୍ଚ ହେବାରୁ ରକ୍ଷା ମିଳିବ ।

ପ୍ରତି ଜିଲ୍ଲା ଓ ତାହାର ସଦର ମହକୁମାମାନଙ୍କର ନାମ ତଳେ ଦିଆଗଲା ।

ଜିଲ୍ଲା···	ସଦର ମହକୁମା	ଜିଲ୍ଲା ··	ସଦର ମହକୁମା
କଟକ ···	···କଟକ	ବୌଦ୍ଧ ଫୁଲବାଣୀ	ଫୁଲବାଣୀ
ପୁରୀ ···	···ପୁରୀ	ସୁନ୍ଦରଗଡ଼ ···	ସୁନ୍ଦରଗଡ଼
ବାଲେଶ୍ୱର ···	ବାଲେଶ୍ୱର	କଳାହାଣ୍ଡି ···	କଳାହାଣ୍ଡି
ସମ୍ବଲପୁର ···	ସମ୍ବଲ ପୁର	ଢେଙ୍କାନାଳ ···	ଢେଙ୍କାନାଳ
ଗଞ୍ଜାମ ···	ଛତ୍ରପୁର	କେନ୍ଦୁଝର ···	କେନ୍ଦୁଝର
କୋରାପୁଟ ···	କୋରାପୁଟ	ମୟୂରଭଞ୍ଜ ···	ବାରିପଦା
		ବଲାଙ୍ଗୀର ···	ବଲାଙ୍ଗୀର

କଟକ ଜିଲା

ଅବସ୍ଥିତି—କଟକ ଜିଲାର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ କେନ୍ଦୁଝର ଓ ଢେଙ୍କାନାଳ, ଉତ୍ତରରେ ବାଲେଶ୍ୱର ଜିଲ୍ଲା ଓ ଦକ୍ଷିଣରେ ପୁରୀ ଜିଲା ଅବସ୍ଥିତ । ଏହାର କ୍ଷେତ୍ରଫଳ ୪୨୧୦ ବର୍ଗମାଇଲ ଓ ଲୋକସଂଖ୍ୟା ୨୫୨୮୯୩୨ ଅଟେ ।

ପ୍ରାକୃତିକ ବିଭାଗ—ଏହା ପ୍ରଦେଶର ସମତଳ ବିଭାଗର ଅନ୍ତର୍ଗତ ; ଏହାର ମାଟି ଉର୍ବର ; ଏହାର ପଶ୍ଚିମରେ ପାହାଡ଼ିଆ ଓ ଜଙ୍ଗଲ ଭୂମି ଅଛି । ଏହାର ଉତ୍ତର-ପଶ୍ଚିମାଂଶରେ ଆଲମ୍‌ଗିରି, ମହାବିନାୟକ ଓ ଲଳିତଗିରି ଅଛି । ସୁକିନ୍ଦା, କଳକଳା, ମଧୁପୁର,

Digitized by PPRACHIN, SOA

ଡାଲଯୋଡ଼ା, ପଟିଆ, ଡମପଡ଼ା ଜମିଦାରୀଗୁଡ଼ିକ ପଣ୍ଡମସ୍ତ ଉଚ୍ଚ



ପାହାଡ଼ିଆ ଅଂଶରେ ଅବସ୍ଥିତ । କୁଜଙ୍ଗ, କନିକା, ହରିଶପୁର ଜମିଦାରୀଗୁଡ଼ିକ ସମୁଦ୍ର ଉପକୂଳସ୍ଥ ଅରଣ୍ୟମୟ ଭୂମିମଧ୍ୟରେ

Digitized by PPRACHIN, SOA

ଅବସ୍ଥିତ । କଟକରେ ଏହି ଜମିଦାରୀଗୁଡ଼ିକ ସରକାର ହାତକୁ ନେଇଅଛନ୍ତି । ଏମାନେ ଇଂରେଜ ସରକାରଙ୍କଠାରୁ ସନନ୍ଦ ପାଇ-ଥିଲେ । କଟକ ଉପକଣ୍ଠରେ ଓଡ଼ିଶାରେ ଜମିଦାର କେହି ରହିବେ ନାହିଁ । ଏହି ଜିଲ୍ଲା ସହିତ ଅଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହ-ପୁର ଗଡ଼ଜାତମାନ ମିଶିଛନ୍ତି । ଏହି ଗଡ଼ଜାତଗୁଡ଼ିକ ପାହାଡ଼ିଆ ମାଳ ଅଞ୍ଚଳରେ ଅବସ୍ଥିତ । କଟକ ଜିଲ୍ଲାକୁ ପ୍ରାକୃତିକ ୩ ଟି ବିଭାଗରେ ବିଭକ୍ତ କରାଯାଇଛି, ଯଥା—(୧) ଉଚ୍ଚ ପାହାଡ଼ିଆ ମାଳଭୂମି, (୨) ଉର୍ବର ସମତଳ ଅଞ୍ଚଳ, (୩) ସମୁଦ୍ରକୂଳସ୍ଥ ବାଲୁକାମୟ ଅଞ୍ଚଳ ।

ରାଜନୈତିକ ବିଭାଗ—କଟକ ଜିଲ୍ଲାଟି ୬ଟି ସବ୍‌ଡିଭି-ଜନରେ ବିଭକ୍ତ, ଯଥା—କଟକ, ଯାଜପୁର, କେନ୍ଦ୍ରାପଡ଼ା, ଅଠଗଡ଼, ତିଗିରିଆ ଓ ନରସିଂହପୁର । ଏହାର ଗ୍ରାମସଂଖ୍ୟା ସାଢ଼େ ସାତ ହଜାରରୁ ଅଧିକ ।

ନଦୀ—ଜିଲ୍ଲାଟି ପଶ୍ଚିମରୁ ପୂର୍ବକୁ ଗଡ଼ାଣିଆ ଥିବାରୁ ନଦୀ-ଗୁଡ଼ିକ ପଶ୍ଚିମରୁ ପୂର୍ବ ଆଡ଼କୁ ପ୍ରବାହିତ ହେଉଅଛନ୍ତି । ମହାନଦୀ, ବ୍ରାହ୍ମଣୀ, ବୈତରଣୀ, କାଠଯୋଡ଼ି ଏହି ଜିଲ୍ଲାର ପ୍ରଧାନ ନଦୀ ଅଟନ୍ତି ।

ଜଳବାୟୁ—ଗ୍ରୀଷ୍ମ, ବର୍ଷା, ଶୀତ ସାଧାରଣତଃ ଏହି ତିନୋଟି ଋତୁ ଦେଖାଯାଏ । ଜୁନରୁ ଅକ୍ଟୋବର ପର୍ଯ୍ୟନ୍ତ ବର୍ଷା କାଳ । ଏ ଋତୁରେ ହାରାହାରି ଏହି ଜିଲ୍ଲାରେ ୫୫ ଇଞ୍ଚ ବୃଷ୍ଟିପାତ ହୁଏ । ଗତ ୨୦ ବର୍ଷମଧ୍ୟରେ ଏହାର ଜଳବାୟୁରେ ସାମାନ୍ୟ ପରିବର୍ତ୍ତନ ଦେଖାଯାଉଛି । ଗ୍ରୀଷ୍ମ, ବର୍ଷା ଓ ଶୀତର ପରିମାଣ କ୍ରମେ କମିଯାଉଛି । ଜଳବାୟୁର ପରିବର୍ତ୍ତନ ଯୋଗୁ ଫସଲ ମଧ୍ୟ କମିଯାଉ ଥିବାର ଲକ୍ଷ୍ୟ କରାଯାଉଛି ।

ଫସଲ—ଧାନ ଏହି ଜିଲ୍ଲାର ପ୍ରଧାନ ଫସଲ । ମୁଗ, ହରଡ଼, କୋଳଥ ପ୍ରଭୃତି ରବିଶସ୍ୟ ଓ କେତେକ ତୈଳବୀଜ ଉତ୍ପନ୍ନ ହୁଏ ।

Digitized by PPRACHIN, SOA

ଆଖୁ, ଟୋଖଟ ବହୁତ ଚାଷ କରାଯାଏ । ନଦୀପଠାରେ ଧୂଆଁ ପତ୍ରର ଚାଷ ହୁଏ । କେତେକ ସ୍ଥାନରେ ଖାଜବରଜ ଦେଖାଯାଏ । କୁଜଙ୍ଗ ଓ ପରମହଂସପୁର ପାନ ଉତ୍କୃଷ୍ଟ ଅଟେ ।

ଆମଦାନୀ ରପ୍ତାନି—ଧାନ, ଚାଉଳ, ଟୋଙ୍ଟ, ପାନ, ତୈଳବୀଜ, ସୁନାରୁପାର ତାରକସି କାମ, ଶିଙ୍ଗକାମ, ବାସନ ଓ ଚମଡ଼ା ଭିନ୍ନ ଭିନ୍ନ ସ୍ଥାନକୁ ପଠାଯାଏ ଏବଂ ପାହାଡ଼ିଆ ଅଞ୍ଚଳରୁ ଅରଣ୍ୟଲବ୍ଧ ଦ୍ରବ୍ୟ, କାଠ, ବାଉଁଶ ବିଦେଶକୁ ରପ୍ତାନୀ ହୁଏ । ଲୁଗା, ସୂତା ଛତା, ଲୁହା ଜିନିଷ, କିରାସିନି, କାଗଜ, ଗୁଡ଼, ନଡ଼ିଆ, ବାଦାମତେଲ, ଗହମ ଓ ତୁଳା ଏହି ଜିଲ୍ଲାକୁ ଭିନ୍ନ ଭିନ୍ନ ସ୍ଥାନରୁ ଆସେ ।



[କଟକ ସହର ଅବସ୍ଥିତ]

ପ୍ରସିଦ୍ଧ ସ୍ଥାନ—

କଟକ—ମହାନଦୀର ସକୋଣ ଭୂମିର ଶୀର୍ଷ ସ୍ଥାନରେ ଅବସ୍ଥିତ । ଏହା ଓଡ଼ିଶାରେ ଏକମାତ୍ର ନଗର । ଏହାର ଉତ୍ତର

Digitized by PPRACHIN, SOA

ଓ ଦକ୍ଷିଣରେ ମହାନଦୀ ଓ କାଠଯୋଡ଼ି ବେଢ଼ି ରହିଅଛି । ବନ୍ୟାହାତରୁ କଟକକୁ ରକ୍ଷା କରିବା ନିମିତ୍ତ ମହାନଦୀ ଓ କାଠଯୋଡ଼ିରେ ସୁଦୃଢ଼ ପଥରବନ୍ଧମାନ ନିର୍ମିତ ହୋଇଅଛି । ବର୍ତ୍ତମାନ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ; ମାତ୍ର ଆଗରୁ କଟକ ଏହାର ରାଜଧାନୀ ଥିଲା । କଟକରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସୁନ୍ଦର ସଡ଼କ ନିର୍ମାଣ କରାଇ କଟକ ସହିତ ଭୁବନେଶ୍ୱରକୁ ଯୋଗ କରାଯାଇଅଛି ।

ଭଗ୍ନ ବାରବାଟୀ ଦୁର୍ଗ, ପରିଖା, ଅସ୍ତ୍ରାଗାର, ମରହଟ୍ଟମାନଙ୍କ ଅଶ୍ୱଶାଳ ପ୍ରଭୃତି ବହୁ ଦର୍ଶନୀୟ ବସ୍ତୁ ଅଦ୍ୟାପି କଟକରେ ବିଦ୍ୟମାନ ଅଛି । ବର୍ତ୍ତମାନ ଏଠାରେ ହାଇକୋର୍ଟ ଓ କଲେଜ ପ୍ରଭୃତି ଅଛି । ଏହା ବ୍ୟବସାୟ ବାଣିଜ୍ୟର ଗୋଟିଏ ପ୍ରଧାନ କେନ୍ଦ୍ର ।



ଚୌଦୁଆର—ବିରୂପାନଦୀ କୂଳରେ ଅବସ୍ଥିତ । ଏଠାରେ ଗୋଟିଏ ଲୁଗାକଳ ଅଛି । କେଶରୀ ରାଜାଙ୍କ ଗଡ଼ର ଭଗ୍ନାବଶେଷ ଏଠାରେ ଦେଖାଯାଏ ।

ବାଙ୍କୀ—ମହାନଦୀର ଦକ୍ଷିଣ ପାଖରେ ଅବସ୍ଥିତ । ଏଠାରେ ଚର୍ଚ୍ଚିକା ଠାକୁରାଣୀଙ୍କର ମନ୍ଦିର ଅଛି ଓ ପଣାସଂକ୍ରାନ୍ତି ଦିନ ଏଠାରେ ଗୋଟିଏ ବଡ଼ ମେଳା ହୁଏ ।

Digitized by PPRACHIN, SOA

ଚୈତିଦେଶ୍ୱର—ଏହା ମହାନଦୀ କୂଳରେ ଅବସ୍ଥିତ । ଏହା ଅରଣ୍ୟଜାତଦ୍ରବ୍ୟ ସଂଗ୍ରହ କରିବାର ଗୋଟିଏ କେନ୍ଦ୍ର ସ୍ଥାନ ।

କନକପୁର (ଝଂକଡ଼)—ଏହା ଶାରଳାଠାକୁରାଣୀଙ୍କ ନିମନ୍ତେ ବିଖ୍ୟାତ । ଏଠାରେ ଓଡ଼ିଶାର ଆଦିକବି ସାରଳା ଦାସ ଜନ୍ମଗ୍ରହଣ କରିଥିଲେ ।

କେନ୍ଦ୍ରାପାଙ୍ଗା—ଏଠାରେ ଖୋଟ କାରବାର ହୁଏ ଓ ଉତ୍କୃଷ୍ଟ ଗାମୁଛା ମିଳେ ।

ହରିହରପୁର—ଇଂରେଜମାନେ ଓଡ଼ିଶାକୁ ଆସି ପ୍ରଥମେ ଏହିଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ଏହା ଏକ ଛୋଟ ଗ୍ରାମ ଅଟେ । ଏହାର ଆଧୁନିକ ନାମ ଜଗତ୍‌ସିଂହପୁର ।

ମାର୍ଶାଘାଇ—ଏଠାରେ ମାଛ, ଶୁଖୁଆ, ଧାନ, ଚାଉଳ ଓ ଘିଅର କାରବାର ହୁଏ ।

ଯାଜପୁର—ବିରଜା ଠାକୁରାଣୀଙ୍କ ମନ୍ଦିର ଓ ଦଶାଶ୍ୱମେଧ ଘାଟ ପାଇଁ ପ୍ରସିଦ୍ଧ ।

କେନ୍ଦ୍ରାପଡ଼ା—ଏହା ଗୋବରୀ ନାଳ କୂଳରେ ଅବସ୍ଥିତ ଓ ଏଠାରେ ବଳଦେବ ଜୀଉଙ୍କ ମନ୍ଦିର ଅଛି ।

ଭଟିମୁଣ୍ଡା—ଏଠାରେ ଭଲ କଂସା ବାସନ ମିଳେ ।

ଛତିଆ—ଏଠାରେ ଅମରାବତୀ ଦୁର୍ଗର ଭଗ୍ନାବଶେଷ ଓ ଜୈନଗୁମ୍ଫା ଅଛି ।

ଆଠଗଡ଼—ଏହା ଆଠଗଡ଼ ଗଡ଼ଜାତର ପ୍ରଧାନ ସହର ଥିଲା । ଏହାର ଅନ୍ତର୍ଗତ ଧବଳେଶ୍ୱର ମନ୍ଦିରରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏକ ବଡ଼ ମେଳା ହୁଏ ।

Digitized by PPRACHIN, SOA

ଡିଗିରଆ—ଏଠାର ମଠା ଓ ଝପରଲଗା ଉଲ୍ଲେଖ ଅଟେ ।

ବଡ଼ମ୍ବା—ଏଠାର ମାଣିଅବନ୍ଧ ନାମକ ସ୍ଥାନରେ ଭଲ ଲୁଗା ମିଳେ ।

ନରସିଂହପୁର—ଏଠାରୁ ପ୍ରଚୁର କାଠ ଓ ବାଉଁଶ ନୌକା ଓ ରେଲରେ କଟକକୁ ଅପି ଅଭିନ୍ନ ସ୍ଥାନକୁ ପଠାଯାଏ ।

ପୁରୀଜିଲା

ଅବସ୍ଥିତି—ଏହା ଓଡ଼ିଶାର ସମୁଦ୍ର କୂଳରେ ଅବସ୍ଥିତ । ଏହାର ଉତ୍ତର ଦିଗରେ କଟକ ଜିଲା, ଦକ୍ଷିଣରେ ଗଞ୍ଜାମ ଜିଲା, ପୂର୍ବରେ ବଙ୍ଗୋପସାଗର ଏବଂ ପଶ୍ଚିମରେ ଫୁଲବାଣୀ ଓ ଗଞ୍ଜାମ ଜିଲା ଅବସ୍ଥିତ ।

ପ୍ରାକୃତିକ ଗଠନ—ଏହି ଜିଲାକୁ ୩ ଗୋଟି ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇପାରେ, ଯଥା—(୧) ଉତ୍ତର-ପଶ୍ଚିମସ୍ଥ ପାହାଡ଼ିଆ ଭୂମି, (୨) ଦକ୍ଷିଣ-ପୂର୍ବସ୍ଥ ସମତଳ ଭୂମି, (୩ ସମୁଦ୍ର ଉପକୂଳସ୍ଥ ବାଲୁକାମୟ ଭୂମି । ଏହାର ଉତ୍ତର-ପଶ୍ଚିମରେ ଥିବା ଭୂମି ପାହାଡ଼ିଆ ଓ ଅରଣ୍ୟପୂର୍ଣ୍ଣ । ଦକ୍ଷିଣରେ ଥିବା ସମତଳ ଭୂମି ଅତ୍ୟନ୍ତ ଉର୍ବର । ଏହାର କ୍ଷେତ୍ରଫଳ ୪ ହଜାର ବର୍ଗମାଇଲ ଓ ଲୋକସଂଖ୍ୟା ୧୫୬୦୪୭୬ ଅଟେ ।

ନଦୀ—କୁଆଖାଇରୁ ବାହାରିଥିବା କୁଶଭଦ୍ରା, ଦୟା, ଭାର୍ଗବୀ ଏ ଜିଲାର ପ୍ରଧାନ ନଦୀ । ଏହା ବ୍ୟତୀତ ଧନୁଆ, ଲୁଣା, ରତ୍ନଚିରା ପ୍ରଭୃତି ଆଉ କେତୋଟି ନଦୀ ଅଛନ୍ତି । ଏହି ଜିଲାର

Digitized by PPRACHIN, SOA

ପ୍ରାଚୀ ନଦୀକୂଳରେ ବହୁ ପ୍ରାଚୀନ ଐତିହାସିକ ମନ୍ଦିର ଓ ତୀର୍ଥ-ସ୍ଥାନ ଦେଖାଯାଏ ।



ଜଳବାୟୁ—ଜିଲ୍ଲାଟି ସମୁଦ୍ରକୂଳରେ ଅବସ୍ଥିତ ଥିବାରୁ ଏହାର ଜଳବାୟୁ ଭଲ । ସାମୁଦ୍ରିକ ବାୟୁ ଯୋଗେ ଗ୍ରୀଷ୍ମ ବା ଶୀତ ଅଧିକ

Digitized by PPRACHIN, SOA

ଅନୁଭୂତ ହୁଏ ନାହିଁ । ଖସ୍ରାଦନେ ଓଡ଼ିଶାର ଲଟ ପୁରୀ ସମୁଦ୍ର କୂଳରେ ଅବସ୍ଥିତ । ସମୁଦ୍ରଠାରୁ ଦୂରରେ ଥିବା ଖୋର୍ଦ୍ଧା, ନୟାଗଡ଼ ପ୍ରଭୃତି ସ୍ଥାନରେ ଶୀତ ଓ ଗ୍ରୀଷ୍ମ ଅପେକ୍ଷାକୃତ ବେଶୀ ଜଣାଯାଏ ।

ଫସଲ—ଧାନ ଏହି ଜିଲାର ପ୍ରଧାନ ଫସଲ । ସମଗ୍ର ପ୍ରଭୃତି ସ୍ଥଳରେ ଖସ୍ରାଦନେ ଉତ୍ପନ୍ନ ହୁଏ । ରବିଶସ୍ୟ, ତୈଳବୀଜ ମଧ୍ୟ ଉତ୍ପନ୍ନ କରାଯାଏ । ଏବେ ବହୁଳ ପରିମାଣରେ ଆଳୁ ଚାଷ କରାଯାଉଅଛି । ନଡ଼ିଆ, ଆମ୍ବ, ପଣସର ବଡ଼ ବଡ଼ ବଗିଚା ଦୃଷ୍ଟିଗୋଚର ହୁଏ ।

ରପ୍ତାନୀ—ଏହି ଜିଲାରୁ ପ୍ରଚୁର ପରିମାଣରେ ପାନ ଅନ୍ୟ ଅଞ୍ଚଳକୁ ପଠାଯାଏ । ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳମାନଙ୍କରୁ ନଡ଼ିଆ ଓ ନଡ଼ିଆକତା ବାହାର ସ୍ଥାନକୁ ପଠାଯାଏ । ଚିଲିକାକୂଳବର୍ତ୍ତୀ ବାଲୁଗାଁ ଓ କାଲପଡ଼ା ଷ୍ଟେସନରୁ ବହୁତ ମାଛ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ପଠାଯାଏ ।

ଆମଦାନୀ—କିରାସିନି, ଲୁଗା, ସୂତା, ଔଷଧ, ମସଲା, କାଗଜ ଓ ଲୁହା ଜିନିଷ ପ୍ରଧାନ ।

ରାଜନୈତିକ ବିଭାଗ—ପୁରୀ ଜିଲାକୁ ବର୍ତ୍ତମାନ ଛଅଟି ସବ୍‌ଡିଭିଜନରେ ବିଭକ୍ତ କରାଯାଇଛି, ଯଥା—ପୁରୀ, ଖୋର୍ଦ୍ଧା, ନୟାଗଡ଼, ଦଶପଲ୍ଲା, ଖଣ୍ଡପଡ଼ା, ରଣପୁର ।

ପ୍ରଧାନସ୍ଥାନ

ପୁରୀ— ଏହା ଜଗନ୍ନାଥଙ୍କ ମନ୍ଦିର ନିମିତ୍ତ ଭାରତରେ ତଥା ପୃଥିବୀରେ ବିଖ୍ୟାତ ଅଟେ । ଏହା ଏକ ସ୍ୱାସ୍ଥ୍ୟକର ସ୍ଥାନ । ଏଠାରେ ସରକାରୀ କଚେରୀ, ଜିଲ୍ଲାବୋର୍ଡ଼, ପୁରୀ ରାଜାଙ୍କ ଦେଉଳ, ବହୁତ ବଡ଼ ବଡ଼ ପ୍ରାଚୀନ ପୁଷ୍କରିଣୀ, ସାମନ୍ତ ଚନ୍ଦ୍ରଶେଖର କଲେଜ, ଆୟୁର୍ବେଦ କଲେଜ ଓ ସଂସ୍କୃତ କଲେଜ ଅଛି । ସହରର ଲୋକସଂଖ୍ୟା ୪୧ ହଜାର ଅଟେ ।

Digitized by PPRACHIN, SOA



[ରଥଯାତ୍ରା]

କୋଣାର୍କ—ପୁରୀଠାରୁ ୨୦ ମାଇଲ ଦୂରରେ ଅବସ୍ଥିତ । ଏଠାରେ ଜଗଦ୍‌ବିଖ୍ୟାତ ସୂର୍ଯ୍ୟମନ୍ଦିରର ଭଗ୍ନାବଶେଷ ରହିଅଛି । ପ୍ରତିବର୍ଷ ମାଘସପ୍ତମୀ ଦିନ ଏଠାରେ ଗୋଟିଏ ବଡ଼ ମେଳା ହୁଏ ।

ପିପିଲି—ପୁରୀଠାରୁ ୨୫ ମାଇଲ ଉତ୍ତରରେ ଅବସ୍ଥିତ ଓ ଉତ୍କୃଷ୍ଟ ସିଲାଇ କାମ ପାଇଁ ଭାରତପ୍ରସିଦ୍ଧ ଅଟେ । ଏଠାରୁ କଟକ, ନିମାପଡ଼ା, କୋଣାର୍କ, ଡାଲ୍‌ଟନପୁର, ଜଟଣି ଓ ଖୋର୍ଦ୍ଧାକୁ ସଡ଼କମାନ ଅଛି ।

ସତ୍ୟବାଦୀ—ଏହା ସାକ୍ଷିଗୋପାଳଙ୍କ ମନ୍ଦିର ଯୋଗୁ ବିଖ୍ୟାତ । ଏହ ଭର୍ଗବୀ ନଦୀର କୂଳରେ ଅବସ୍ଥିତ । ଉତ୍କଳମଣି ଗୋପବନ୍ଧୁଙ୍କର ଏହା ପ୍ରଧାନ କର୍ମକ୍ଷେତ୍ର ଥିଲା ।

Digitized by PPRACHIN, SOA

ନିମାପଡ଼ା—ଏହା ମଫସଲ ବାଣିଜ୍ୟର ଏକ ପ୍ରଧାନ କେନ୍ଦ୍ର-ଏଠାରେ ଭକ୍ତ ନିମାଇଁଙ୍କ ପ୍ରତିଷ୍ଠିତ ଗୁସଇଁବାଗ୍ ମଠ ଅଛି । କୁଶଭଦ୍ରା ନଦୀର ତୀରଦେଶରେ ଏହା ଅବସ୍ଥିତ ।

କାକଟପୁର—ପ୍ରାଚୀ ନଦୀକୂଳରେ ଗୋଟିଏ ପ୍ରଧାନ ଗ୍ରାମ । ମଙ୍ଗଳା ଠାକୁରାଣୀଙ୍କ ନିମନ୍ତେ ଏହା ପ୍ରସିଦ୍ଧ ଅଟେ ।

ବାଲକାଟି—ଉତ୍କୃଷ୍ଟ କଂସା ବାସନ ପାଇଁ ଏହା ବିଖ୍ୟାତ ଅଟେ ।

ଖୋର୍ଦ୍ଧା—ଏହା ସବ୍‌ଡିଭିଜନର ସଦର ମହକୁମା । ଏଠାରେ ପ୍ରାଚୀନ ଖୋର୍ଦ୍ଧା ଗଡ଼ର ଭଗ୍ନାବଶେଷ ଅଛି । ଏଠାରୁ ୮ ମାଇଲ୍ ଦୂରରେ ଅତ୍ରି ନାମକ ସ୍ଥାନରେ ଗୋଟିଏ ଉଷ୍ଣପ୍ରସ୍ରବଣ ଅଛି ।

ବାଣପୁର—ଭଗବତୀ ଓ ଦକ୍ଷପ୍ରଜାପତିଙ୍କ ମନ୍ଦିର ପାଇଁ ଏହା ବିଖ୍ୟାତ ଅଟେ ।

ରଣପୁର—ଏଠାରେ ରାଜାଙ୍କ ଉଆସ ଓ ମଣିନାଗ ଠାକୁରାଣୀଙ୍କ ମନ୍ଦିର ଅଛି ।

ନୟାଗଡ଼—ଏଠାରେ ବିଶେଷ ପରିମାଣରେ ଗୁଡ଼ ଓ ମୁଗ ମିଳେ । ଏଠାର ରଘୁନାଥଙ୍କ ମନ୍ଦିର ଗୋଟିଏ ଦର୍ଶନୀୟ ସ୍ଥାନ ।

ଖଣ୍ଡପଡ଼ା—ମହାନଦୀ କୂଳରେ ଅବସ୍ଥିତ । ଖଣ୍ଡପଡ଼ାର କଣ୍ଟିଲୋ ଓ ସଦ୍‌ବଗାରେ ଉତ୍କୃଷ୍ଟ କଂସା, ପିତଳର ବାସନ ମିଳେ ।

ଦଶପଲା—ଏଠାରୁ ପ୍ରଚୁର ବାଉଁଶ କାଠକାଠି ଆସେ । ଜଗନ୍ନାଥଙ୍କ ରଥ ତିଆରି ପାଇଁ କାଠ ପ୍ରତିବର୍ଷ ଏଠାରୁ ଭେଳା କରି ମହାନଦୀରେ ଅଣାଯାଏ ।

Digitized by PPRACHIN, SOA

ଭୁବନେଶ୍ୱର—ଏହା ପ୍ରଦେଶର ରାଜଧାନୀ । ପୂର୍ବେ ଏହା କେଶରୀ ବଂଶୀୟ ରାଜାମାନଙ୍କ ରାଜଧାନୀ ଥିଲା । ଏଠାରେ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଦେଉଳ, ଏରୋଡ୍ରମ୍ ପ୍ରଭୃତି ଅଛି । ଏହାକୁ ମନ୍ଦିରମାଳିନୀ



[ଭୁବନେଶ୍ୱର ମନ୍ଦିର]

ନଗରୀ କହନ୍ତି । ଏହା ନିକଟରେ ପ୍ରାଚୀନ ଶିଶୁପାଳ ଗଡ଼, ଧଉଳୀ, ଖଣ୍ଡଗିରି, ଉଦୟଗିରି ପାହାଡ଼ମାନ ଅଛି । ଏହି ପାହାଡ଼ମାନଙ୍କରେ ପ୍ରାଚୀନ ନରପତିମାନେ ବହୁ ବୌଦ୍ଧ ଓ ଜୈନ କୀର୍ତ୍ତିମାନ ରଖିଯାଇଅଛନ୍ତି ।

Digitized by PPRACHIN, SOA

ପ୍ରଶ୍ନ

୧ । ସଂକ୍ଷିପ୍ତ ଭୌଗୋଳିକ ଟୀକା ଲେଖ: —

(କ) ବ୍ରଜରାଜନଗର, ଅସ୍କା, [୧୯୪୯ ବୃ: ପ୍ର:]
ବାରଙ୍ଗ, ଭୁବନେଶ୍ୱର, ଷାଞ୍ଚମାସ୍ରୀ, ଗୋପାଳପୁର ।
[୧୯୦୮ ବୃ: ପ୍ର:]

(ଖ) ଓଡ଼ିଶାର କେଉଁ ଅଞ୍ଚଳରେ ଶୁଖୁଆ ପ୍ରଚୁର ପରିମାଣରେ ମିଳେ ? [୧୯୪୭ ବୃ: ପ୍ର:]

(ଗ) ଓଡ଼ିଶାର ଯେଉଁ ଜିଲ୍ଲାଗୁଡ଼ିକ ମଧ୍ୟଦେଇ ବିଜୟନଗର ରାୟପୁର ରେଳପଥ ଯାଇଅଛି ସେଗୁଡ଼ିକର ନାମ ଲେଖ । [୧୯୪୭ ବୃ: ପ୍ର:]

(ଘ) ଝାରସୁଗୁଡ଼ା କାହିଁକି ରେଲପଥଗୁଡ଼ିକର ଗୋଟିଏ ମିଳନ ସ୍ଥଳ ହୋଇଅଛି ? [୧୯୪୭ ବୃ: ପ୍ର:]

(ଙ) ଅନୁଗୁଳ-ସମ୍ବଲପୁର ସଡ଼କ କେଉଁ କେଉଁ ଦେଶୀୟ ରାଜ୍ୟ ବାଟେ ଯାଇଅଛି ? [୧୯୪୭ ବୃ: ପ୍ର:]

(ଚ) କାଗଜ ପ୍ରସ୍ତୁତ କରିବା ପାଇଁ ଓଡ଼ିଶାରେ କ କ କଞ୍ଚାମାଲ ମିଳେ ? [୧୯୪୬ ବୃ: ପ୍ର:]

୨ । ନିମ୍ନଲିଖିତ ସ୍ଥାନଗୁଡ଼ିକ କାହିଁକି ପ୍ରସିଦ୍ଧ ?
ବୈତେ୍ୟଶ୍ୱର, ମାର୍ଶାଘାଇ, ଲଛିମୁଣ୍ଡା, କେନ୍ଦୁପାଟଣା, ପିପିଲି, ନୟାଗଡ଼ ।

୩ । କେଉଁ ମସିହାରେ ଓଡ଼ିଶାରେ ଗଡ଼ଜାତମାନ ମିଶି ବୃହତ୍ତର ଓଡ଼ିଶା ଗଠିତ ହେଲା ? ଓଡ଼ିଶାର ଜିଲ୍ଲାଗୁଡ଼ିକର ନାମ ଲେଖ ଓ, ସେମାନଙ୍କ ରାଜଧାନୀର ନାମ କହ ।

୪ । ପଞ୍ଚାୟତ ଶାସନଦ୍ୱାରା ଆମ୍ଭମାନଙ୍କର କି ଉପକାର ହେବ ?

Digitized by PPRACHIN, SOA

ଷୋଡ଼ଶ ଅଧ୍ୟାୟ

ଓଡ଼ିଶାର ରାଜନୈତିକ ବିଭାଗ (୨)

ବାଲେଶ୍ୱର ଜିଲା

ଅବସ୍ଥିତି—ବାଲେଶ୍ୱରର ଉତ୍ତରରେ ମେଦିନୀପୁର ଜିଲା, ଦକ୍ଷିଣରେ କଟକଜିଲା, ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ଅବସ୍ଥିତ । ଏହାର କ୍ଷେତ୍ରଫଳ ୨୩୧୮ ବର୍ଗ-ମାଇଲ । ଲୋକସଂଖ୍ୟା ୧୧୦୫୬୭୮ ଅଟେ ।

ପ୍ରାକୃତିକ ଗଠନ—ଏହା ପ୍ରଦେଶର ସମତଳ ବିଭାଗର ଉତ୍ତରାଂଶରେ ଅବସ୍ଥିତ । ଜିଲାର ଆକାର ଧନୁ ପରି । ଉତ୍ତର ଓ ଦକ୍ଷିଣାଂଶ ପ୍ରଶସ୍ତ ଓ ମଧ୍ୟାଂଶ ସଂକୀର୍ଣ୍ଣ ଅଟେ । ଏହି ଜିଲାର ଅଧିକାଂଶ ଅଞ୍ଚଳ ସମତଳ ଏବଂ ପଶ୍ଚିମାଞ୍ଚଳରେ ପର୍ବତ ଓ ଅରଣ୍ୟ ଦେଖାଯାଏ । ସମୁଦ୍ର ଉପକୂଳ ଅଞ୍ଚଳରେ ଗୋଚରଣ ଭୂମି ଅଛି । ଏହାର ଉପକୂଳ ଦନ୍ତୁରିତ ନୁହେଁ । ସମୁଦ୍ର ଅଗଭୀର ଥିବାରୁ ପୋତାଶ୍ରୟ ଦେଖାଯାଏ ନାହିଁ । ଏହି ଜିଲାର ଜାଉପୁର ନିକଟରେ ଦେବଗିରକୁଣ୍ଡ ନାମକ ଗୋଟିଏ ଉଷ୍ଣ ପ୍ରସ୍ରବଣ ଅଛି । ବୈତରଣୀ ନଦୀ ମୁହାଣରେ ଚାନ୍ଦବାଲି ଗୋଟିଏ ପୁରାତନ ବନ୍ଦର ଥିଲା । ବର୍ତ୍ତମାନ ପୋତା ହୋଇ ଯାଇଛି । ଓଡ଼ିଶା ସରକାର ଏହାକୁ ପୁଣି ବନ୍ଦର ରୂପେ ବ୍ୟବହାର କରିବାର ଯୋଜନା କରୁଛନ୍ତି ।

ନଦୀ ଓ ପର୍ବତ—ଜିଲାର ନଦୀଗୁଡ଼ିକ ପଶ୍ଚିମରୁ ପୂର୍ବ ଆଡ଼କୁ ଗତି କରି ବଙ୍ଗୋପସାଗରରେ ପଡ଼ିଛନ୍ତି । ପ୍ରତି ବର୍ଷ ବନ୍ୟା ଏହି ଜିଲାର ବିଶେଷ କ୍ଷତି କରୁଛି । ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ ଓ କାଂଶବାଂଶ ଏହି ଜିଲାର ପ୍ରଧାନ ନଦୀ । ନୀଳଗିରି ଏହି ଜିଲାର ପ୍ରଧାନ ପର୍ବତ ।

Digitized by PPRACHIN, SOA



ଜଳବାୟୁ—ଏହି ଜିଲ୍ଲାଟି ସମୁଦ୍ରକୂଳରେ ଅବସ୍ଥିତ । ଜିଲ୍ଲାର ଅଧିକାଂଶ ସ୍ଥାନ ସମୁଦ୍ରଠାରୁ ଅଳ୍ପ ଦୂରରେ ଥିବାରୁ ଗ୍ରୀଷ୍ମ ବା ଶୀତ ଅଧିକ ଅନୁଭୂତ ହୁଏ ନାହିଁ । ଜୁନ ମଧ୍ୟ ଭାଗରୁ ଅକ୍ଟୋବର ମାସର ମଧ୍ୟ ଭାଗ ପର୍ଯ୍ୟନ୍ତ ବର୍ଷାଋତୁ । ଅଗଷ୍ଟ ମାସରେ ବେଶୀ ପରିମାଣରେ

Digitized by PPRACHIN, SOA

ବର୍ଷା ହୁଏ । ବର୍ଷ ଋତୁର ଶେଷ ଅଡ଼କୁ ଉପକୂଳ ଅଞ୍ଚଳରେ ଝଡ଼ ହୋଇଥାଏ ।

ଫସଲ—ଧାନ ଜିଲାର ପ୍ରଧାନ ଫସଲ । ରବିଶସ୍ୟ, ତୈଳ-ବୀଜ ପ୍ରଚୁର ଉତ୍ପନ୍ନ ହୁଏ । ଉତ୍ତରାଞ୍ଚଳରେ ବହୁତ ପାନ ହୁଏ । ଉପକୂଳରେ ଗୋଚରଣ ଭୂମି ଥିବାରୁ ଗୋମେଷାଦି ପଶୁ ପାଳନ ହୁଅନ୍ତି ।

ରପ୍ତାନୀଦ୍ରବ୍ୟ—ସନ୍ତପ ମସିଣା ଏହି ଜିଲାର ପ୍ରଧାନ ରପ୍ତାନୀ ଦ୍ରବ୍ୟ । ଏହା ବ୍ୟତୀତ କଂସା ପିତଳର ବାସନ, ଖାଜ, ପଥର ବାସନ, ଚୋଖେ, ଧାନ, ଚାଉଳ, ମାଛ, ଶୁଖୁଆ ମଧ୍ୟ ରପ୍ତାନୀ ହୁଏ ।

ରାଜନୈତିକ ବିଭାଗ—ଜିଲାଟିକୁ ୩ ଗୋଟି ସବ୍‌ଡିଭି-ଜନରେ ବିଭକ୍ତ କରାଯାଇଛି:—

୧—ବାଲେଶ୍ବର, ୨—ଭଦ୍ରକ, ୩—ନୀଳଗିରି ।

ପ୍ରସିଦ୍ଧ ସ୍ଥାନ

ବାଲେଶ୍ବର—ଏହି ସହରଟି ବୁଢ଼ାବଳଙ୍ଗ ନଦୀ-କୂଳରେ ଅବସ୍ଥିତ । ପୂର୍ବେ ବାଣିଜ୍ୟର ପ୍ରଧାନ କେନ୍ଦ୍ର ଥିଲା । ବଳଙ୍ଗ ନଦୀର ମୁହାଣ ପୋତହୋଇ ଯିବାରୁ ବର୍ତ୍ତମାନ ବ୍ୟବସାୟ କମି ଯାଇଛି । ଏହା ଜିଲାର ସଦର ମହକୁମା । ଏଠାରେ ସରକାରୀ ଅଫିସ ଓ କଲେଜ (ଫକୀରମୋହନ କଲେଜ) ଅଛି ।

ଜଳେଶ୍ବର—ଏହା ପାନ ଓ ସନ୍ତପ ମସିଣା ନିମନ୍ତେ ପ୍ରସିଦ୍ଧ ।

ଢାଳଆପାଳ—ଏହା ଗୋଟିଏ ପୋଲ୍ଟ ଗ୍ରାମ ଅଟେ ।

ଲକ୍ଷ୍ମଣନାଥ—ସୁବର୍ଣ୍ଣରେଖା କୂଳରେ ଅବସ୍ଥିତ ଗୋଟିଏ ପ୍ରସିଦ୍ଧ ଗ୍ରାମ ।

Digitized by PPRACHIN, SOA

ରେମୁଣା—ଭଲ କଂସା ପିତଳର ବାସନ ଓ କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିର ନିମିତ୍ତ ପ୍ରସିଦ୍ଧ ।

ସୋରୋ—ଏହା ଗୋଟିଏ ପେଣ୍ଠ ଗ୍ରାମ ।

କୁପାରୀ—ଏଠାରେ ବହୁତ ବୌଦ୍ଧ କୀର୍ତ୍ତି ଅଛି ।



ଭଦ୍ରକ—ସାଳନ୍ଦୀ ନଦୀକୂଳରେ ଏକ ପ୍ରଧାନ ବାଣିଜ୍ୟ କେନ୍ଦ୍ର ।

ଧାମନଗର—ଏହା ଗୋଟିଏ ବଡ଼ଗ୍ରାମ ଅଟେ ।

ଚାନ୍ଦିପୁର—ସମୁଦ୍ର କୂଳରେ ଅବସ୍ଥିତ । ଜଳବାୟୁ ସ୍ୱାସ୍ଥ୍ୟକର ଥିବାରୁ ବହୁ ଲୋକ ଏଠାକୁ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ଆସନ୍ତି ।

ଚାନ୍ଦବାଲି—ଏହା ବୈତରଣୀ ମୁହାଣ ନିକଟରେ ଗୋଟିଏ ଶ୍ରେଷ୍ଠ ବନ୍ଦର । ଏଠାରୁ କଲିକତାକୁ ଷ୍ଟିମର ଯିବା ଆସିବା କରେ । ଏଠାରେ ଧାନ, ଚାଉଳ ଓ ଷ୍ଟୋହର ବଡ଼ ବଡ଼ ଗୋଦାମମାନ ଅଛି ।

ଆରଡ଼ି—ଏହା ବୈତରଣୀ ଓ ସାଳନ୍ଦୀର ସଙ୍ଗମ ସ୍ଥାନରେ ଅବସ୍ଥିତ ଏବଂ ଅଖଣ୍ଡଳମଣିଙ୍କ ନିମନ୍ତେ ପ୍ରସିଦ୍ଧ ଅଟେ ।

ନୀଳଗିରି—ଏଠାରେ ଉତ୍କୃଷ୍ଟ ପଥର ବାସନ ମିଳେ ।

Digitized by PPRACHIN, SOA

ସମ୍ବଲପୁର ଜିଲା

ଅବସ୍ଥିତ—ଓଡ଼ିଶା ପ୍ରଦେଶର ପଶ୍ଚିମସ୍ଥ ମାଳ ଅଞ୍ଚଳରେ ଅବସ୍ଥିତ । ନୂଆପଡ଼ା ସବ୍‌ଡିଭିଜନ ଏଥିରୁ ବିଚ୍ଛିନ୍ନ ହୋଇ କଳାହାଣ୍ଡି



ଜିଲ୍ଲାରେ ମିଶିଅଛି । ଏହାର ଉତ୍ତରରେ ସୁନ୍ଦରଗଡ଼ ଜିଲ୍ଲା, ଦକ୍ଷିଣରେ କଳାହାଣ୍ଡି ଓ ବଲାଙ୍ଗୀର, ପୂର୍ବରେ ଢେଙ୍କାନାଳ ଓ ବଲାଙ୍ଗୀର ଜିଲ୍ଲା

Digitized by PPRACHIN, SOA

ଏବଂ ପଶ୍ଚିମରେ ମଧ୍ୟପ୍ରଦେଶ ଅବସ୍ଥିତ । ବାମଣ୍ଡା ଓ ରେଢ଼ାଖୋଲ ଏହା ସହିତ ମିଳିତ ହୋଇଅଛି ।

ପ୍ରାକୃତିକ ଗଠନ— ଏହି ଜିଲ୍ଲାର ଉତ୍ତର-ପୂର୍ବ ଓ ପଶ୍ଚିମାଂଶ ପର୍ବତ-ଅରଣ୍ୟପୂର୍ଣ୍ଣ । ମଧ୍ୟାଂଶ ଓ ଦକ୍ଷିଣାଂଶରେ ସମତଳ ଭୂମି ରହିଅଛି । ଉତ୍ତରାଞ୍ଚଳର ଭୂମି ଉତ୍ତରରୁ ଦକ୍ଷିଣକୁ ଗଡ଼ାଣିଆ । ଏହାକୁ ପ୍ରାକୃତିକ ଚାରି ଭାଗରେ ବିଭକ୍ତ କରାଯାଇଛି; ଯଥା —

୧ । ସମ୍ବଲପୁର ତହସିଲ – ଏହି ଅଞ୍ଚଳରେ କଙ୍କରମୟ ଭୂମି, ଅରଣ୍ୟ, ପର୍ବତ ଓ ସମତଳ ଭୂମି ରହିଛି ।

୨ । ବରଗଡ଼ ସମତଳ ଭୂମି—ଏହାର ମୃତ୍ତିକା କୋମଳ ଓ ବାଲିମିଶା ଅଟେ ।

୩ । ଅମ୍ବାଭୋନାର ସମତଳ ଭୂମି ଓ ଲକ୍ଷ୍ମଣପୁର ଅଞ୍ଚଳ — ଏଥିରେ ପାହାଡ଼ିଆ ଭୂମି ଓ ଅରଣ୍ୟପୂର୍ଣ୍ଣ ସ୍ଥାନ ଦେଖାଯାଏ । ଏ ଅଞ୍ଚଳର ମାଟି ଉର୍ବର ।

୪ । ବୃନ୍ଦାସମ୍ବର ପାହାଡ଼ିଆ ଅଞ୍ଚଳ ।

ନଦୀ—ମହାନଦୀ ଏହି ଜିଲ୍ଲାରେ ପ୍ରାୟ ୯୦ ମାଇଲ ପ୍ରବାହିତ ହୋଇଛି । ଏହା ବ୍ୟତୀତ ଇବ, ଅଙ୍ଗ, ଜୀରା, ଜୋଁକ, ମାଳତୀ-ଯୋଡ଼, ଦାରଢ଼ ପ୍ରଭୃତି ମହାନଦୀର ଉପନଦୀମାନ ଏହି ଜିଲ୍ଲାରେ ପ୍ରବାହିତ ହେଉଅଛନ୍ତି ।

ଜଳବାୟୁ—ଏହି ଜିଲ୍ଲା ସମୁଦ୍ରଠାରୁ ଅନେକ ଦୂରରେ ଓ ପାହାଡ଼ିଆ ଅଞ୍ଚଳମଧ୍ୟରେ ଅବସ୍ଥିତ ଥିବାରୁ ଖରାଦିନେ ଅଧିକ ଗରମ ଓ ଶୀତଦିନେ ଅଧିକ ଶୀତ ଜଣାଯାଏ । ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ବର୍ଷା ହୁଏ । ପଶ୍ଚିମାଞ୍ଚଳ ଅପେକ୍ଷା ପୂର୍ବାଞ୍ଚଳରେ ଅଧିକ ବୃଷ୍ଟି ହୁଏ ।

ଫସଲ ଓ ରପ୍ତାନୀ—ଏହି ଜିଲ୍ଲାରେ ବହୁତ ଅରଣ୍ୟ ଅଛି । ଏଠାରୁ ଶାଳ, ପିଅଶାଳ, ଅଶନ, ଶିଶୁ ପ୍ରଭୃତି କାଠ ଓ ବାଉଁଶ, ମହୁ, ଲାଖ, ଝୁଣା ପ୍ରଭୃତି ବହୁ ଅରଣ୍ୟଲବ୍ଧ ଜିନିଷ ନାନା

Digitized by PPRACHIN, SOA

ସ୍ଥାନକୁ ପଠାଯାଏ । ଏହାର ପୂର୍ବାଞ୍ଚଳର ମାଟି କୋମଳ ଓ ଉର୍ବର । ଏଥିରେ ଧାନ, କୋଳଥ, ମୁଗ, ହରଡ଼ ଓ ତେଲବୀଜ ଉତ୍ପନ୍ନ ହୁଏ । ଲକ୍ଷ୍ମଣପୁର ଓ ବୁଢ଼ାସମ୍ବର ଅଞ୍ଚଳରେ ପ୍ରଚୁର କପା ଚାଷ କରାଯାଏ ।

ଖଣିଜଦ୍ରବ୍ୟ—ଏହି ଜିଲାର କେତେକ ସ୍ଥାନରେ ଅଭ୍ର-ଖଣି ଦେଖାଯାଏ । ରାମପୁରଠାରେ କୋଇଲା ଖଣି ଓ ପଦ୍ମପୁରଠାରେ ସୀସା ଖଣି ଅଛି ।

ଶିଳ୍ପ—ଏହି ଜିଲାରେ କପା ଓ ମୁଗା ଚାଷ କରାଯାଏ । ଭଲ ତନ୍ତବୁଣା ରଙ୍ଗିନ୍ ଲୁଗା ଓ ଗାମୁଛା, ମଠା ଓ ଟସର ଜିନିଷ ଏଠାରେ ମିଳେ । କଂସା ଓ ପିତଳର ବାସନ, ସୁନାରୁପାର ଗହଣା, ପଥରର ସୁନ୍ଦର ମୂର୍ତ୍ତି ମଧ୍ୟ ମିଳେ । ଇବ ନଦୀ କୂଳସ୍ଥ ବ୍ରଜରାଜନଗରରେ କାଗଜ କଲ ଅଛି ।

ରେଳପଥ—ଇଷ୍ଟର୍ଣ୍ଣ ରେଲୱାଇର ଗୋଟିଏ ଶାଖା ଏହି ଜିଲାରେ ୬୦ ମାଇଲ ବିସ୍ତୃତ ହୋଇଅଛି । ଝାର-ସୁଗୁଡ଼ାଠାରୁ ଏହାର ଏକ ଶାଖା ସମ୍ବଲପୁର ପର୍ଯ୍ୟନ୍ତ ଯାଇଛି । ଭିଜିୟାନଗର—ରାୟପୁର ରେଳପଥ ଖଡ଼ିଆଳ ମଧ୍ୟ ଦେଇ ଏହି ଜିଲାରେ ୨୦ ମାଇଲ ବିସ୍ତୃତ ।

ସଡ଼କ—ସମ୍ବଲପୁର ରାୟପୁର ସଡ଼କ ସମ୍ବଲପୁରଠାରୁ ବର-ଗଡ଼ ବାଟେ ରାୟପୁରକୁ ଯାଇଛି । ସମ୍ବଲପୁରଠାରୁ କଟକ, ସୋନପୁର, ବିଲାସପୁର ଓ ମେଦନୀ-ପୁରକୁ ସଡ଼କମାନ ଯାଇଛି । ମେରାମଣ୍ଡଳୀ ଷ୍ଟେସନଠାରୁ ଅନୁଗୋଳ ଦେଇ ସମ୍ବଲପୁର ପର୍ଯ୍ୟନ୍ତ ମଟର ଯାତାୟାତ କରେ

Digitized by PPRACHIN, SOA

ରାଜନୈତିକ ବିଭାଗ—ଜିଲାଟିକୁ ୫ଟି ସବଡ଼ିଭିଜନରେ ବିଭକ୍ତ କରାଯାଇଅଛି; ଯଥା—(୧) ସମ୍ବଲପୁର, (୨) ରେଢ଼ାଖୋଲ, (୩) ବରଗଡ଼, (୪) କୁଚିଣ୍ଡା, (୫) ଦେବଗଡ଼ ।

ପ୍ରସିଦ୍ଧ ସ୍ଥାନ

ସମ୍ବଲପୁର—ଜିଲାର ସଦର ମହକୁମା । ଏହା ଗୋଟିଏ ବାଣିଜ୍ୟ କେନ୍ଦ୍ର ଓ ସମଲେଶ୍ୱରୀ ଦେବୀଙ୍କ ନିମନ୍ତେ ବିଖ୍ୟାତ । ଏଠାରେ ଗୋଟିଏ କଲେଜ ଓ କେତୋଟି ହାଇସ୍କୁଲ୍ ଅଛି ।

ହୀରାକୁଦ—ସମ୍ବଲପୁରଠାରୁ ପ୍ରାୟ ୯ ମାଇଲ ଉତ୍ତରରେ ମହାନଦୀ କୂଳରେ ଅବସ୍ଥିତ । ଏଠାରେ ବହୁ କୋଟି ଟଙ୍କା ବ୍ୟୟରେ ଏକ ଅଣିକଟ ତିଆରି ହେଉଅଛି । ଏହି କାର୍ଯ୍ୟ ଶେଷ ହେଲେ ଓଡ଼ିଶାରେ ଧୋଇ ମରୁଡ଼ି ରହିବ ନାହିଁ । ବିଦ୍ୟୁତ୍ ଆଲୋକ [illegible] ଶସ୍ତାରେ ମିଳିବ ।

ଝାରସୁଗୁଡ଼ା—ଏହା ଗୋଟିଏ ବଡ଼ ଜଙ୍କସନ ଓ ବାଣିଜ୍ୟ-କେନ୍ଦ୍ର ।

ଉଟେଙ୍ଗଲା—କଂସା ବାସନ ଓ ତନ୍ତଲୁଗା ପାଇଁ ଏହା ପ୍ରସିଦ୍ଧ ।

Digitized by PPRACHIN, SOA

ଧାମା—ଏଠାରେ ଗୁଡ଼, କାଠ ଓ ବାଉଁଶର କାରବାର ବେଶୀ ଦେଖାଯାଏ ।

ବରଗଡ଼—ଜୀରା ନଦୀ କୂଳରେ ଅବସ୍ଥିତ ଏକ ବାଣିଜ୍ୟ-କେନ୍ଦ୍ର ।

ବରପାଲି—ଭଲ ମଠା ଓ ଟସର ଲୁଗାପାଇଁ ବିଖ୍ୟାତ ।

ପଦ୍ମପୁର—ଅରଣ୍ୟଲବ୍ଧ ଜିନିଷ ସଂଗ୍ରହର ପ୍ରଧାନ କେନ୍ଦ୍ର ।

କରୁଆ—ଏହା ମାହେଶ୍ୱରୀଙ୍କ ମନ୍ଦିର ନିମନ୍ତେ ବିଖ୍ୟାତ ।

ନରସିଂହନାଥ—ପଦ୍ମପୁରଠାରୁ ୨୦ ମାଇଲ ଦୂରରେ ଅବସ୍ଥିତ । ଏଠାରେ ଗୋଟିଏ ପ୍ରାଚୀନ ମନ୍ଦିର ଅଛି ।

ନୂଆପଡ଼ା—ନୂଆପଡ଼ା ସବ୍‌ଡିଭିଜନର ସଦର ମହକୁମା ।

ଖଡ଼ିଆଳ—ନୂଆପଡ଼ା ଅଞ୍ଚଳରୁ ସଂଗୃହୀତ ଅରଣ୍ୟଲବ୍ଧ ଜିନିଷ ଏହି ଷ୍ଟେସନରୁ ରପ୍ତାନି ହୁଏ । ଏଠାରେ ଏକ ସାବୁନ କାରଖାନା ଅଛି ।

ଦେବଗଡ଼—ବାମଣ୍ଡା ରାଜ୍ୟର ସଦର ମହକୁମା । ଏହା ନିକଟରେ ପଞ୍ଚଖଣ୍ଡା ଗିରିର ପ୍ରଧାନପାଟ ଜଳପ୍ରପାତ ଅବସ୍ଥିତ । ଏହା ଓଡ଼ିଶାର ଏକ ପ୍ରଧାନ ଦର୍ଶନୀୟ ସ୍ଥାନ । ଏହି ରାଜ୍ୟସ୍ଥ ଅରଣ୍ୟରୁ ଟସର, ରେଶମ, ଲାଖ, ଖଇର ଓ କାଠ ସଂଗୃହୀତ ହୁଏ । ଏଠାରେ ଭଲ କମଳାଲେମ୍ବୁ ମିଳେ ।

ରାମପୁର—ଏହା ରେଢ଼ାଖୋଲର ସଦର ମହକୁମ । ଟେ ।

ବ୍ରଜରାଜନଗର—ଏଠାରେ କାଗଜ କଲ ଅଛି ।

Digitized by PPRACHIN, SOA

ଗଞ୍ଜାମ ଜିଲା

ଅବସ୍ଥିତି—ଗଞ୍ଜାମ ଜିଲାଟି ବଙ୍ଗୋପସାଗର କୂଳରେ ଅବସ୍ଥିତ । ଏହାର ଦକ୍ଷିଣରେ ମାନ୍ଦ୍ରାଜ ପ୍ରଦେଶ, ଉତ୍ତରରେ ପୁରୀଜିଲା,



ପୂର୍ବରେ ଚିଲିକା ହ୍ରଦ ଓ ବଙ୍ଗୋପସାଗର ଏବଂ ପଶ୍ଚିମରେ କଳାହାଣ୍ଡି ଓ କୋରାପୁଟ ଜିଲା । ଏହାର କ୍ଷେତ୍ରଫଳ ୪୭୨୪ ବର୍ଗ-ମାଇଲ ।

Digitized by PPRACHIN, SOA

ପ୍ରାକୃତିକ ଗଠନ—ଜିଲ୍ଲାର ପଶ୍ଚିମାଂଶ ପାହାଡ଼ିଆ ଓ ଅରଣ୍ୟମୟ । ସମୁଦ୍ର ଉପକୂଳବର୍ତ୍ତୀ ସମତଳ ଭୂମି ସଂକୀର୍ଣ୍ଣ ଅଟେ । ଶୃଙ୍ଗରାଜ ଏହି ଜିଲ୍ଲାର ଗୋଟିଏ ବଡ଼ ପର୍ବତ । ଏହାର ଉଚ୍ଚତା ୪୯୭୬ ଫୁଟ ଅଟେ । ମାନ୍ଦ୍ରାଜ ପ୍ରଦେଶର ସୀମାକୁ ଲାଗି ମହେନ୍ଦ୍ରଗିରି ଅବସ୍ଥିତ । ଏ ଜିଲ୍ଲାକୁ ପ୍ରଧାନତଃ ଦୁଇ ପ୍ରାକୃତିକ ଭାଗରେ ବିଭକ୍ତ କରାଯାଇପାରେ; ଯଥା—(୧) ପଶ୍ଚିମସ୍ଥ ମାଳ ଅଞ୍ଚଳ, (୨) ଉପକୂଳସ୍ଥ ସମଭୂମି ।

ନଦୀ—ଋଷିକୁଲ୍ୟା ଏହି ଜିଲ୍ଲାର ପ୍ରଧାନ ନଦୀ । ଏହା ଋଷିମାଳ ପର୍ବତରୁ ବାହାରି ବଙ୍ଗୋପସାଗରରେ ପଡ଼ିଅଛି । ଏହାର ଉପନଦୀ ମଧ୍ୟରେ ବଡ଼ନଦୀ ଓ ଘୋଡ଼ାହାଡ଼ ପ୍ରଧାନ । ବାହୁଦା ଓ ମହେନ୍ଦ୍ରତନୟା ଏହି ଜିଲ୍ଲାର ଆଉ ଯୋଡ଼ିଏ ନଦୀ ।

ଜଳବାୟୁ—ଜିଲ୍ଲାର ସମୁଦ୍ର କୂଳବର୍ତ୍ତୀ ସ୍ଥାନମାନଙ୍କରେ ଅଧିକ ଗ୍ରୀଷ୍ମ ବା ଶୀତ ଜଣାପଡ଼େ ନାହିଁ । ଗୋପାଳପୁର ଓ ଛତ୍ରପୁର ଦୁଇଟି ସହର ସମୁଦ୍ରକୂଳରେ ଅବସ୍ଥିତ ଓ ଏମାନଙ୍କର ଜଳବାୟୁ ସ୍ୱାସ୍ଥ୍ୟକର । ମାଳ ଅଞ୍ଚଳରେ ଗ୍ରୀଷ୍ମ ଓ ଶୀତ ଅଧିକ ଜଣାଯାଏ । ମାଳ ଅଞ୍ଚଳରେ ବର୍ଷାସମୟରେ ଅଧିକ ବର୍ଷା ହୁଏ । ଅକ୍ଟୋବର ଓ ନଭେମ୍ବର ମାସରେ ଉପକୂଳରେ ଝଡ଼ର ଆଶଙ୍କା ଥାଏ । ଶୀତ ଋତୁରେ ମାଳ ଅଞ୍ଚଳରେ ଆଦୌ ବର୍ଷା ହୁଏ ନାହିଁ; କିନ୍ତୁ ସମତଳ ଅଞ୍ଚଳରେ ଅଳ୍ପ ବର୍ଷା ହୁଏ । ମାଳ ଅଞ୍ଚଳର ଜଳବାୟୁ ଅସ୍ୱାସ୍ଥ୍ୟକର ।

ଫସଲ—ମାଳ ଅଞ୍ଚଳର ମାଟି ପଥୁରିଆ ଓ ଅନୁର୍ବର । ଜଳସେଚନର ସୁବିଧା ନାହିଁ । କେବଳ ଜଳଭଣ୍ଡାର, ପୋଖରୀ ପ୍ରଭୃତି ଦ୍ୱାରା ଜଳ ସେଚନ କରାଯାଏ । ଧାନ ଓ ମାଣ୍ଡିଆ ପ୍ରଧାନ ଫସଲ ଅଟେ । ଏହା ବ୍ୟତୀତ କାଙ୍ଗୁ, ହଳଦୀ, ମାଲୁଅ ଓ ମକା ଚାଷ କରାଯାଏ । ପାରଳାଖେମଣ୍ଡି ଅଞ୍ଚଳରେ ଆଖୁ, ଚିନାବାଦାମ ପ୍ରଚୁର ପରିମାଣରେ

Digitized by PPRACHIN, SOA

ହୁଏ । ଅରଣ୍ୟମାନଙ୍କରୁ କମଳାଲେମ୍ବୁ, ତେନ୍ତୁଳି, ହରଡ଼ା, ମହୁ ଓ ଝୁଣର ସଂଗୃହୀତ ହୁଏ ।



ସମତଳ ଅଞ୍ଚଳର ମାଟି ଉର୍ବର । ଋଷିକୁଲ୍ୟା ନଦୀର କେନାଲ-ଦ୍ୱାରା ଜଳ ସେଚନ କରାଯାଏ । ଧାନ ଏହି ଅଞ୍ଚଳର ପ୍ରଧାନ ଫସଲ । ଅସ୍କା ଅଞ୍ଚଳରେ ଅଧିକ ଆଖୁଚାଷ କରାଯାଏ । ଏହା ଛଡ଼ା ହରଡ଼, ମୁଗ, ରାଶି, ଚିନାବାଦାମ, ଚଣା, ଧୂଆଁପତ୍ର ପ୍ରଚୁର ପରିମାଣରେ ହୁଏ । ଉପକୂଳ ଅଞ୍ଚଳରେ ଝାଉଁ, କିଆ ଓ କେତକୀ ବଣ ଦେଖାଯାଏ ।

ରପ୍ତାନୀ—ମାଳ ଅଞ୍ଚଳରୁ କାଠ, ହରିଡ଼ା, ହଳଦୀ, ସାଲୁଅ ତେନ୍ତୁଳି,ମହୁ,ସୁନାରି·ଛେଲି ଓ ଚମଡ଼ା ଏବଂ ସମତଳ ଅଞ୍ଚଳରୁ ଧାନ,

Digitized by PPRACHIN, SOA

ଚାଉଳ, ସ୍ୱର୍ଣ୍ଣ, ପାନ, ଲବଣ, କଞ୍ଚ କେଉଡ଼ାର ଅର୍କ ମାଛ, ଶୁଖୁଆ ରପ୍ତାନୀ କରାଯାଏ ।

ପ୍ରସିଦ୍ଧ ସ୍ଥାନ

ଛତ୍ରପୁର—ଗଞ୍ଜାମ ଜିଲ୍ଲାର ସଦର ମହକୁମା । ଏହାର ଜଳବାୟୁ ସ୍ୱାସ୍ଥ୍ୟକର ।

ବ୍ରହ୍ମପୁର—ଓଡ଼ିଶାର ଗୋଟିଏ ବଡ଼ ସହର ଏଠାରେ ପାଟ ଓ ମଠାଲୁଗା, ସୁନାରୁପାର ଅଳଙ୍କାର ମିଳେ ।

ଆସ୍କା—ଏହା ଗୋଟିଏ ବାଣିଜ୍ୟ କେନ୍ଦ୍ର ଓ ଏଠାରେ ଗୋଟିଏ ଚିନି କାରଖାନା ଅଛି ।



ପୁରୁଷୋତ୍ତମପୁର, ବୋଇରାଣୀ—ଏଠାରେ ଭଲ ଗୁଆ-କାଠ ଓ ବାସନ ମିଳେ ।

ରସେଲକୁଣ୍ଡା (ଭଞ୍ଜନଗର) ଏଠାରେ ଚମଡ଼ା ଗୋଦାମ ଓ କରତ କଳମାନ ଅଛି । ଏଠାରେ ଅରଣ୍ୟ ଲବ୍ଧ ଜିନିଷମାନ ମଧ୍ୟ ମିଳେ ।

Digitized by PPRACHIN, SOA

ସୋରଡ଼ା—ଏହା ଋଷିକୁଲ୍ୟା ନଦୀକୂଳରେ ଅବସ୍ଥିତ। ଏଠାରେ ହଳଦୀ, କମଳା ଓ ଆଳୁଅ ପ୍ରଚୁର ପରିମାଣରେ ମିଳେ।

ବେଲଗୁଣ୍ଠା—ଏଠାରେ ରୁପା ଓ ପିତଳ ତିଆରି ମାଛ ମିଳେ। ଏହା ଗୋଟିଏ ସେଣ୍ଟଗ୍ରାମ।

ରମ୍ଭା—ଚିଲିକା ହ୍ରଦକୂଳରେ ଅବସ୍ଥିତ। ଏଠାରେ ମାଛ ଓ ସିଙ୍ଘଡ଼ା ମିଳେ।

ହୁମା—ଲୁଣ କାରଖାନା ପାଇଁ ବିଖ୍ୟାତ।

ଗୋପାଳପୁର—ଏହା ଗୋଟିଏ ଛୋଟ ବନ୍ଦର ଓ ସ୍ୱାସ୍ଥ୍ୟକର ସ୍ଥାନ।

ପାରଳାଖେମଣ୍ଡି—ମହେନ୍ଦ୍ରତନୟା ନଦୀକୂଳରେ ଅବସ୍ଥିତ। ମହାରାଜାଙ୍କ ପ୍ରାସାଦ, କଲେଜ, ଆଦର୍ଶ କୃଷିକ୍ଷେତ୍ର ପ୍ରଭୃତି ଅଛି।

ନିର୍ମଳଝର—ଏହା ଖଲିକୋଟର ପାହାଡ଼ ଉପରେ ଗୋଟିଏ ଚିରସ୍ରୋତା ଝରଣା।

ତପ୍ତପାଣି—ବ୍ରହ୍ମପୁରଠାରୁ ୩୨ ମାଇଲ ଦୂରବର୍ତ୍ତୀ ଏକ ଉଷ୍ଣପ୍ରସ୍ରବଣ।

ଜଉଗଡ଼—ଏଠାରେ ପ୍ରାଚୀନ ବୌଦ୍ଧକୀର୍ତ୍ତି ଅଛି।

ତାରାତାରିଣୀ—ଋଷିକୁଲ୍ୟା କୂଳରେ ଏକ ପର୍ବତ। ଏହା ତାରତାରିଣୀ ମନ୍ଦିର ପାଇଁ ବିଖ୍ୟାତ।

କୋରାପୁଟ ଜିଲା

ଅବସ୍ଥିତି—ଏହି ଜିଲଟି ଓଡ଼ିଶାର ବୃହତ୍ତମ ଜିଲା ହେଲେ ମଧ୍ୟ ଏହାର ଲୋକସଂଖ୍ୟା ଅନ୍ୟାନ୍ୟ ଜିଲା ତୁଳନାରେ ଊଣା ଅଟେ। ଏହାର ଉତ୍ତରରେ କଳାହାଣ୍ଡି ଜିଲା, ଦକ୍ଷିଣରେ ମାନ୍ଦ୍ରାଜ ପ୍ରଦେଶ,

Digitized by PPRACHIN, SOA

ପଶ୍ଚିମରେ ମଧ୍ୟ ପ୍ରଦେଶ ଏବଂ ପୂର୍ବରେ ଗଞ୍ଜାମ ଓ ମାନ୍ଦ୍ରାଜ ପ୍ରଦେଶ ଅବସ୍ଥିତ ।

ପ୍ରାକୃତିକ ଗଠନ—ଜିଲାର ଅଧିକାଂଶ ଅଞ୍ଚଳ ପର୍ବତ ଓ ଅରଣ୍ୟପୂର୍ଣ୍ଣ । ଏହାର ମାଳଭୂମିଗୁଡ଼ିକ ଦାକ୍ଷିଣାତ୍ୟ ମାଳଭୂମି ଓ ପୂର୍ବଘାଟର ପାହାଡ଼ିଆ ଭୂମିମଧ୍ୟରେ ଅବସ୍ଥିତ । ଉତ୍ତରାଂଶ ଦକ୍ଷିଣାଂଶ ଅପେକ୍ଷା କମନିମ୍ନ ଅଟେ । ବିଷମକଟକର ଉତ୍ତର-ପଶ୍ଚିମାଂଶରେ ନିମଗିରି ପର୍ବତ ଓ ଗୁଣୁପୁର ତାଲୁକରେ ବିଷମକଟକ ପର୍ବତ ଅବସ୍ଥିତ । ଦକ୍ଷିଣ-ପଶ୍ଚିମାଂଶରେ ଉଚ୍ଚ ମାଳଭୂମି ଦେଖାଯାଏ । କୋରାପୁଟ, ପଟାଙ୍ଗି ଓ ପଦ୍ମା ତହସିଲ ମଧ୍ୟରେ



ଦେଓମାଲି (୫୪୭୦ ଫୁଟ), ସିଙ୍କରମ୍ (୫୩୦୦ ଫୁଟ), ଏଣ୍ଡ୍ରିକା (୫୧୧୮ ଫୁଟ) ଉଚ୍ଚ ଅଟନ୍ତି । ଏହି ମାଳଭୂମିରୁ ଇନ୍ଦ୍ରାବତୀ,

Digitized by PPRACHIN, SOA

କୋଲବ୍, ଓ ମାଛକୁଣ୍ଡ ନଦୀମାନ ବାହାରି ଗୋଦାବରୀ ନଦୀରେ ପଡ଼ୁଅଛନ୍ତି । ନବରଙ୍ଗପୁର ଓ ଜୟପୁର ମଧ୍ୟରେ ବିସ୍ତୃତ ମାଳଭୂମି ଦେଖାଯାଏ । ଏହାକୁ ଜୟପୁର ମାଳ କହନ୍ତି । ଏହା ପଶ୍ଚିମ ଅଞ୍ଚଳକୁ ଗଡ଼ାଣିଆ । କୋରାପୁଟ ମାଳ ଅପେକ୍ଷା ଏଥିରେ ଅଧିକ ବର୍ଷା ହୁଏ । ଏ ଅଞ୍ଚଳରେ ଶାଳ ଓ ଶାଗୁଆନ ଗଛ ବେଶୀ ପରିମାଣରେ ଦେଖାଯାଏ । ତୃତୀୟ ମାଳଟି ମାଲକାନଗିରି ମଧ୍ୟରେ ବିସ୍ତୃତ । ଏହାର ଉଚ୍ଚତା ୧୦୦୦ ଫୁଟ ହେବ । ଏହା ମାଲକାନଗିରି ମାଳ ନାମରେ ପରିଚିତ । ଏହାର ଅରଣ୍ୟରେ ଅନେକ ତୃଣାଚ୍ଛାଦିତ ଭୂମି ଦେଖାଯାଏ । ଏଥିରେ ଘାସ ୮।୧୦ ଫୁଟ ଉଚ୍ଚ ବଢ଼େ ।

ନଦୀ—ଜିଲାର ନଦୀଗୁଡ଼ିକ ପାହାଡ଼ିଆ ଅଞ୍ଚଳରେ ପ୍ରବାହିତ ହେଉଥିବାରୁ ସ୍ରୋତ ପ୍ରଖର, ଶଯ୍ୟା ପ୍ରସ୍ତରମୟ ଓ ପ୍ରପାତପୂର୍ଣ୍ଣ ଅଟେ । ନଦୀଗୁଡ଼ିକ ନୌଚାଳନ ଓ ଜଳସେଚନ ସକାଶେ ଉପଯୋଗୀ ନୁହନ୍ତି । ବଂଶଧାର, ନାଗାବଳୀ, ତେଲ, ଇନ୍ଦ୍ରାବତୀ, କୋଲବ ଓ ମାଛକୁଣ୍ଡ ଏହି ଜିଲାର ପ୍ରଧାନ ନଦୀ ।

ଜଳବାୟୁ—ଏହା ଗୋଟିଏ ଉଚ୍ଚ ମାଳଭୂମି ଓ ସମୁଦ୍ରଠାରୁ ବହୁ ଦୂରରେ ଅବସ୍ଥିତ । ତେଣୁ ଶୀତ ଓ ଗ୍ରୀଷ୍ମ ଅଧିକ ଅନୁଭୂତ ହୁଏ । ବର୍ଷାଦିନେ ଏହି ମାଳଭୂମିରେ ଅଧିକ ବର୍ଷା ହୁଏ । ମାଳ ଅଞ୍ଚଳର ଜଳବାୟୁ ଅସ୍ୱାସ୍ଥ୍ୟକର । ଜୟପୁର ମାଳରେ ବାର୍ଷିକ ବୃଷ୍ଟିପାତ ୭୫ ଇଞ୍ଚ । ଅନ୍ୟାନ୍ୟ ଅଂଶରେ ହାରାହାରି ୫୭ ଇଞ୍ଚ ଅଟେ ।

ଫସଲ—ଏହି ପାହାଡ଼ିଆ ଅଂଶର ମାଟି ଲାଲ ଓ ଅନୁର୍ବର । ଏହାର ଅଧିକାଂଶ ସ୍ଥାନ ଅରଣ୍ୟପୂର୍ଣ୍ଣ । କେନାଲ ବା ଜଳସେଚନର ସୁବିଧା ନ ଥିବାରୁ କୃଷିକାର୍ଯ୍ୟ ସୁବିଧାରେ ହୋଇପାରେ ନାହିଁ । ପାହାଡ଼ିଆ ଅଞ୍ଚଳରେ ରବି, ମକ୍କା, ଅଦା ପ୍ରଚୁର ହୁଏ । ସମତଳ ଓ ନଦୀ ଉପତ୍ୟକା ଅଞ୍ଚଳରେ ଧାନ, ଆଖୁ, ମାଣ୍ଡିଆ କରାଯାଏ । ଗୁଣୁପୁର ଅଞ୍ଚଳରେ ଭଲ ସରୁ ଧାନ ହୁଏ । କୋରାପୁଟ ଓ ପଦ୍ମା

Digitized by PPRACHIN, SOA

ଅଞ୍ଚଳରେ ପ୍ରଚୁର ମାଣ୍ଡିଆ ହୁଏ । ନବରଙ୍ଗପୁର ଅଞ୍ଚଳରେ ଧାନ, ଆଖୁ, ଗହମ ଓ କପା ଫସଲ ହୁଏ ।

ରପ୍ତାନୀ—ଏହି ଜିଲ୍ଲାରୁ ପ୍ରଧାନତଃ ଅରଣ୍ୟଲବ୍ଧ ଜିନିଷ ରପ୍ତାନୀ ହୁଏ ।

ଅଧିବାସୀ—ଏହି ଜିଲ୍ଲାରେ ଅଧିକାଂଶ ଆଦିମ ଜାତିର ଲୋକ ବାସ କରନ୍ତି । ଏହି ଆଦିମ ଜାତି ମଧ୍ୟରେ ପରଜା, ଶବର, ଭୁୟାଁ, ଗାଦବା ଓ କନ୍ଧ ପ୍ରଧାନ । ଶବରମାନେ ଗୁଣୁପୁର, କନ୍ଧମାନେ ରାୟଗଡ଼ା ଓ ବିଷମକଟକ ଏବଂ ପରଜାମାନେ ଜୟପୁର ଅଞ୍ଚଳରେ ବାସ କରନ୍ତି । ଏମାନଙ୍କ ମଧ୍ୟରେ ଅନେକପ୍ରକାର ଭାଷା ପ୍ରଚଳିତ ଅଛି; ମାତ୍ର କୌଣସି ଲିଖିତ ଭାଷା ନାହିଁ ।

ରାଜନୈତିକ ବିଭାଗ- ଜିଲ୍ଲାଟିକୁ ୩ଟି ସବଡ଼ିଭିଜନରେ ବିଭକ୍ତ କରାଯାଇଛି; ଯଥା—(୧) କୋରାପୁଟ, (୨) ନବରଙ୍ଗପୁର, (୩) ରାୟଗଡ଼ା ।

ପ୍ରସିଦ୍ଧ ସ୍ଥାନ

କୋରାପୁଟ—ଏହା ଜିଲ୍ଲାର ସଦର ମହକୁମା ଅଟେ ।

ଜୟପୁର—ଏଠାରେ ଗୋଟିଏ ଟାଇଲ କାରଖାନା ଓ କରତକଲ ଅଛି । ଏହା ଛଡ଼ା ଅସ୍ତ୍ରାଗାର ଓ ପ୍ରଦର୍ଶନୀ ଗୃହ ଅଛି ।

ନବରଙ୍ଗପୁର—ଇନ୍ଦ୍ରାବତୀ ନଦୀ ପାଖରେ ଅବସ୍ଥିତ ଓ ଶସ୍ୟ ରପ୍ତାନୀର ପ୍ରଧାନ କେନ୍ଦ୍ର ।

Digitized by PPRACHIN, SOA

ମାଲକାନଗିରି— ଏହା ଗୋଟିଏ ବଡ଼ ଗ୍ରାମ ।

ରାୟଗଡ଼—ବିଜୟନଗର-ରାୟପୁର ରେଲପଥ ପାର୍ଶ୍ବରେ ଅବସ୍ଥିତ । ଏହା ଅରଣ୍ୟଜାତ ଜିନିଷର କେନ୍ଦ୍ରସ୍ଥଳ ।

ଗୁଣୁପୁର—ବଂଶଧାରା ନଦୀକୂଳସ୍ଥ ଧାନ, ଚାଉଳ ଓ କାଠ ରପ୍ତାନିର କେନ୍ଦ୍ର ।

ବିଷମକଟକ—ଏହା ନିୟମଗିରି ପର୍ବତ ପାଖରେ ଅବସ୍ଥିତ । ଏହାର ଜଳବାୟୁ ଅସ୍ୱାସ୍ଥ୍ୟକର । ଏହି ଅଞ୍ଚଳରେ ବହୁତ କନ୍ଧ ବାସ କରନ୍ତି ।

ଢେଙ୍କାନାଳ ଜିଲ୍ଲା



ଅବସ୍ଥିତି—ଏହି ଜିଲାଟି ଓଡ଼ିଶାର ବହିଃସ୍ଥିତ ମାଳଭୂମି ମଧ୍ୟରେ ଅବସ୍ଥିତ । ଏହି ଜିଲାର ଉତ୍ତରରେ ସମ୍ବଲପୁର ଓ କେନ୍ଦୁଝର

Digitized by PPRACHIN, SOA

ଜିଲା, ଦକ୍ଷିଣରେ ପୁରୀ ଓ ଫୁଲବାଣୀ ଜିଲା, ପୂର୍ବରେ କଟକ ଜିଲା ଏବଂ ପଶ୍ଚିମରେ ବଲାଙ୍ଗୀରପାଟଣା ଓ ସମ୍ବଲପୁରର କେତେ ଅଂଶ ଅବସ୍ଥିତ ।

ପ୍ରାକୃତିକ ଗଠନ—ଏହି ଜିଲାର ଭୂମିଭାଗ, ଗୁରୁଅଞ୍ଚ ପର୍ବତ ଓ ଅରଣ୍ୟପୂର୍ଣ୍ଣ । ଏହାର ଦକ୍ଷିଣ-ପଶ୍ଚିମାଂଶରେ ବଡ଼ ବଡ଼ ପର୍ବତ ଦେଖାଯାଏ । ସେଥିମଧ୍ୟରୁ ଖଳାଅମ୍ବ ୨୫୭୮ ଫୁଟ, ସୁମିନ୍ଦା ୨୦୭୨ ଫୁଟ, କପିଳାସ ୨୦୯୮ ଫୁଟ, ଶାଗ୍‌ଗୁଆ ୨୦୧୦ ଫୁଟ ଓ ଢଳାପାଟ ୨୦୦୦ ଫୁଟ ଉଚ୍ଚ ଅଟେ । ଏହା ଉତ୍ତର ଓ ପଶ୍ଚିମ ଅପେକ୍ଷା ନିମ୍ନ ।

ନଦୀ—ଏହି ଜିଲାରେ ଧଣ୍ଡାପୋତା, ଲକ୍ଷଣ, ସାପୁଅ, ବଡ଼ଯୋର ପ୍ରଭୃତି ମହାନଦୀର ଉପନଦୀମାନ, ବ୍ରାହ୍ମଣୀ ଓ ତାହାର ଉପନଦୀ ଅହ୍ଲ, ଶିଙ୍ଗଡ଼ା, ନନ୍ଦର, ଲିଙ୍ଗଡ଼ା ପ୍ରଭୃତି ପ୍ରବାହିତ ହେଉଅଛନ୍ତି ।



ଜଳବାୟୁ—ଜିଲାଟି ସମୁଦ୍ରଠାରୁ ଦୂରରେ ଅବସ୍ଥିତ ହୋଇଥିବାରୁ ଶୀତଦିନେ ବେଶୀ ଶୀତ ଓ ଗ୍ରୀଷ୍ମଦିନେ ବେଶୀ ଗ୍ରୀଷ୍ମ

Digitized by PPRACHIN, SOA

ହୁଏ । ବିଶେଷତଃ ଜୁଲାଇ ଓ ଅଗଷ୍ଟ ମାସରେ ପ୍ରଚୁର ବୃଷ୍ଟିପାତ ହୁଏ । ମାଳଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ନୁହେଁ ।

ଫସଲ—ଜିଲାର ଅଧିକାଂଶ ସ୍ଥାନ ପର୍ବତ ଓ ଅରଣ୍ୟ ପୂର୍ଣ୍ଣ ହୋଇଥିବାରୁ ଖୁବ୍ ଅଳ୍ପ ସ୍ଥାନରେ କୃଷି କାର୍ଯ୍ୟ ହୁଏ । ମାଟି ଉର୍ବର ନୁହେଁ । ଧାନ ଏହି ଜିଲାର ପ୍ରଧାନ ଫସଲ । ଉଚ୍ଚ ଭୂମିରେ ମୁଗ, ହରଡ଼, ସୋରିଷ, କୋଳଥ ପ୍ରଭୃତି ଚାଷ କରାଯାଏ । ଖୁବ୍ ଅଳ୍ପ ସ୍ଥାନରେ ଆଖୁ ଓ ଧୂଆଁପତ୍ର ଚାଷ ହୁଏ ।

ରପ୍ତାନୀ—ଏହି ଜିଲାରୁ ବହୁତ ଅରଣ୍ୟଜାତ ଜିନିଷ ବିଦେଶକୁ ପଠାଯାଏ । ବିଶେଷତଃ କାଠ ଓ ବାଉଁଶ ମହାନଦୀବାଟେ କଟକକୁ ଆସେ । ଚମଡ଼ା, ଶିଙ୍ଗ ଓ ଅନ୍ୟାନ୍ୟ ଜିନିଷ ବିଦେଶକୁ ଯାଏ । ଅନୁଗୋଳରୁ ଗୁଡ଼, କମଳା ଓ ତେଲବୀଜ ବିଦେଶକୁ ପଠାଯାଏ ।

ରାଜନୈତିକ ବିଭାଗ—ଏହି ଜିଲାକୁ ୭ ଭାଗରେ ବିଭକ୍ତ କରାଯାଇଛି । (୧)—ଢେଙ୍କାନାଳ । (୨)—ହିନ୍ଦୋଳ । (୩)—ତାଳଚେର । (୪)—ପାଲଲହଡ଼ା । (୫)—ଆଠମଲ୍ଲିକ । (୬)—ଅନୁଗୋଳ । (୭)—କାମାକ୍ଷାନଗର ।

ପ୍ରସିଦ୍ଧ ସ୍ଥାନ

ଅନୁଗୋଳ—ସବ୍‌ଡିଭିଜନର ସଦର ମହକୁମା ।

ପୁରୁଣାଗଡ଼—ଅନୁଗୋଳର ୨୮ ମାଇଲ ପଶ୍ଚିମରେ ଅବସ୍ଥିତ । ସ୍ୱାଧୀନ ଥିବା ସମୟରେ ଏହା ଅନୁଗୋଳର ରାଜଧାନୀ ଥିଲା ।

Digitized by PPRACHIN, SOA

ତଳମୂଳ—ଅନୁଗୋଳର ପ୍ରାୟ ୯ ମାଇଲ ଦକ୍ଷିଣ-ପୂର୍ବରେ ଅବସ୍ଥିତ ଏକ ଷ୍ଟେଶନଗ୍ରାମ ।



ଢେଙ୍କାନାଳ—ଏହା ଏ ଜିଲାର ସଦର ମହକୁମା । ଏହା ଅରଣ୍ୟଲବ୍ଧ ଜିନିଷର ବାଣିଜ୍ୟ କେନ୍ଦ୍ର ।

କପିଳାସ—ଜିଲାର ଉଚ୍ଚତମ ପର୍ବତ । ଏହି ପର୍ବତରେ ଅବସ୍ଥିତ ଚନ୍ଦ୍ରଶେଖରଙ୍କ ନିକଟରେ ପ୍ରତିବର୍ଷ ଶିବରାତ୍ରି ଦିନ ଗୋଟିଏ ବଡ଼ ମେଳା ହୁଏ । ଏହି ପାହାଡ଼ରୁ କେତୋଟି ସୁନ୍ଦର ଝରଣା ବହିଯାଉଛି । ଏହା ଏକ ରମଣୀୟ ଓ ସ୍ୱାସ୍ଥ୍ୟକର ସ୍ଥାନ ।

ଭୁବନଗ୍ରାମ—ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ । କଂସା ଓ ପିତଳ ବାସନ ପାଇଁ ପ୍ରସିଦ୍ଧ ।

ହିନ୍ଦୋଳ—ଏହା ଢେଙ୍କାନାଳର ପଶ୍ଚିମରେ ଅବସ୍ଥିତ । କନକଧାର ଏହାର ଉଚ୍ଚତମ ପର୍ବତ (୨୦୦୮ ଫୁଟ) ।

ତାଳଚେର—ଏହା ପଥରକୋଇଲା ପାଇଁ ପ୍ରସିଦ୍ଧ । ଏଠାରେ ଗୋଟିଏ ଦିଆସିଲି କାରଖାନା ଅଛି । ଏହା ଏହି ସବ୍‌ଡିଭିଜନର ସଦର ମହକୁମା ।

ପାଲଲହଡ଼ା—ଏହା ବାମଣ୍ଡାର ପୂର୍ବରେ ଅବସ୍ଥିତ । ଏହାର ଉଚ୍ଚତମ ପର୍ବତ ମଳୟଗିରିର ଉଚ୍ଚତା ୩୮୯୫ ଫୁଟ ଅଟେ ।

Digitized by PPRACHIN, SOA

ଆଠମଲ୍ଲିକ—ଏହା ମହାନଦୀର ବାମ ପାର୍ଶ୍ୱରେ ଅନୁଗୋଳର ପଶ୍ଚିମରେ ଅବସ୍ଥିତ । ଏହି ରାଜ୍ୟର ଉଚ୍ଚତମ ପର୍ବତ ପଞ୍ଚଧାରର ଉଚ୍ଚତା ୩୦୦୦ ଫୁଟ । ଏଠାରୁ କାଠ ଓ ବାଉଁଶ ମହାନଦୀରେ ଚାଲାଣ ହୁଏ ।

ମେରାମଣ୍ଡଳୀ—ଏଠାରୁ ପ୍ରଚୁର କାଠ ଓ ବାଉଁଶ ରପ୍ତାନୀ ହୁଏ । ଏଠାରୁ ସମ୍ବଲପୁର, ଅଠମଲ୍ଲିକ, ଅନୁଗୋଳ ଓ ବଲାଙ୍ଗୀରକୁ ବସ୍ ଯିବା ଅସିବା କରେ ।

କାମାକ୍ଷାନଗର—ଢେଙ୍କାନାଳଠାରୁ ୨୨ ମାଇଲ ଦୂର । ଏହା ଏହି ସବ୍‌ଡିଭିଜନର ସଦର ମହକୁମା ଅଟେ ।

ରଢ଼ାଖୋଲ—ଏହା ଏକ ବାଣିଜ୍ୟ କେନ୍ଦ୍ର । ଏହା ନିକଟରେ ଥିବା ଜଙ୍ଗଲରୁ ପ୍ରଚୁର ବାଉଁଶ ଓ ସବାଇଘାସ ଟିଟାଗଡ଼କୁ ପଠାଯାଏ ।

ରଙ୍ଗଲା—ଲିଙ୍ଗରା ନଦୀକୂଳରେ ଅବସ୍ଥିତ । କୁମ୍ଭେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ମନ୍ଦିର ଏଠାରେ ଅଛି ।

ପ୍ରଶ୍ନ

୧ । କୋରାପୁଟ ଓ ପୁରୀ ଜିଲ୍ଲାରେ ଜଳସେଚନ ବ୍ୟବସ୍ଥା କରାଯାଇ ନାହିଁ କାହିଁକି ?

୨ । ନିମ୍ନ ଲିଖିତ ବିଷୟଗୁଡ଼ିକର ଭୌଗୋଳିକ କାରଣ ନିର୍ଦ୍ଦେଶ କର ?

(କ) କପିଳାସ ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନ ।

(ଖ) ବାଲେଶ୍ୱର ଜିଲ୍ଲାର କେତେକ ଅଂଶର ଲୋକମାନେ ସମୁଦ୍ର ପାଣିରୁ ଲୁଣ ତିଆରି କରି ଜୀବିକା ନିର୍ବାହ କରନ୍ତି ।

Digitized by PPRACHIN, SOA

(ଗ) ଓଡ଼ିଶାର କେଉଁ ଜିଲ୍ଲାର ଲୋକମାନେ ଲୁଣ ମାରି ଚଳନ୍ତି ।

(ଘ) ଗଞ୍ଜାମ ଅଞ୍ଚଳରେ ଭଲ ମାଣ୍ଡିଆ ଚାଷ କରାଯାଏ ।

(ଙ) ଗ୍ରୀଷ୍ମ ଋତୁରେ ସମ୍ବଲପୁର ଜିଲ୍ଲାରେ ଅଧିକ ଗରମ ହୁଏ ।

୩ । କି କି ପଦାର୍ଥ ଓଡ଼ିଶାର ନିମ୍ନଲିଖିତ ସ୍ଥାନରେ ମିଳେ ?
ଜଲେଶ୍ୱର, ପୁରୁଷୋତ୍ତମପୁର, ରେମୁଣା, ସୋରଡ଼ା, ଜୟପୁର, ବ୍ରଜରାଜନଗର, ନବରଙ୍ଗପୁର, ହଂସମୁରା, ଭୁବନ ଓ ପଦ୍ମପୁର ।

୪ । ନିମ୍ନଲିଖିତ ପ୍ରଶ୍ନଗୁଡ଼ିକରେ ଥିବା ଭ୍ରମ ସଂଶୋଧନ କର—

(କ) ବାଲେଶ୍ୱର ଜିଲ୍ଲାର ଜଳବାୟୁ ସ୍ୱାସ୍ଥ୍ୟ ପକ୍ଷରେ ଉପଯୋଗୀ ଅଟେ ।

(ଖ) ହୀରାକୁଦ ଜଳଭଣ୍ଡାର ଓଡ଼ିଶାର କୋରାପୁଟ ଜିଲାରେ ଅବସ୍ଥିତ ।

(ଗ) କପିଳାସ ପର୍ବତ ଗଞ୍ଜାମ ଜିଲାର ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନ ବୋଲି ପରିଚିତ ।

(ଘ) ଗଞ୍ଜାମ ଜିଲ୍ଲାର ନୀଳଗିରି ପାହାଡ଼ରେ ଉତ୍କୃଷ୍ଟ ପଥର ଚାମ ମିଳେ ।

୫ । ଶୂନ୍ୟସ୍ଥାନ ପୂରଣ କର—

(କ) ବୈତରଣୀ ନଦୀ—ଓ—ଜିଲ୍ଲାର ସୀମାରେ ଅବସ୍ଥିତ ।

(ଖ) ରୂପସାଠାରୁ ଗୋଟିଏ—ରେଲପଥ—ପର୍ଯ୍ୟନ୍ତ ଯାଇଅଛି ।

(ଗ) ଢେଙ୍କାନାଳ ଜିଲ୍ଲାର—ଷ୍ଟେସନଠାରୁ ଓହ୍ଲାଇ ସମ୍ବଲପୁରକୁ ଯିବାକୁ ହୁଏ ।

(ଘ) ଛତ୍ରପୁର—ଜିଲାର ଗୋଟିଏ ପ୍ରଧାନ—ଓ—ଅଟେ ।

Digitized by PPRACHIN, SOA

ସପ୍ତଦଶ ଅଧ୍ୟାୟ

ଓଡ଼ିଶାର ରାଜନୈତିକ ବିଭାଗ (୩)

ସୁନ୍ଦରଗଡ଼ ଜିଲା

ଅବସ୍ଥିତି—ବଣେଇ ଓ ଗାଙ୍ଗପୁର ଏହି ଦୁଇଟି ରାଜ୍ୟ ମିଶି ସୁନ୍ଦରଗଡ଼ ଜିଲା ଗଠିତ ହୋଇଅଛି । ଏହାର ଉତ୍ତରରେ ବିହାର ପ୍ରଦେଶ, ଦକ୍ଷିଣରେ ସମ୍ବଲପୁର, ପୂର୍ବରେ କେନ୍ଦୁଝର ଏବଂ ପଶ୍ଚିମରେ ମଧ୍ୟପ୍ରଦେଶ ଅବସ୍ଥିତ ।

ପ୍ରାକୃତିକ ଗଠନ—ଏହା ଓଡ଼ିଶାର ବିଖଣ୍ଡିତ ମାଳ ଭୂମିରେ ଅବସ୍ଥିତ । ଏହା ଛୋଟନାଗପୁର ମାଳଭୂମିର ଅନ୍ତର୍ଗତ । ଏହାର ଉପରିଭାଗ ପର୍ବତ ଓ ଅରଣ୍ୟମୟ । ବଣେଇରେ ଘନ ଅରଣ୍ୟ ଦେଖାଯାଏ ।

ଜଳବାୟୁ—ଏହି ସ୍ଥାନର ଜଳବାୟୁ ସମ୍ବଲପୁର ଜିଲ୍ଲାର ଜଳବାୟୁ ପରି । ପାହାଡ଼ିଆ ଅଞ୍ଚଳ ଯୋଗୁଁ ଖରାଦିନେ ବେଶୀ ଗରମ ଓ ଶୀତ ଦିନେ ବେଶୀ ଶୀତ ଜଣାଯାଏ । ବର୍ଷାଦିନେ ଏହି ପାହାଡ଼ିଆ ଅଞ୍ଚଳରେ ଅଧିକ ପରିମାଣରେ ବର୍ଷା ହୁଏ ।

ନଦୀମାନଙ୍କର ନାମ—ଏହାର ପୂର୍ବାଞ୍ଚଳରେ ଇବ ଓ ତାହାର ପ୍ରଧାନ ଉପନଦୀ ସଫେଇ, ଇଚ୍ଛା ଓ ତମଗାଁ ଆଦି ପ୍ରବାହିତ । କୋଏଲ ଓ ଶଙ୍ଖ ନାମକ ଦୁଇଟି ନଦୀ ଛୋଟନାଗପୁରଠାରୁ ବାହାରି ନାଗ୍ରାଠାରେ ମିଳିତ ହୋଇ ବ୍ରାହ୍ମଣୀ ନାମ ଧାରଣ କରିଅଛି । କୁରଡ଼ି, ହଂସରଡ଼ି, କଣ୍ଟଙ୍ଗମୂଳା, କରିପାଣି, ନାଗ୍ରାକୋର ବ୍ରାହ୍ମଣୀ ନଦୀର ଉପନଦୀ ।

Digitized by PPRACHIN, SOA

ଫସଲ ଓ ଖଣିଜଦ୍ରବ୍ୟ—ଧାନ, ମକା, ମୁଗ, ବର, ରାଶି ଓ ଚିନାବାଦାମ ଏଠାର ପ୍ରଧାନ ଫସଲ । ଅରଣ୍ୟଜାତ ଜିନିଷମାନଙ୍କ



ମଧ୍ୟରେ ଲାଖ, ଝୁଣା, କାଠ, ବାଉଁଶ, ଗୁରମଞ୍ଜି, କେନ୍ଦୁପତ୍ର, ସବାଇ ଘାସ ପ୍ରଧାନ । ଏଠାର କାଠ ଓ ଟସର ଓଡ଼ିଶାବିଖ୍ୟାତ ଏହା ଛଡ଼ା ଲୁହା, ଅଭ୍ର, ମାଙ୍ଗାନିଜ ଓ ଗେଙ୍ଗୁଟି ପଥର ପ୍ରଚୁର ପରିମାଣରେ ମିଳେ ।

Digitized by PPRACHIN, SOA

ରାଜନୈତିକ ବିଭାଗ—ଏହି ଜିଲାକୁ ତିନୋଟି ସବ୍‌ଡିଭି-ଜନରେ ବିଭକ୍ତ କରାଯାଇ ଅଛି ।

(୧) ସୁନ୍ଦରଗଡ଼ ସଦର (୨) ନାଗ୍ରା—ପାନପୋଷ (୩) ବଣାଇ ।

ପ୍ରସିଦ୍ଧ ସ୍ଥାନ

ପାନପୋଷ—କୋଏଲ ଓ ଶଙ୍ଖ ନଦୀର ସଙ୍ଗମ ସ୍ଥଳରେ ପ୍ରତିବର୍ଷ ଗୋଟିଏ ବଡ଼ ମେଳା ହୁଏ । ଏହା ସବ୍‌ଡିଭିଜନର ସଦର ମହକୁମା ।

ନାଗପୁର ରେଲପଥରୁ ଗୋଟିଏ ଶାଖା ରେଲପଥ ରୌରକେଲା-ଠାରୁ ବୀରମିତ୍ରପୁର ପର୍ଯ୍ୟନ୍ତ ଯାଇଅଛି ।

ରାଜଗାଙ୍ଗପୁର—ଏଠାରେ ଏକ ସିମେଣ୍ଟ କାରଖାନା ପ୍ରତିଷ୍ଠିତ ହୋଇଛି ।

ବିସ୍ରା—ଏଠାରେ ଗୋଟିଏ ଚୂନ କାରଖାନା ଅଛି ।



ସୁନ୍ଦରଗଡ଼—ଇବନଦୀ କୂଳରେ । ଅବସ୍ଥିତ ଏହା ଜିଲାର ସଦର ମହକୁମା ଅଟେ । ଏହା ଝାରସୁଗୁଡ଼ା ଷ୍ଟେସନଠାରୁ ୧୯ ମାଇଲ ଦୂରରେ ଅବସ୍ଥିତ ।

ବଣାଇ—ଏହା ଗାଙ୍ଗପୁରର ଦକ୍ଷିଣରେ ଓ ବାମଣ୍ଡାର ପୂର୍ବରେ ଅବସ୍ଥିତ । ମାଙ୍କଡ଼ନଚା (୩୬୩୯ ଫୁଟ), ବାଦାମଗଡ଼ (୩୦୫୦ ଫୁଟ), କୁମରିତାର

Digitized by PPRACHIN, SOA

(୩୧୯୦ ଫୁଟ), ଚେଲିପଟୋଙ୍କା (୩୬୦୮ ଫୁଟ) ପ୍ରଭୃତ ଅନେକ ପର୍ବତ ରହିଅଛି । ଖଣ୍ଡାଧାର ଜଳପ୍ରପାତ ଦୃଶ୍ୟ ଅତୀବ ରମଣୀୟ । ଏହି ଅଞ୍ଚଳରେ ଲୁହା ଓ ମାଙ୍ଗାନିଜର ଖଣି ଅଛି । ଅନେକ ଆଦିମ ଅଧିବାସୀ ଏଠାରେ ବାସ କରିବାର ଦେଖାଯାଏ ।

ବଣାଇଗଡ଼—ଏହା ସବ୍‌ଡିଭିଜନର ସଦର ମହକୁମା ।

ଫୁଲବାଣୀ ଜିଲା

ଅବସ୍ଥିତି—କନ୍ଧମାଳ, ବାଲିଗୁଡ଼ା ଓ ବୌଦ ରାଜ୍ୟ ମିଶି ଫୁଲବାଣୀ ଜିଲା ଗଠିତ ହୋଇଅଛି । ଏହାର ଉତ୍ତରରେ ବଲାଙ୍ଗୀର-ପାଟଣା ଓ ଢେଙ୍କାନାଳ, ଦକ୍ଷିଣରେ ଗଞ୍ଜାମ ଜିଲା, ପୂର୍ବରେ ଗଞ୍ଜାମ ଓ ପୁରୀ ଜିଲା ଏବଂ ପଶ୍ଚିମରେ ବଲାଙ୍ଗୀରପାଟଣା ଜିଲା ଅବସ୍ଥିତ ।

ପ୍ରାକୃତିକ ଗଠନ—ଏହା ଗୋଟିଏ ଉଚ୍ଚ ମାଳଭୂମି । ଏହାର ଉଚ୍ଚତା ୧୫୦୦ ଫୁଟ । ଏହା ପର୍ବତ ଓ ଅରଣ୍ୟଦ୍ୱାରା ପୂର୍ଣ୍ଣ । ଏଥିରେ ଅତି ଅଳ୍ପ ସମତଳ ଭୂମି ଦେଖାଯାଏ । ଏହାର ଭୂମି ଦକ୍ଷିଣ ଦିଗରୁ ଉତ୍ତର ଦିଗକୁ ଢାଲୁ ଅଟେ । ଦଣ୍ଡିକଞ୍ଜ (୩୬୩୦୮ ଫୁଟ), ବୁମ୍ବନି (୩୧୦୪ଫୁଟ), ମନ୍ଦେସର (୩୦୮୧ ଫୁଟ), ପିଚ୍ଛଅସାରୁ (୩୦୩୮ ଫୁଟ), ଟେଶୈର (୨୯୫୭ ଫୁଟ), ପାଲଦୀ (୨୯୧୨ ଫୁଟ) ପ୍ରଭୃତି ଅନେକ ଉଚ୍ଚ ପର୍ବତ ଏଥିରେ ଦେଖାଯାଏ ।

ନଦୀ—ଏହି ଜିଲାରେ ମହାନଦୀର ଉପନଦୀ ବାଘ, ସାଲୁଙ୍କୀ ଓ ହାତୀସମଦା ପ୍ରଧାନ ଅଟେ । ଏହି ନଦୀଗୁଡ଼ିକ ଖରାଦିନେ ଶୁଖିଯାନ୍ତି ।

Digitized by PPRACHIN, SOA

ବାଘନଦୀ କନ୍ଧମାଳର କୁନ୍ଦଗଡ଼ରୁ ବାହାରି ବୌଦ୍ଧ ମଧ୍ୟ ଦେଇ ମହାନଦୀରେ ପଡ଼ିଅଛି । ସାଲୁଙ୍କୀ ଗଞ୍ଜାମ ଜିଲ୍ଲାରୁ ବାହାରି ବୌଦ୍ଧ ମଧ୍ୟଦେଇ ମହାନଦୀରେ ପଡ଼ିଅଛି ।



ଜଳବାୟୁ—ଏହି ଜିଲ୍ଲା ସମୁଦ୍ରଠାରୁ ଦୂରରେ ଅବସ୍ଥିତ ଓ ପର୍ବତମୟ ମାଳଭୂମି ହୋଇଥିବାରୁ ଖରାଦିନେ ଦିନବେଳେ ଖୁବ୍ ଗରମ ଓ ରାତିରେ ଖୁବ୍ ଥଣ୍ଡା ଜଣାଯାଏ । ବର୍ଷାଦିନେ ମଧ୍ୟ ଅଧିକ ବର୍ଷା ହୁଏ । ହାରାହାରି ବାର୍ଷିକ ବୃଷ୍ଟିପାତର ପରିମାଣ ୬୨ ଇଞ୍ଚ । ଶୀତଦିନେ ଖୁବ ଶୀତ ହୁଏ । ବାରମାସଯାକ ରାତିରେ ଲୋକମାନେ ଲୁଗା ଘୋଡ଼ି ନ ହୋଇ ଶୋଇ ପାରନ୍ତି ନାହିଁ । ଏହାର ଜଳବାୟୁ ଅସ୍ୱାସ୍ଥ୍ୟକର ।

Digitized by PPRACHIN, SOA

ଫସଲ—ପାହାଡ଼ ଓ ଅରଣ୍ୟପୂର୍ଣ୍ଣ ହୋଇଥିବାରୁ ଏଥିରେ ଭଲ ଫସଲ ହୁଏ ନାହିଁ । ଏଠାର ଅଧିବାସୀ ଜନମାନେ ବଣରୁ ଫଳମୂଳ ଓ ଶିକାର କରି ପେଟ ପୋଷୁଥିବାରୁ ଅଧିକ ଶସ୍ୟ ଉତ୍ପାଦନ କରିପାରନ୍ତି ନାହିଁ । ଅଳ୍ପ ପରିମାଣରେ ଧାନ ଫସଲ ହୁଏ । ଜନମାନେ ଅଧିକ ପରିମାଣରେ ହଳଦୀ ଚାଷ କରନ୍ତି । ଅଳ୍ପ ପରିମାଣରେ ରବି ଫସଲ ମଧ୍ୟ ହୁଏ ।

ପ୍ରସିଦ୍ଧ ସ୍ଥାନ



ଫୁଲବାଣୀ— ଜିଲାର ସଦର ମହକୁମା ଅଟେ । ଏଠାରେ କଚେରୀ, ଡାକ୍ତରଖାନା ଓ ସ୍କୁଲ ଅଛି ।

ବାଲସ୍କୁମ୍ପା—ବଡ଼ ରାଉଳ ଠାକୁରାଣୀଙ୍କ ପାଇଁ ପ୍ରସିଦ୍ଧ । ଏଠାରେ ଅଶ୍ୱିନ ମାସରେ ବଡ଼ ମେଳା ହୁଏ ।

ବୌଦ୍ଧ—ମହାନଦୀ କୂଳରେ କନ୍ଧମାଳର ଉତ୍ତରରେ ଓ ଦଶପଲ୍ଲାର ପଶ୍ଚିମରେ ଅବସ୍ଥିତ । ଏହା ପର୍ବତ ଓ ଅରଣ୍ୟପୂର୍ଣ୍ଣ ଅଟେ । ବାଙ୍କମୁଣ୍ଡୀ ପର୍ବତ (୨୦୮୦ ଫୁଟ) ବୌଦ୍ଧ ରାଜ୍ୟରେ ଅବସ୍ଥିତ ।

ବୌଦ୍ଧ ଗଡ଼—ସବଡ଼ିଭିଜନର ସଦର ମହକୁମା । ଏଠାରେ ପ୍ରାଚୀନ ବୌଦ୍ଧ ମନ୍ଦିର ଅଛି ।

Digitized by PPRACHIN, SOA

ବଲାଙ୍ଗୀର-ପାଟଣା ଜିଲା

ଅବସ୍ଥିତି—ସୋନପୁର ଓ ପାଟଣା ରାଜ୍ୟ ମିଶି ଏହି ଜିଲା ଗଠିତ ହୋଇଅଛି । ଏହାର ଉତ୍ତରରେ ସମ୍ବଲପୁର ଜିଲା, ଦକ୍ଷିଣରେ କଳାହାଣ୍ଡି ଜିଲା, ପୂର୍ବରେ ଫୁଲବାଣୀ ଓ ଢେଙ୍କାନାଳ ଜିଲା, ଏବଂ ପଶ୍ଚିମରେ ସମ୍ବଲପୁର ଜିଲାର ଖଡ଼ିଆଲ ଅବସ୍ଥିତ ।



ପ୍ରାକୃତିକ ଗଠନ—ଏହି ଜିଲାର ଅଧିକାଂଶ ପୂର୍ବଘାଟ ଉଚ୍ଚ ଭୂମିର ଅନ୍ତର୍ଗତ । ଏହା କଳାହାଣ୍ଡି ଜିଲା ପରି ପାହାଡ଼ିଆ ନୁହେଁ । ପାଟଣାର କେତେକ ଅଞ୍ଚଳ ଓ ସୋନପୁରର ଅଧିକାଂଶ

Digitized by PPRACHIN, SOA

ଅଞ୍ଚଳ ସମତଳ ଅଟେ । ଏହାର ସମତଳ ଅଞ୍ଚଳ ମହାନଦୀର ଉପତ୍ୟକାରେ ଅବସ୍ଥିତ ।

ନଦୀ—ମହାନଦୀ, ଅଙ୍ଗ, ତେଲ, ସୁକ୍‌ତେଲ, ବାରଭାଇଜନ୍ତ, ଲୋନଗଡ଼, ଖଡ଼ଙ୍ଗ, ଜନ୍ଦେର ଓ ସୁହୁଲ ଏହି ଜିଲାର ପ୍ରଧାନ ନଦୀ ଅଟେ ।

ଫସଲ ଓ ଖଣିଜଦ୍ରବ୍ୟ— ଧାନ, ମୁଗ, କୋଳଥ, ଚଣା, ସୋରିଷ, ମାଣ୍ଡିଆ ଓ ମକା ଏହାର ପ୍ରଧାନ ଫସଲ । ଏହାର ଅରଣ୍ୟରୁ ରେଙ୍ଗାଲ, ବଉଁଶ, ଶାଗୁଆନ, ଶିଶୁ, ବାଉଁଶ, ମହୁଲ, ଲାଖ, ଖଇର, ମହୁ, ଟସର ଓ କେନ୍ଦୁପତ୍ର ପ୍ରଚୁର ପରିମାଣରେ ମିଳେ ।

ଏଠାରେ ମାଙ୍ଗାନିଜ, ଅଭ୍ର ଓ ଲୁହା ଖଣିମାନ ଦେଖାଯାଏ ।

ଜଳବାୟୁ—ସମ୍ବଲପୁର ଜିଲା ସହିତ ଏହାର ଜଳବାୟୁ ପ୍ରାୟ ସମାନ । ଖରାଦିନେ ମାଳ ଅଞ୍ଚଳରେ ଅଧିକ ଗରମ ଓ ଶୀତଦିନେ ଅଧିକ ଶୀତ ହୁଏ । ବର୍ଷାଦିନେ ମଧ୍ୟ ଅଧିକ ବର୍ଷା ହୁଏ ।

ଶାସନ—ଏହି ଜିଲାକୁ ଚାରିଗୋଟି ସବ୍‌ଡିଭିଜନରେ ବିଭକ୍ତ କରାଯାଇଅଛି । ଯଥା —

୧—ବଲାଙ୍ଗୀର ସଦର ।
୨—ଟିଟିଲାଗଡ଼ ।
୩—ପାଟଣା ଗଡ଼ ।
୪—ସୋନପୁର ।

Digitized by PPRACHIN, SOA



ପ୍ରସିଦ୍ଧ ସ୍ଥାନ

ବଲାଙ୍ଗୀର—ଏହା ଜିଲାର ସଦର ମହକୁମା ଅଟେ। ଏଠାରେ ଗୋଟିଏ କଲେଜ ଅଛି।

ଲୋଇସିଂହା—ଏହା ଗୋଟିଏ ବାଣିଜ୍ୟର କେନ୍ଦ୍ର ଅଟେ।

ଦେଓଗାଁ—ଏଠାରେ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ଅଛି।

ଜରାସିଂହ—ଶୁନଗଡ଼ ନଦୀକୂଳରେ ଅବସ୍ଥିତ। ଏଠାରେ ଦଶହରାକୁ ବଡ଼ ମେଳା ହୁଏ

ତୋଷରା—ଏହା ଗୋଟିଏ ଷଣ୍ଡ ଗ୍ରାମ। ଏଠାରେ ଗୋଟିଏ ପ୍ରାଚୀନ ଗଡ଼ ଅଛି।

ଟିଟିଲାଗଡ଼—ଏହା ଏ ସବ୍‌ଡିଭିଜନର ସଦର ମହକୁମା ଓ ବାଣିଜ୍ୟର କେନ୍ଦ୍ର ଅଟେ।

ସିନ୍ଧେକେଲା—ଏଠାରେ ଦଧିବାମନଙ୍କର ମନ୍ଦିର ଅଛି।

କଣ୍ଟାବାଞ୍ଜି—ଏହା ପ୍ରଧାନ ରେଲଷ୍ଟେସନ ଓ ବାଣିଜ୍ୟର କେନ୍ଦ୍ରସ୍ଥଳ ଅଟେ।

Digitized by PPRACHIN, SOA

ପାଟଣାଗଡ଼—ଏହା ଏହି ସବ୍‌ଡିଭିଜନର ସଦର ମହକୁମା ଅଟେ । ଗନ୍ଧମାର୍ଦ୍ଦନ ପର୍ବତ ଏହାର ପଶ୍ଚିମରେ ଅବସ୍ଥିତ । ଏହାର ପାଦ ଦେଶରେ ନୃସିଂହନାଥ ନାମକ ଏକ ତୀର୍ଥସ୍ଥାନ ଅଟେ । ହରିଶଙ୍କରଙ୍କ ମନ୍ଦିର ଓ ଶରସ୍ୱତୀ ଝରଣା ଅଛି । ଏହାର ଜଳବାୟୁ ସ୍ୱାସ୍ଥ୍ୟକର । ଏଠାରେ ଗୋଟିଏ ସୁନ୍ଦର ପ୍ରାକୃତିକ ବଗିଚା ଅଛି ।

ଲାଠୋର—ଏହି ଷ୍ଟେସନରୁ କଢ଼କାଠ ଓ ବାଉଁଶ ରାଯ୍ପୁର ଓ ବିଜୟନଗରକୁ ରପ୍ତାନୀ କରାଯାଏ ।



ସୋନପୁର—ମହାନଦୀ ଓ ତେଲ ନଦୀର ମିଳନ ସ୍ଥଳରେ ଅବସ୍ଥିତ । ଏହା ବାଣିଜ୍ୟର କେନ୍ଦ୍ର ଓ ଏହି ସବ୍‌ଡିଭିଜନର ସଦର ମହକୁମା ଅଟେ । ଏଠାରେ ଭଲ ତନ୍ତଲୁଗା, ଟସର ଓ ପାଠଲୁଗା ମିଳେ । ଏହି ଦୁଇ ନଦୀର ମିଳନ ସ୍ଥଳରେ ସୋମେଶ୍ୱର ମନ୍ଦିର ଓ ପର୍ଶୁରାମଙ୍କର ଯଜ୍ଞକୁଣ୍ଡ ଅଛି ।

ବିନକା—ଏଠାରେ ଭଲ ପାଠଲୁଗା ମିଳେ ।

କଳାହାଣ୍ଡି ଜିଲ୍ଲା

ଅବସ୍ଥିତ— ନୂଆପଡ଼ ଓ କଳାହାଣ୍ଡି ମିଶି ଏହି ଜିଲ୍ଲା ଗଠିତ ହୋଇଅଛି । ଏହାର ଉତ୍ତରରେ ବଲାଙ୍ଗୀର ପାଟଣା ଜିଲ୍ଲା, ଦକ୍ଷିଣରେ କୋରାପୁଟ ଜିଲ୍ଲା, ପୂର୍ବରେ ଗଞ୍ଜାମ ଜିଲ୍ଲା ଏବଂ ପଶ୍ଚିମରେ ମଧ୍ୟପ୍ରଦେଶ ଅବସ୍ଥିତ ।

Digitized by PPRACHIN, SOA

ପ୍ରାକୃତିକ ଗଠନ—ଏହା ଗୋଟିଏ ଉଚ୍ଚ ପର୍ବତମୟ ଜିଲ୍ଲା । ପୂର୍ବଘାଟ ପର୍ବତ ଏହାମଧ୍ୟରେ ବିସ୍ତୃତ ହୋଇଅଛି । ଏହାର ଭୂମି ପର୍ବତ



ଓ ଅରଣ୍ୟପୂର୍ଣ୍ଣ । ଏହାର ଉତ୍ତର-ପଶ୍ଚିମରେ କେବଳ ସମତଳ ଭୂମି ଦେଖାଯାଏ । ଏଥିରେ କୋରାପୁଟ (୪୧୮୨ ଫୁଟ), ଚାରକ୍ଟାଡର

Digitized by PPRACHIN, SOA

(୪୨୮୧ ଫୁଟ), ଝିକଖଗୁର (୩୬୮୩ ଫୁଟ) ଓ ନୂଆପଡ଼ା ଅନ୍ତର୍ଗତ ଭଟଘାଉ (୩୨୩୫ ଫୁଟ) ପ୍ରଭୃତି ଉଚ୍ଚ ପର୍ବତ ଅଛି ।

ନଦୀ—ଇନ୍ଦ୍ରାବତୀ ଓ ତେଲ ନଦୀ ଏହି ଜିଲାରେ ପ୍ରବାହିତ ହୋଇଅଛି । ଏହାଛଡ଼ା ସଗଡ଼ା, ରହେଇ, ହେତନଦୀ ଏବଂ ନୂଆପଡ଼ାର ସୁନ୍ଦର, ଉଦନ୍ତୀ ଓ ହାତୀ ନଦୀଗୁଡ଼ିକ ପ୍ରବାହିତ ହେଉଅଛନ୍ତି ।

ଜଳବାୟୁ—ଏହାର ଜଳବାୟୁ କୋରାପୁଟ ଜିଲାର ଜଳବାୟୁ ପରି ଅଟେ । ଏହା ଗୋଟିଏ ଉଚ୍ଚ ମାଳଭୂମି ଓ ସମୁଦ୍ରଠାରୁ ଦୂରରେ ଅବସ୍ଥିତ ଥିବାରୁ ଖରାଦିନେ ବେଶୀ ଗରମ ଓ ଶୀତଦିନେ ବେଶି ଶୀତ ହୁଏ । ବର୍ଷାଦିନେ ଏଠାରେ ପ୍ରଚୁର ବର୍ଷା ମଧ୍ୟ ହୁଏ । ଏହାର ଜଳବାୟୁ ସ୍ୱାସ୍ଥ୍ୟକର ନୁହେଁ ।

ଫସଲ—ଧାନ ଏହି ଜିଲାର ପ୍ରଧାନ ଫସଲ । ସମତଳ ଅଞ୍ଚଳରେ ଧାନ ଓ ଗହମ ଏବଂ ପାହାଡ଼ିଆ ଅଞ୍ଚଳରେ ମାଣ୍ଡିଆ ଅଧିକ ପରିମାଣରେ ଚାଷ କରାଯାଏ । ଏହାଛଡ଼ା ମକା, ମୁଗ, ଚଣା, କୋଳଥ, କପା, ଧୂଆଁପତ୍ର, ଝୋଟ, ଛଣପଟ ପ୍ରଭୃତି ଫସଲ ହୁଏ । ଅରଣ୍ୟରୁ ଶାଳ, ଶିଶୁ, ଶାଗୁଆନ କାଠ, ବାଉଁଶ, ଖଇର, ମହୁଲ, ଚମଡ଼ା ଓ ଲାଖ ପ୍ରଭୃତି ପ୍ରଚୁର ପରିମାଣରେ ମିଳେ ।

ଖଣିଜଦ୍ରବ୍ୟ—ଅଭ୍ର, ବକ୍‌ସାଇଟ୍ ଓ ସ୍ଲେଟ ପଥରର ଖଣି ଏଠାରେ ରହିଅଛି ।

ଶାସନ—ଏହି ଜିଲାକୁ ଚାରିଭାଗରେ ବିଭକ୍ତ କରାଯାଇ-ଅଛି । ଯଥା—

(୧) ଭବାନୀପାଟଣା (୨) ଧର୍ମଗଡ଼ (୩) ଥୁଆମୁଲରାମପୁର (୪) ନୂଆପଡ଼ା ।

Digitized by PPRACHIN, SOA

ପ୍ରସିଦ୍ଧ ସ୍ଥାନ—

ଭବାନୀପାଟଣା—ଏହା କଳାହାଣ୍ଡି ଜିଲ୍ଲାର ସଦର ମହକୁମା ଅଟେ । ଏହା କୃଷିଲବ୍ଧ ଓ ଅରଣ୍ୟଲବ୍ଧ ଜିନିଷର ପ୍ରଧାନ କେନ୍ଦ୍ର ।

ଖଡ଼ିଆଳ—ନୂଆପଡ଼ା ସବ୍‌ଡ଼ିଭିଜନର ସଦର ମହକୁମା । ଏହି ଅଞ୍ଚଳର ଅରଣ୍ୟଲବ୍ଧ ଜିନିଷ ଏହି ଷ୍ଟେସନରୁ ରପ୍ତାନୀ ହୁଏ ।

ରାବଣଧାର—ଭବାନୀପାଟଣାଠାରୁ ୮ ମାଇଲ ଦୂରରେ ରାବଣଧାର ଜଳ ପ୍ରପାତ ଅବସ୍ଥିତ ।

ନାରଲା—ଭବାନୀପାଟଣାର ଉତ୍ତର-ପୂର୍ବରେ ରେଳପଥ ପାଖରେ ନାରଲା (ଅସୁରଗଡ଼) ଠାରେ ଅନେକ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ଅଛି ।

ବେଲଖଣ୍ଡି—ତେଲ ଓ ଉତ୍ତେଇ ନଦୀର ମିଳନ ସ୍ଥଳରେ ଅବସ୍ଥିତ । ଏଠାରେ ପ୍ରାଚୀନ ଶିବମନ୍ଦିର ଅଛି ।

ଲାଞ୍ଜୀଗଡ଼—କେଶିଙ୍ଗା ରେଳଷ୍ଟେସନର ଉତ୍ତର-ପୂର୍ବରେ ଅବସ୍ଥିତ । ଏଠାରେ ଭଲ ଆମ୍ବ, ପଣସ, କଦଳୀ ଓ କମଳାଲେମ୍ବୁ ମିଳେ ।

ଧର୍ମଗଡ଼—ଏହା ଧର୍ମଗଡ଼ ସବ୍‌ଡ଼ିଭିଜନର ପ୍ରଧାନ ସହର ।

ଜୟପାଟଣା—ତେଲ ନଦୀର ଉପନଦୀ ହାତୀ ନଦୀର ପଶ୍ଚିମ ପାଖରେ ଅବସ୍ଥିତ । ଏଠାରୁ ଲକ୍ଷ ଲକ୍ଷ ଟଙ୍କାର ଲାଖ ଆମଦାନୀ କରାଯାଏ ।

ଇନ୍ଦ୍ରମାଳୀ—କାଶୀପୁରର ତିନି ହଜାର ଫୁଟ ଉଚ୍ଚରେ ଅବସ୍ଥିତ । ଏହା ଗୋଟିଏ ରମଣୀୟ ସ୍ଥାନ ।

ଗୁଡ଼ହାଣ୍ଡି—ଗୁଡ଼ହାଣ୍ଡି ପାହାଡ଼ର ପ୍ରାକୃତିକ ଶୋଭା ଓ କେତେକ ଗୁମ୍ଫା ସକାଶେ ବିଖ୍ୟାତ । ଏହି ଗୁମ୍ଫାରେ ଲାଲ ଓ କଳା ରଙ୍ଗର ଅନେକ ପ୍ରାଚୀନ କୀର୍ତ୍ତି ଅଛି ।

Digitized by PPRACHIN, SOA

ଥୁଆମୂଳ-ରାମପୁର—ଏହା ଏହି ସବ୍‌ଡ଼ିଭିଜନର ସଦର ମହକୁମା ଅଟେ । ଏଠାରେ ଚନ୍ଦନ ଗଛ ଅଛି ।

ଡୋମନା—ଏଠାରେ ଗୋଟିଏ ପ୍ରାଚୀନ ନଗରର ଭଗ୍ନାବଶେଷ ଦେଖ ଯାଏ ।

ଖଡ଼ିଆଳ—ଏହା ଗୋଟିଏ ଗ୍ରାମ ଓ ବାଣିଜ୍ୟର କେନ୍ଦ୍ର ।

ପେନାପାଲି—ଲୁଗାବୁଣା ସକାଶେ ବିଖ୍ୟାତ ।

ଖଡ଼ିଆଳ ରୋଡ—ଏହା ଗୋଟିଏ ପ୍ରଧାନ ରେଲଷ୍ଟେସନ । ଏହା ସ୍ୱାସ୍ଥ୍ୟକର ସ୍ଥାନ ଓ ଅରଣ୍ୟଲବ୍ଧ ଜିନିସର କେନ୍ଦ୍ରସ୍ଥାନ ଅଟେ ।

କେନ୍ଦୁଝର ଜିଲା

ଅବସ୍ଥିତ—ଏହି ଜିଲାର ଉତ୍ତର ଦିଗରେ ବିହାର ପ୍ରଦେଶର ସିଂହଭୂମ ଜିଲା, ଦକ୍ଷିଣରେ ଢେଙ୍କାନାଳ ଓ କଟକ ଜିଲା, ପୂର୍ବରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ଏବଂ ପଶ୍ଚିମରେ ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲା ଅବସ୍ଥିତ ।

ପ୍ରାକୃତିକ ବିଭାଗ—ଏହା ପଶ୍ଚିମରୁ ପୂର୍ବକୁ କ୍ରମେ ଗଡ଼ାଣିଆ ଅଟେ । ଏହା ଓଡ଼ିଶାର ବିଖଣ୍ଡିତ ମାଳଭୂମିରେ ଅବସ୍ଥିତ । ଏହି ଜିଲା ପର୍ବତ ଓ ଅରଣ୍ୟଦ୍ୱାରା ପୂର୍ଣ୍ଣ । ଗନ୍ଧମାର୍ଦ୍ଦନ ପର୍ବତ ଏହି ଜିଲାର ମଧ୍ୟଭାଗରେ ଅବସ୍ଥିତ । ଏହାର ଉଚ୍ଚତା ୩୪୭୯ ଫୁଟ । ଏହାଛଡ଼ା ଠାକୁରାଣୀ ଓ ତୋମାକ ନାମକ ଆଉ ଦୁଇଟି ପର୍ବତ ଅଛି । ଗୋନାସିକା ପର୍ବତ ମଧ୍ୟ ଏହାର ମଧ୍ୟଭାଗରେ ରହିଅଛି ।

ନଦୀ—ବୈତରଣୀ ଗୋନାସିକା ପର୍ବତରୁ ବାହାରିଅଛି । ଏହାର ପଶ୍ଚିମ ପାଖରୁ କେତେଗୁଡ଼ିଏ ଉପନଦୀ ବାହାରି ଏହା ସହିତ ମିଳିତ ହୋଇଅଛି । ଯଥା—ଅରଡ଼େଇ, କାଳୀଦସି, ସୀତା, ମୁସଳ, କାରକାଙ୍କ ଓ କୁସେଇ । ଏହାଛଡ଼ା ମାଛକାନ୍ଦଣା ନାମରେ

Digitized by PPRACHIN, SOA

ଏକ ନଦୀ ବାର୍ହସ୍ପସ ନାମକ ପର୍ବତରୁ ବାହାରି କେନ୍ଦୁଝର ଗଡ଼ର ନିକଟରେ ଅରଡେଇ ନଦୀରେ ପଡ଼ୁଅଛି । ଏଥିରେ ବଡ଼ଘାଘରା ଓ ସାନଘାଘରା ନାମକ ଦୁଇଟି ଜଳପ୍ରପାତ ଅଛି ।



ଜଳବାୟୁ—ଏ ଜିଲାର ପାହାଡ଼ିଆ ଭୂମିରେ ଖରାଦିନେ ଅଧିକ ଗରମ ଓ ଶୀତଦିନେ ଅଧିକ ଶୀତ ହୁଏ । ବର୍ଷାଦିନେ ମଧ୍ୟ ଅଧିକ ପରିମାଣରେ ବର୍ଷା ହୁଏ ।

ଫସଲ—ଧାନ ଏହି ଜିଲାର ପ୍ରଧାନ ଫସଲ ଅଟେ । ଏଥିରେ ସୋରିଷ ଓ ନାନାପ୍ରକାର ରବି ଫସଲ ଅଧିକ ପରିମାଣରେ ଜନ୍ମେ । ଏହାଛଡ଼ା ଅରଣ୍ୟରୁ ନାନାପ୍ରକାର ଶାଳ, ପିଆଶାଳ,

Digitized by PPRACHIN, SOA

ଦାବିଣ କାଠ, ଲାଖ, ଝୁଣା, ମହୁଲ, ଚମଡ଼ା ଓ ଜାତିଧାନ୍ୟ ମିଳେ ।
ଏଠାରେ ଭଲ ଝୁଣା ଲୁଗା ମିଳେ ।

ଖଣିଜଦ୍ରବ୍ୟ—ଲୁହା, କୋଇଲା ଓ ମାଙ୍ଗାନିଜ ଏହି ଜିଲାର ପ୍ରଧାନ ଖଣିଜଦ୍ରବ୍ୟ ଅଟେ ।

ଶାସନ—ଏହି ଜିଲାକୁ ତିନିଗୋଟି ସବଡିଭିଜନରେ ବିଭକ୍ତ କରାଯାଇଅଛି । ଯଥା—(୧) କେନ୍ଦୁଝର ସଦର (୨) ଆନନ୍ଦପୁର (୩) ଚମ୍ପୁଆ ।

ପ୍ରସିଦ୍ଧ ସ୍ଥାନ—

କେନ୍ଦୁଝର ଗଡ଼—ଏହା ଏହି ଜିଲାର ସଦର ମହକୁମା । ଏଠାରେ ବଳଦେବ ଜୀଉଙ୍କର ସୁନ୍ଦର ମନ୍ଦିର ଅଛି ।

ଘଟଗାଁ—କେନ୍ଦୁଝରର ଦକ୍ଷିଣ-ପୂର୍ବରେ ଅବସ୍ଥିତ । ଏହା ତାରିଣୀ ଠାକୁରାଣୀଙ୍କ ମନ୍ଦିର ସକାଶେ ବିଖ୍ୟାତ ।

ରାଜନଗର—କେନ୍ଦୁଝର ଗଡ଼ର ଉତ୍ତର-ପୂର୍ବରେ ବୈତରଣୀ ନଦୀକୂଳରେ ଅବସ୍ଥିତ । ଏଠାରେ ପ୍ରାଚୀନ ଗଡ଼ର ଭଗ୍ନାବଶେଷ ଅଛି ।

ଗୋନାସିକା—କେନ୍ଦୁଝର ଗଡ଼ର ୧୬ ମାଇଲ ଦକ୍ଷିଣରେ ଅବସ୍ଥିତ । ଏହା ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ । ଏଠାରେ ଅନେକ ପ୍ରାଚୀନ ମନ୍ଦିର ଅଛି ।

କତକଟୋଲ—କେନ୍ଦୁଝର ଗଡ଼ର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ । ଲାଖ ଓ ଝୁଣାର କାରବାର ପାଇଁ ବିଖ୍ୟାତ ।

ସୀତାବାଞ୍ଜି—କେନ୍ଦୁଝର ଗଡ଼ଠାରୁ ୧୬ ମାଇଲ ଦୂରରେ ଅବସ୍ଥିତ । ଏହା ଗୋଟିଏ ଐତିହାସିକ ସ୍ଥାନ ଅଟେ । ଏହାର ପର୍ବତ-ଗୁମ୍ଫାରେ ପ୍ରାଚୀନ ରଙ୍ଗିନ୍ ଚିତ୍ର ଦେଖାଯାଏ ।

Digitized by PPRACHIN, SOA

ଡମ୍ପୁଆ—ଏହା ଏହି ସବୃଡିଭିଜନର ସଦର ମହକୁମା ଅଟେ । ଏଠାରେ ଚନ୍ଦ୍ରଶେଖରଙ୍କର ମନ୍ଦିର ଅଛି ।

ଚମକପୁର—ବୈତରଣୀ ନଦୀକୂଳରେ ଦ୍ୱାରଶୁଣୀ ଠାକୁରାଣୀଙ୍କ ମନ୍ଦିର ସକାଶେ ବିଖ୍ୟାତ । ମଣାସଂକ୍ରାନ୍ତି ଦିନ ଏଠାରେ ଗୋଟିଏ ମେଳା ହୁଏ ।

ବଡ଼ବିଲ—ଏହି ଜିଲାର ଉତ୍ତର ସୀମାରେ ଅବସ୍ଥିତ । ଏଠାରେ ଗୋଟିଏ ମାଙ୍ଗାନିଜ ଖଣି ଅଛି ।

ଆନନ୍ଦପୁର—ବୈତରଣୀ ନଦୀ କୂଳରେ ଅବସ୍ଥିତ । ଏହା ଏହି ସବୃଡିଭିଜନର ସଦର ମହକୁମା ଅଟେ । ଏହା ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନ ଅଟେ । ଏଠାରେ ଭଲ ସୂତା ଓ ଟସର ଲୁଗା ମିଳେ ।

ଦେଓଗାଁ—ଅନନ୍ଦପୁରର ଦକ୍ଷିଣ-ପୂର୍ବରେ ଅବସ୍ଥିତ । ଏହା ଗୋଟିଏ ପେଣ୍ଠ ଗ୍ରାମ ଅଟେ । ଏଠାରେ କୁଷଲେଶ୍ୱର ମହାଦେବଙ୍କ ମନ୍ଦିର ଅଛି । ଶିବରାତ୍ରି ଦିନଠାରୁ ୭ଦିନ ବ୍ୟାପୀ ଗୋଟିଏ ବଡ଼ ମେଳା ହୁଏ ।

ଫକୀରପୁର—ଅନନ୍ଦପୁର ସବ୍‌ଡିଭିଜନରେ ଅବସ୍ଥିତ । ଏହା ଟସର ଲୁଗା ପାଇଁ ବିଖ୍ୟାତ ।

ମୟୂରଭଞ୍ଜ ଜିଲା

ଅବସ୍ଥିତି—ଏହାର ଉତ୍ତର ଦିଗରେ ମେଦିନୀପୁର ଜିଲା, ଦକ୍ଷିଣରେ କେନ୍ଦୁଝର ଜିଲା, ପୂର୍ବରେ ବାଲେଶ୍ୱର ଜିଲା ଏବଂ ପଶ୍ଚିମରେ ବିହାର ପ୍ରଦେଶର ସିଂହଭୂମି ଜିଲା ଅବସ୍ଥିତ ।

ପ୍ରାକୃତିକ ଗଠନ—ଏହା ଓଡ଼ିଶାର ବିଖଣ୍ଡିତ ମାଳ-ଭୂମିରେ ଅବସ୍ଥିତ । ଏହା ପର୍ବତ ଓ ଅରଣ୍ୟରେ ପୂର୍ଣ୍ଣ ହୋଇଅଛି ।

Digitized by PPRACHIN, SOA

ମେଘାସନ ଏହି ଜିଲ୍ଲାର ଉଚ୍ଚତମ ପର୍ବତ । ଏହାର ଉଚ୍ଚତା ୩୮୨୪ ଫୁଟ । ଏହା ଛଡ଼ା ଗୋରୁମହିଷାଣି, ସୁଲେଇପାଟ ଓ ବାଦାମ-ପାହାଡ଼ ଲୁହାଖଣି ନିମିତ୍ତ ଭାରତପ୍ରସିଦ୍ଧ ଅଟେ ।



ନଦୀମାନଙ୍କର ନାମ—ବୈତରଣୀ ନଦୀର ପ୍ରଧାନ ଉପନଦୀ ସାଲନ୍ଦୀ ମେଘାସନ ପର୍ବତରୁ ବାହାରି ଏହି ଜିଲ୍ଲାମଧ୍ୟରେ କିଛି ଦୂର ପ୍ରବାହିତ ହୋଇ ବୈତରଣୀ ନଦୀରେ ପଡ଼ିଅଛି । ବୁଢ଼ାବଳଙ୍ଗ ନଦୀ ଶିମୁଳିପାଳ ପର୍ବତରୁ ବାହାରି ଏହି ଜିଲ୍ଲାମଧ୍ୟରେ କିଛି ଦୂର ପ୍ରବାହିତ ହୋଇଅଛି । ବରହିପାଣି ନାମକ ଗୋଟିଏ ସୁନ୍ଦର ଜଳପ୍ରପାତ ଅଛି । ଭାଣ୍ଡାର, ଶପଟ, ପଲପଲା, ଗଙ୍ଗାଧାର, ଶୋଳ ଓ ଜମ୍ବୀର ନଦୀ ଏହାର ପୂର୍ବପାଖରେ ଏବଂ ଖଡ଼କେଇ,

Digitized by PPRACHIN, SOA

ବିଙ୍କାତଳା, କାଲୁ, ଗଡ଼ଅ, ଖଇରଭଣ୍ଡାର, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବୈତରଣୀ ଏହାର ପଶ୍ଚିମ ପାଖରେ ପ୍ରବାହିତ ହେଉଅଛି ।

ଜଳବାୟୁ—ଏହା ସମୁଦ୍ରଠାରୁ ଦୂରରେ ଓ ପାହାଡ଼ିଆ ସ୍ଥାନ ହେତୁ ଖରାଦିନେ ବେଶୀ ଗରମ ଓ ଶୀତଦିନେ ବେଶୀ ଥଣ୍ଡା ଜଣାଯାଏ । ବର୍ଷାଦିନେ ମଧ୍ୟ ଅଧିକ ବର୍ଷା ହୁଏ ।

ଫସଲ—ଏହି ଜିଲାରେ ଧାନ, ମୁଗ ବିରି, କୋଳଥ, ଆଖୁ ଓ କପା ଉତ୍ପନ୍ନ କରାଯାଏ । ଅରଣ୍ୟରୁ ଝୁଣା, ମହମ, ମହୁ, ସାଲୁଅ, ଲାଖ, ଟସର, ଶାଳ, ପିଆଶାଳ, ସାଗୁଆନ, ଅଶନ, ଶିଶୁ ପ୍ରଭୃତି କାଠ ଓ ବାଉଁଶ ମଧ୍ୟ ମିଳେ ।

ଖଣିଜଦ୍ରବ୍ୟ—ରାଇରଙ୍ଗପୁର ସବ୍‌ଡିଭିଜନରେ ଥିବା ବାଦାମପାହାଡ଼, ଗୋରୁମହିଷାଣି ଓ ସୁଲେଇପାଟରୁ ଲୁହା ପଥର ଖୋଳାଯାଇ ଟାଟା କମ୍ପାନିକୁ ପଠାଯାଏ ।

ଶାସନ—ଏହି ଜିଲାକୁ ୪ଟି ସବ୍‌ଡିଭିଜନରେ ବିଭକ୍ତ କରାଯାଇଅଛି । ଯଥା—(୧) ବାରିପଦା (୨) କାପ୍ତିପଦା (୩) ରାଇରଙ୍ଗପୁର (୪) ପଞ୍ଚପୀଢ ।

ପ୍ରସିଦ୍ଧସ୍ଥାନ—



ବାରିପଦା—ଏହା ଏହି ଜିଲାର ସଦର ମହକୁମା ଓ ବାଣିଜ୍ୟର କେନ୍ଦ୍ର । ଏଠାରୁ ସିଲ୍କପାଟ, ତଜରପାଟ, ଝୁଣା, ଶାଳେଣୀ କାଠ ଓ ଟସର ରପ୍ତାନୀ ହୁଏ । ଏଠାରେ ମଠାଲୁଗା ଓ ଭଲ ଗଞ୍ଜି ତିଆରି କରାଯାଏ । ଏଠାରେ ଗୋଟିଏ କଲେଜ ଅଛି ।

Digitized by PPRACHIN, SOA

ଶୀର୍ଷା—ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ । ଏହା ଏକ ବାଣିଜ୍ୟର କେନ୍ଦ୍ର । ଏଠାରେ ମକରସଂକ୍ରାନ୍ତି ଦିନ ବଡ଼ ମେଳା ହୁଏ ।

ବେତନଟି—ଏହା ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନ ।

ବାଙ୍ଗିରପୋଷି—ଏଠାରେ ଧାନ, ଝୁଣା, କାଠ ଓ ଲୁହା କାରବାର ହୁଏ ।

ପ୍ରତାପପୁର—ବଳଙ୍ଗ ନଦୀକୂଳରେ ଅବସ୍ଥିତ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ମନ୍ଦିର ସକାଶେ ଏହା ବିଖ୍ୟାତ ।

ରାଇରଙ୍ଗପୁର—ଏହା ଏକ ବାଣିଜ୍ୟର କେନ୍ଦ୍ର ଓ ଏଠି ସବ୍‌ଡ଼ିଭିଜନର ସଦର ମହକୁମା ଅଟେ ।

ଦେଉଳି—ଧୋତି, ଶାଢ଼ୀ ଓ ଗାମୁଛା ଭଲ ତିଆରି ହୁଏ ।

କୁଲଡ଼ିଆ—ଏକ ରେଳଷ୍ଟେସନ । ଏଠାରେ ଲୁଗାକଳ ଅଛି ।

ବଦ୍ଲାଦା—କୀଚକେଶ୍ୱରୀ ଠାକୁରାଣୀଙ୍କର ମନ୍ଦିର ଏଠାରେ ଅଛି । ଚନ୍ଦ୍ର ପୂର୍ଣ୍ଣିମାକୁ ଏଠାରେ ଗୋଟିଏ ବଡ଼ ମେଳା ହୁଏ ।

କରଞ୍ଜିଆ—ଏହା ଏଠି ସବ୍‌ଡ଼ିଭିଜନର ସଦର ମହକୁମା ।

ଖିଚଙ୍ଗ—ଏଠାରେ ଭଲ ପଥର ବାସନ ମିଳେ । ଏହା ପ୍ରାଚୀନ ସୁନ୍ଦର ମନ୍ଦିର ଯୋଗୁ ପ୍ରସିଦ୍ଧ ।

ଉଦଳା—କାପ୍ତିପଦା ସବ୍‌ଡ଼ିଭିଜନର ସଦର ମହକୁମା ଅଟେ ।

କାପ୍ତିପଦା—ଏଠାରେ ଗୋଟିଏ ପ୍ରାଚୀନ ଦୁର୍ଗ ଅଛି ।

Digitized by PPRACHIN, SOA

ପ୍ରଶ୍ନ

୧। ଓଡ଼ିଶାର ପୂର୍ବ ଗଡ଼ଜାତ ଅଞ୍ଚଳର ୧୦ଟି ସହରର ନାମ ଲେଖ। [ବୃ. ପ୍ର. ୧୯୫୧]

୨। ତୁମ୍ଭଙ୍କୁ ଦିଆ ଯାଇଥିବା ଓଡ଼ିଶା ମାନଚିତ୍ରରେ ନିମ୍ନଲିଖିତ ବିଷୟମାନ ନିର୍ଦ୍ଦେଶ କର—

(କ) ବୈତରଣୀ ନଦୀ।

(ଖ) ଉପକୂଳ ଅଞ୍ଚଳର ଦୁଇଟି ସହର

(ଗ) ଝାର୍ସୁଗୁଡ଼ା ସହିତ ପୁରୀରୁ ତାଳଚେରକୁ ଯାଇଥିବା ରେଲପଥ।

(ଘ) ଓଡ଼ିଶା ରାଜଧାନୀ। [୧୯୫ ବୃତ୍ତିପରୀକ୍ଷା]

୩। ସମ୍ବଲପୁର, ମୟୂରଭଞ୍ଜ, ବଲାଙ୍ଗିରପାଟଣା ଜିଲ୍ଲାର କେଉଁ ସ୍ଥାନରେ କ କ ଶିଳ୍ପ ଦ୍ରବ୍ୟ ମିଳେ ? କାହିଁକି ?

୪।(କ) ଓଡ଼ିଶାର ପାର୍ବତ୍ୟ ଅଞ୍ଚଳରେ ୧୦ଟି ଭିନ୍ନ ପ୍ରକାର ଅରଣ୍ୟଲବ୍ଧ ଜିନିଷର ନାମ ଲେଖ। ସେଗୁଡ଼ିକ ଆମ୍ଭମାନଙ୍କର କ କ ଉପକାରରେ ଲାଗେ ?

(ଖ) ପାର୍ବତ୍ୟ ଅଞ୍ଚଳରେ କୃଷିକାର୍ଯ୍ୟ ନିମିତ୍ତ କ କ ପ୍ରାକୃତିକ ଅସୁବିଧା ରହିଅଛି ?

୫। ଶୂନ୍ୟସ୍ଥାନ ପୂରଣ କର—

(କ)—ଜଳପ୍ରପାତ ସୁନ୍ଦରଗଡ଼ ଜିଲ୍ଲାର—ସହରଠାରୁ ଦଶ ମାଇଲ ଦୂରରେ ଅବସ୍ଥିତ।

(ଖ) ମାଙ୍କଡ଼ ନଗ୍ର—ଜିଲ୍ଲାର ଉଚ୍ଚତମ ପର୍ବତ।

(ଗ)—ମନ୍ଦିର ନିକଟରେ ଗୋଟିଏ ଛିଦ୍ରରୁ ସବୁବେଳେ ଏକ ଚିରସ୍ରାବୀ ଜଳସ୍ରୋତ ଅଛି।

Digitized by PPRACHIN, SOA

(ଘ) ବରହ୍ମପର୍ଣ୍ଣ ଜଳପ୍ରପାତ—ପର୍ବତରୁ ବାହାରିଥିବା—ନଦୀରେ ଅବସ୍ଥିତ ।

(ଙ)—ପର୍ବତ କେନ୍ଦୁଝର ଗଡ଼ଠାରୁ ଦଶ ମାଇଲ ଦୂରରେ ଅବସ୍ଥିତ ଏବଂ —ଓ— ପାଇଁ ପ୍ରସିଦ୍ଧ ।

(ଚ) କଳାହାଣ୍ଡି ଜିଲ୍ଲାର—ଓ—ପାହାଡ଼ର ପ୍ରକୃତର ଦୃଶ୍ୟ ଅତି ସୁନ୍ଦର ।

(ଛ,—ଜଳପ୍ରପାତ ଭବାନୀପାଟଣାରୁ ଆଠ ମାଇଲ ଦୂରରେ ଅବସ୍ଥିତ ।

୨ । ନିମ୍ନଲିଖିତ ସ୍ଥାନଗୁଡ଼ିକ କେଉଁ ଜିଲାରେ ଅବସ୍ଥିତ ଓ କାହିଁକି ପ୍ରସିଦ୍ଧ ଲେଖ—

ଚିଟିଲଗଡ଼, ବାଲିଗୁଡ଼ା, ଢକର, ସୁଲେଇପାଟ, ଝୀଟିରେଶ୍ୱର-ମନ୍ଦିର, ବହଳଦା, ପାଳଟୋପ ଓ ସପ୍ତଶଯ୍ୟା ।

ସ ମା ପ୍ତ

ମୁଦ୍ରାକର— ଶ୍ରୀ ବନମାଳୀ ମିଶ୍ର, ନବଭାରତ ପ୍ରେସ,
କଟକ—୧୯୫୩

Digitized by PPRACHIN, SOA